R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୮୮
ତିଥି : ଚତୁର୍ଥୀ
୧୩ ଏପ୍ରିଲ ୨୦୨୪, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 188
13 April 2024, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ବଢୁଛି ଇସ୍ରାଏଲ-ଇରାନ ଉତ୍ତେଜନା

## ଦୁଇ ରାଷ୍ଟ୍ରକୁ ନଯିବା ଲାଗି ଭାରତୀୟଙ୍କୁ ପରାମର୍ଶ

ନୂଆଦିଲ୍ଲୀ, ୧୨।୪ : ଇରାନ ଓ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ବୈଷୟିକ ମନ୍ତ୍ରଣାଳୟ ପକ୍ଷରୁ ଆଗୁଆ ପଦକ୍ଷେପ ସ୍ୱରୂପ ଇରାନ ଓ ଇସ୍ରାଏଲକୁ ଭାରତୀୟମାନେ ଏବେ ନଯିବା ପାଇଁ ଅନୁରୋଧ କରାଯାଇଛି । ସେ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ନହେବା ଯାଏ ନଯିବା ଲାଗି କୁହାଯାଇଛି ।




ଇରାନ ପକ୍ଷରୁ ଇସ୍ରାଏଲରେ ଏୟାର ଷ୍ଟ୍ରାଇକ୍ ନେଇ ଧମକ ଆସିବା ପରେ ଏଭଳି ମାର୍ଗଦର୍ଶିକା ଜାରି କରାଯାଇଛି । ସେହିଭଳି ଆମେରିକା, ରୁଷିଆ ମଧ ସେମାନଙ୍କ କର୍ମଚାରୀ ଓ ନାଗରିକମାନଙ୍କୁ ସମାନ ମାର୍ଗଦର୍ଶିକା ଜାରି କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ନାଗରିକମାନେ ଏହି ଦୁଇ ଦେଶର ସ୍ଥିତିକୁ ପ୍ରଥମେ ଅନୁଧାନ କରନ୍ତୁ । ଯେପର୍ଯ୍ୟନ୍ତ ସେଠାରେ ସ୍ଥିତି ସ୍ୱାଭାବିକ ହୋଇନାହିଁ ଏଠାକୁ ଯେତେ ସମ୍ଭବ କମ୍ ଯାତ୍ରା କରନ୍ତୁ । ଇରାନ ଏବେ ୬ମାସ ଧରି ହମାସ ଆତଙ୍କବାଦୀଙ୍କ ଉପରେ ଇସ୍ରାଏଲ ପକ୍ଷରୁ ଚାଲିଥିବା ଆକ୍ରମଣକୁ ବିରୋଧ କରୁଛି । ସେମାନେ ହମାସ ଆତଙ୍କବାଦୀକୁ ସମର୍ଥନ କରୁଛନ୍ତି । ଆମେରିକା ମଧ ଏହି ପ୍ରସଙ୍ଗରେ ସାଉଦିଆରବ, ୟୁଏଇ, କର୍ତ୍ତାର ଓ ଇରାକର ବୈଦେଶିକ ମନ୍ତ୍ରୀଙ୍କ ସହ ଆଲୋଚନା କରିଛି । ସେମାନଙ୍କୁ କୁହାଯାଇଛି ଯେ ଇସ୍ରାଏଲ ସହ ଉତ୍ତେଜନା ହ୍ରାସ ପାଇଁ ପଦକ୍ଷେପ ନିଆଯାଉ ।

## କମଳା ଦାସଙ୍କ ଦେହାନ୍ତ



ଭୋଗରାଇ, ୧୨।୪ (ସବ୍ୟୁ) : ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଡା.କମଳା ଦାସ (୭୯)ରେ କଟକ ଅଶ୍ୱିନୀ ହସ୍ପିଟାଲରେ ଫୁସ୍‌ଫୁସ୍ ଜନିତ ରୋଗରେ ଚିକିତ୍ସା ହେଉଥିବାବେଳେ ଗୁରୁବାର ରାତି ୧୨.୧୫ ମିନିଟ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ।

### ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ତାଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି ।

ତାଙ୍କର ଦେହାନ୍ତ ଖବର ପ୍ରଚାର ପରେ ଓଡ଼ିଶାର (୯ ପୃଷ୍ଠାରେ)

## ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କୁ କ୍ୟାସ୍‌ଲେସ୍ ଚିକିତ୍ସା

ଭୁବନେଶ୍ୱର, ୧୨।୪ (ସବ୍ୟୁ) : ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିଂ କର୍ମଚାରୀ ଯଦି ଅଂଶୁଘାତରେ ଅସୁସ୍ଥ ହୁଅନ୍ତି ସେମାନଙ୍କୁ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ନିର୍ବାଚନକାଳୀନ ଡିୟୁଟି ସମ୍ବନ୍ଧୀୟ ନିଯୁକ୍ତିପତ୍ର ଦାଖଲ କରାଯିବା ପରେ ଏହି ଚିକିତ୍ସା ସୁବିଧା ଉପଲବ୍ଧ ହେବ । ବିଏସ୍‌କେୱାଇ ଜରିଆରେ ରାଜ୍ୟର କୋଟି କୋଟି ଲୋକ ଉପକୃତ ହେଉଛନ୍ତି । ତେବେ ନିୟୋଜିତ କର୍ମଚାରୀଙ୍କ ଲାଗି ଏହି ଯୋଜନାରେ ଏହି ସୁବିଧା ଉପଲବ୍ଧ କରାଯିବ । ଏଥିଲାଗି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ପ୍ୟାନେଲଭୁକ୍ତ ହୋଇଥିବା ସମସ୍ତ ଘରୋଇ ହସ୍ପିଟାଲଗୁଡିକୁ ଚିଠି କରାଯାଇଛି । ସୂଚନାଯୋଗ୍ୟ ନିର୍ବାଚନ ସମୟରେ ପ୍ରବଳ ଗ୍ରୀଷ୍ମପ୍ରବାହର ସମ୍ଭାବନା ରହିଛି । ଏନେଇ ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ ସତର୍କ କରାଇ ଦିଆଯାଇଛି । ଫଳରେ ନିର୍ବାଚନରେ ନିୟୋଜିତ କର୍ମଚାରୀମାନେ ଅଂଶୁଘାତର ଶିକାର ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

## ବଡଦାଣ୍ଡରେ ଥିବା ଶଙ୍ଖକୁ ଆବରଣ କରାନଯାଉ

ଭୁବନେଶ୍ୱର, ୧୨।୪ (ସବ୍ୟୁ) : ବଡଦାଣ୍ଡରେ ଥିବା ଶଙ୍ଖ ଓ ଲକ୍ଷ୍ମୀ ବସ୍ ଲୋଗୋ ଯୋଡିଶଙ୍ଖ ନଘୋଡେଇବା ଲାଗି ବିଜେଡି ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି । ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ଅନୁରୋଧ କରିଛନ୍ତି ।



ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ଶଙ୍ଖ ହେଉଛି ଓଡ଼ିଆଙ୍କ ଗର୍ବ ଓ ଓଡିଆଙ୍କ ଅସ୍ମିତା । ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ପ୍ରତୀକ ମଧ । ଏହା ଉଭୟ ସାଂସ୍କୃତିକ ଓ ଧାର୍ମିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଶଙ୍ଖର ଶବ୍ଦ ପ୍ରତି ଓଡ଼ିଆର ହୃଦୟରେ ରହିଛି । ସେହିଭଳି ଯୋଡିଶଙ୍ଖ ହେଉଛି ଏକ ଅନନ୍ୟ ଲୋକକଳାର ମୁଖୁଡା । ଏଥିରେ ନୃତ୍ୟ ମଧ ହୋଇଥାଏ । କଳାକାରମାନେ ରଙ୍ଗୀନ ପୋଷାକ

### ସିଇଓଙ୍କୁ ଭେଟିଲା ବିଜେଡି

ପିନ୍ଧି ଦୁଇଟି ଶଙ୍ଖ ଧରି ନୃତ୍ୟ କରିଥାନ୍ତି । ସେମାନେ ମଧ ଶଙ୍ଖକୁ ଫୁଙ୍କିଥାନ୍ତି । ଏହା ହେଉଛି ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ଗର୍ବ । ଶଙ୍ଖ ଓ ଯୋଡିଶଙ୍ଖ ସହ (୯ ପୃଷ୍ଠାରେ)

## ୧୭ ରୁ ୨୦ ଯାଏ ଭୟଙ୍କର ତାତି

### ୪୩ରୁ ୪୫° ଛୁଇଁବ ତାପମାତ୍ରା

ଭୁବନେଶ୍ୱର, ୧୨।୪ (ସବ୍ୟୁ): ରାଜ୍ୟକୁ ତାତି ଫେରୁଛି । ଆଗାମୀ ୧୭ରୁ ୨୦ ତାରିଖ ଯାଏ ସାଙ୍ଘାତିକ ସ୍ଥିତି ରହିବ । ଏହି ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ୧୫ ଡିଗ୍ରୀ ଯାଏଁ ତାପମାତ୍ରା ବଢ଼ିବ । ୪୩ରୁ ୪୫ ଡିଗ୍ରୀ ଯାଏଁ ତାପମାତ୍ରା ଛୁଇଁପାରେ । ଅସହ୍ୟ ପାଣିପାଗ ସ୍ଥିତି ସୃଷ୍ଟି ହେବ । ଏହା ଶରୀର ପାଇଁ ଘାତକ ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ।

ଆସନ୍ତାକାଲି(ଶନିବାର)ଠୁ ରାଜ୍ୟରେ ଧିରେ ଧିରେ ତାପମାତ୍ରା ବଢିବ । ପରବର୍ତ୍ତୀ ୪ରୁ ୫ ଦିନ ମଧରେ ୬ ରୁ ୮ ଡିଗ୍ରୀ ପର୍ଯ୍ୟନ୍ତ ତାତି ବୃଦ୍ଧି ପାଇବ । ୧୬ ତାରିଖରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ୧୩ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛ । ୧୭ରୁ ସାଂଘାତିକ ତାତି । ସବୁଠି ରାଜ କରୁଛି ଗ୍ରୀଷ୍ମ ପ୍ରବାହ । ୧୫ ଡିଗ୍ରୀ ପର୍ଯ୍ୟନ୍ତ ବଢିପାରେ ତାପମାତ୍ରା । ୪୩ ରୁ ୪୫ ଡିଗ୍ରୀ ଛୁଇଁବ ଆଭ୍ୟନ୍ତରୀଣ ଓଡ଼ିଶା । (୯ ପୃଷ୍ଠାରେ)

## ନିର୍ବାଚନ ଭଣ୍ଡୁର ଲାଗି ମାଓ ସଂଗଠନର ଯୋଜନା

ମାଲକାନଗିରି, ୧୨।୪ (ସବ୍ୟୁ) : ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ନେଇ ମାଓ ସଂଗଠନର କେନ୍ଦ୍ରୀୟ କମିଟି ପ୍ରଥମରୁ ହିଁ ଲୋକଙ୍କୁ ଏଥିରେ ଭାଗ ନନେବାକୁ ଆହ୍ୱାନ ଦେଇଛି। ତେବେ ଶନିବାର ଠାରୁ ମାଓ ସଂଗଠନ ପକ୍ଷରୁ ଛତିଶଗଡ ଏବଂ ମାଲକାନଗିରି ଜିଲ୍ଲାର ଦୁର୍ଗମ ଗାଁ ଗୁଡିକରେ ମାଓବାଦୀ ନିର୍ବାଚନକୁ ଭଣ୍ଡୁର କରିବା ନେଇ ରାଲିର ଆୟୋଜନ କରିବା ନେଇ ସ୍ପଷ୍ଟ କରିଛି। ଦୀର୍ଘ ଦିନ ଧରି ମାଲକାନଗିରି ଜିଲ୍ଲାରେ ମାଓବାଦୀଙ୍କ କୌଣସି ଗତିବିଧି କିମ୍ବା ଅଘଟଣ ଘଟାଇବା ଭଳି କୌଣସି ଘଟଣା ଘଟିନଥିଲେ ମଧ ମାଓ ଚୁପ ରହିବା ଆଗକୁ ବିପଦ ଆସୁଥିବାର ଆଶଙ୍କା କରାଯାଉଛି।

ଛତିଶଗଡରେ ମାଓବାଦୀ ପ୍ରତିଦିନ କୌଣସି ନା କୌଣସି ସ୍ଥାନରେ ହିଂସା ଘଟାଉଥିବା ବେଳେ ମାଲକାନଗିରିରେ ସେଭଳି କୌଣସି ଘଟଣା ଘଟୁ ନାହିଁ। କିନ୍ତୁ ପୁଲିସ ଏବଂ ସୁରକ୍ଷାକର୍ମୀ ସତର୍କତା ଅବଲମ୍ବନ କରୁଛନ୍ତି। ଆଗକୁ ଛତିଶଗଡ଼ରେ ଲୋକସଭା ଏବଂ ଓଡିଶାରେ ବିଧାନସଭା ନିର୍ବାଚନ ରହିଥିବାରୁ ଦିଲ୍ଲୀ ଠାରୁ ମାଲକାନଗିରି ପର୍ଯ୍ୟନ୍ତ ମାଓ ଦମନ ନେଇ ବୈଠକ ବସୁଛି। ମାଓ ଗତିବିଧି ଉପରେ ଗୁଇନ୍ଦା ତୀକ୍ଷଣ ନଜର ରଖିଥିବା ବେଳେ କୌଣସି ଅଘଟଣକୁ ଏଡାଇବା ପାଇଁ ସମସ୍ତେ ସଜାଗ ରହିଛନ୍ତି। ସେହିପରି ଓଡିଶା ଓ ଛତିଶଗଡ଼ ସୀମାରେ ହାଇଆଲର୍ଟ ଜାରି କରାଯାଇଛି। ସୀମାରେ କଡ଼ାକଡ଼ି ଯାଞ୍ଚ ଚାଲିଛି। ସମସ୍ତ ଯାନବାହନ ସହ ସନ୍ଦେହ କରାଯାଉଥିବା ବ୍ୟକ୍ତିଙ୍କୁ ଅଟକାଇ ପଚରାଉଚରା କରାଯାଉଛି। ମାଓବାଦୀ ଯେପରି ନିର୍ବାଚନକୁ ଭଣ୍ଡୁର ନକରିପାରନ୍ତି ସେଥିପାଇଁ କଡାକଡି ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୀମାରେ ଓଡ଼ିଶା ଏବଂ ଛତିଶଗଡ଼ର ସୁରକ୍ଷାକର୍ମୀ ମିଳିତ ଭାବେ କୁମ୍ବିଂ କରୁଛନ୍ତି । ଶନିବାର ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ମାଓ ସଂଗଠନ ପକ୍ଷରୁ ଗାଁ ଗାଁରେ ସଚେତନତା ରାଲି ସହ ନିର୍ବାଚନକୁ ବର୍ଜନ କରିବା ପାଇଁ ଯେଉଁ ଆହ୍ୱାନ ଦିଆଯାଇଛି, ତାହା ଗୁରୁତ୍ୱର ସହ ନେଇଛି ପୁଲିସ। ଏପ୍ରିଲ ୧୫ ତାରିଖ ଦିନ ୫ଟି ରାଜ୍ୟରେ ବନ୍ଦ ଡାକରା ଦିଆଯାଇଥିବାରୁ ତାକୁ ନେଇ ଏବେ ଠାରୁ ପୁଲିସ ସତର୍କତା ଅବଲମ୍ବନ କରୁଛି। ସମସ୍ତ ମାଓ ପ୍ରବଣ ଅଞ୍ଚଳଗୁଡିକରେ ସର୍ଚ୍ଚ ଅପରେସନକୁ (୯ ପୃଷ୍ଠାରେ)






## ଇତିହାସ

୧୬୯୯ – ଶିଖ୍‌ମାନଙ୍କର ଦଶମ ଗୁରୁ ଗୋବିନ୍ଦ ସିଂଙ୍କ ଦ୍ୱାରା ଖାଲସା ପନ୍ଥର ସ୍ଥାପନା ।

୧୯୧୯ – ଇଂଗ୍ରେଜଙ୍କ ଦ୍ୱାରା ଜାଲିଆନାୱାଲା ବାଗ୍ ହତ୍ୟାକାଣ୍ଡ ।

୧୯୪୭ – ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ସମ୍ବନ୍ଧ ସ୍ଥାପିତ ।

୧୯୬୦ – ସାହାରା ମରୁଭୂମିରେ ଫ୍ରାନ୍ସର ପରମାଣୁ ବୋମାର ପରୀକ୍ଷଣ ।

୧୯୮୪ – ଭାରତୀୟ କ୍ରିକେଟ ଦଳ ପ୍ରଥମଥର ପାଇଁ ଏସିଆ କପ୍ ଜିତିଥିଲା ।

୨୦୦୪ – ଟେଷ୍ଟ କ୍ରିକେଟରେ ବ୍ରାଏନ ଲାରାଙ୍କର ରେକର୍ଡ଼ ସ୍କୋର (୪୦୦ ରନ୍) ।

୨୦୧୧ – ତୋହାକୁରେ ଭୂକମ୍ପ ଓ ସୁନାମି ପ୍ରକୋପରେ ଅନେକଙ୍କ ମୃତ୍ୟୁ ।

୨୦୧୩ – ପାକିସ୍ତାନର ପେଶାବରରେ ଗୋଟିଏ ବସ୍‌ରେ ବିସ୍ଫୋରଣ କାରଣରୁ ୮ ଜଣଙ୍କର ମୃତ୍ୟୁ ।

## ସୋସିଆଲ କୋଟ୍ସ



ମୁଁ ବେସରମରେ ଖୁବ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଥିଲି । ହେଲେ ମୁଁ ୧୦ ଦିନର ସୁଟିଂ କରିବା ପରେ ମୋତେ ସେଟ୍‌ରୁ ବାହାର କରିଦିଆଯାଇଥିଲା । ମୋତେ କୁହାଯାଇଥିଲା କି ମୋର ଆଉ ସୁଟିଂ ନାହିଁ ।

**ବିଜେନ୍ଦ୍ର କାଲା, ଅଭିନେତା**



ମୁଁ ମୈଦାନ ଦେଖିଲି, ଖୁବ ଭଲ ଲାଗିଲା । ଏହା ଏପରି ଏକ ଫିଲ୍ମ ଯାହା ଦେଖିବା ପରେ ସମସ୍ତ ଭାରତୀୟ ଗର୍ବ ଅନୁଭବ କରିବେ । ଅଜୟଙ୍କ ଅଭିନୟ ଖୁବ ଭଲ ହୋଇଛି ।

**ଜାଭେଦ୍ ଅଖତର, ଫିଲ୍ମ ମେକର**



ଯେତେବେଳେ ଜବ୍ ୱି ମେଟ୍‌ର 'ମୌଜା ହି ମୌଜା' ଗୀତ ସୁଟିଂ କରୁଥିଲୁ ସେତେବେଳେ ଏହି ଗୀତକୁ କେହି ବୁଝି ପାରି ନଥିଲେ । ହେଲେ ସମସ୍ତଙ୍କୁ ଏହାର ବିଟ୍ ଖୁବ ଭଲ ଲାଗୁଥିଲା ।

**ଇମ୍‌ତିଆଜ୍ ଅଲ୍ଲୀ, ଫିଲ୍ମମେକର**

# କପି କରୁଛି ପୋଲିସ ସାଇରନ



ୟୁକେର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଏଠାରେ ବର୍ତ୍ତମାନ ଏକ ପକ୍ଷୀ ପୋଲିସକୁ ନାକେଦମ କରିବାରେ ଲାଗିଛି । ସୂଚନା ଅନୁସାରେ ୟୁକେର ଏକ ପକ୍ଷୀ ପୋଲିସ୍‌ର ସାଇରନ୍‌କୁ ଅବିକଳ କପି କରିବାରେ ଲାଗିଛନ୍ତି । ଯାହାର ଭିଡିଓ ସୋସିଆଲ ମିଡିଆରେ ପଡିବା ପରେ ପୋଲିସର ତତ୍ପରତା ବଢିଛି । ଏହା ଦ୍ୱାରା ସାଧାରଣ ଲୋକ ହଇରାଣ ହେବାର ସମ୍ଭାବନା ରହିଥିବାରୁ ପୋଲିସ ତତ୍ପରତା ଦେଖାଇଛି । ପକ୍ଷୀଟିର ନାଁ ସିଙ୍ଗିଂ ଷ୍ଟାର୍‌ଲିନ୍ ହୋଇଥିବା ବେଳେ ଏହା ଦେଖିବାକୁ ସମ୍ପୂର୍ଣ୍ଣ କଳା ଓ ଏହାର ଲାଞ୍ଜ ଖୁବ ଛୋଟ । ସେହିଭଳି ଏମାନଙ୍କର ପକ୍ଷୀରେ ଶୀତ ଦିନେ ଧଳା ସ୍ପଟ ହେଉଥିବାବେଳେ ଖରା ଦିନେ କଳା ହୋଇଯାଇଥାଏ । ସୋସିଆଲ ମିଡିଆରେ ଭାଇରାଲ ଭିଡିଓରେ ପକ୍ଷୀଟି ଅବିକଳ ପୋଲିସ ସାଇରନ୍‌କୁ କପି କରୁଥିବାର ଦେଖିବାକୁ ମିଳୁଛି ।

# କିକୁଚି

ବିଶ୍ୱରେ ଅନେକ ବିରଳ ସମସ୍ୟା ରହିଛି, ଯାହା ବିଷୟରେ ଖୁବ କମ ଲୋକ ଜାଣିଥାଆନ୍ତି । ସେହିଭଳି ଏକ ବିରଳ ରୋଗ ହେଲା କିକୁଚି । ଏହାକୁ ୧୯୭୨ରେ ଜାପାନରେ ଚିହ୍ନଟ କରାଯାଇଥିଲା । ଏହି ସମସ୍ୟା ଆମ ଶରୀରରେ ଥିବା ଲିମ୍ଫ ନୋଡକୁ ପ୍ରଭାବିତ କରିଥାଏ । ଏହି ରୋଗର କାରଣ ଏବେ ଯାଏଁ ଜଣା ପଡିନାହିଁ, ହେଲେ ଗବେଷକଙ୍କ ମତରେ ଏହା ଏକ ପ୍ରକାରର ସଂକ୍ରମଣ । ଏହି ସଂକ୍ରମଣ କେମିକାଲ, ପ୍ଲାଷ୍ଟିକ୍ ଏବଂ ନିଓପ୍ଲାଷ୍ଟିକ ଜରିଆରେ ହୋଇଥାଏ । ତେବେ ଏହା ବିଶେଷ ଭାବେ ୨୦ ରୁ ୩୦ ବର୍ଷ ଭିତରେ ହୋଇଥାଏ ବୋଲି ଗବେଷକ ମତ ଦେଇଛନ୍ତି । ଏହା ପ୍ରଥମେ ଲିମ୍ଫନୋଡ୍ ଫୁଲିବାରୁ ଆରମ୍ଭ ହୋଇଥାଏ । ଏହାର ପ୍ରଥମ ଲକ୍ଷଣ ଜ୍ୱର ହୋଇଥାଏ । ସେହିଭଳି କୌଣସି ଫ୍ଲୁ ହେଲେ ଆମର ଯେଉଁ ଲକ୍ଷଣ ଦେଖିବାକୁ ମିଳେ ଏହି ରୋଗରେ ମଧ୍ୟ ସେହିଭଳି ଲକ୍ଷଣ ଦେଖିବାକୁ ମିଳିଥାଏ । କିଛି ଲୋକଙ୍କ ନିକଟରେ ଲାଲ୍ ପ୍ୟାଚ୍ ମଧ୍ୟ ଦେଖିବାକୁ ମିଳିଥାଏ । ଯଦି ଏଭଳି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏହାକୁ ଚିହ୍ନଟ କରିବାର ବିଭିନ୍ନ ଉପାୟ ରହିଛି, ଯାହା ଆପଣ ଡାକ୍ତରଙ୍କ ପରାମର୍ଶରେ କରିପାରିବେ ।




# ହୋଡିଂ ଆକାରର ବିବାହ କାର୍ଡ




ବର୍ତ୍ତମାନ ସମସ୍ତେ ବିଭିନ୍ନ ଷ୍ଟାଇଲ୍‌ରେ ନିଜର ବିବାହ କାର୍ଡ ପ୍ରସ୍ତୁତ କରୁଛନ୍ତି, ଏହାପଛରେ ଉଦ୍ଦେଶ୍ୟ ରହୁଛି ଭିଡ ଭିତରେ ଅଲଗା ହେବା । ସେହିଭଳି ଏକ ୟୁନିକ୍ ବିବାହ ନିମନ୍ତ୍ରଣ କାର୍ଡ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଏହି କାର୍ଡର ଆକାର ଏତେ ବଡ ରହିଛି କି ଏହାକୁ ନେବା ପାଇଁ ଟ୍ରକର ଆବଶ୍ୟକ ପଡିବ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । କାର୍ଡଟି ମହାରାଷ୍ଟ୍ରରେ ଛପା ଯାଇଛି ଯାହା ଏକ ହୋଡିଂ ଆକାରର । ତେବେ ଏହା କୌଣସି ସତସତିକା ବିବାହ କାର୍ଡ ନୁହେଁ ବରଂ ନିର୍ବାଚନକୁ ଆଖିରେ ରଖି ପ୍ରସ୍ତୁତ କରାଯାଇଛି । ଏଠାରେ ବିବାହର ତାରିଖ ପୁଣେ ସହରର ମତଦାନ ତାରିଖ ଥିବାବେଳେ ବରର ନାଁ ମତଦାତା ଓ କନ୍ୟାଙ୍କ ନାମ ଲୋକତନ୍ତ୍ର ବୋଲି ଉଲ୍ଲେଖ ରହିଛି ।

# ମଟନ ବରା

**ସାମଗ୍ରୀ–** ୨୦୦ ଗ୍ରାମ ମଟନ କିମା, ୨ ଚାମଚ ବେସନ, ଅଧା କପ ଚଣା ଡାଲି, ୨ ଚାମଚ ପାନମଧୁରୀ, ୨ ଚାମଚ ଜିରା, ଏକ ଚାମଚ ରସୁଣ ପେଷ୍ଟ, ଧନିଆ ପତ୍ର, ଏକ ଚାମଚ ଅଦା ପେଷ୍ଟ, କଟା ପିଆଜ ଏକ ଚାମଚ, ଏକ ଚାମଚ ଗରମ ମସଲା, ଭୃସଙ୍ଗ ପତ୍ର, ଶୁଖିଲା ଲଙ୍କା ।



**ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ପାନମଧୁରୀ,ଚଣା ଡାଲି, ଜିରା ଓ କଞ୍ଚା ଲଙ୍କା ଗୋଳାଇ ନିଅନ୍ତୁ । ଏହାପରେ ପାଣି ଦେଇ ଚଣା ଡାଲିକୁ ବତୁରାଇ ନିଅନ୍ତୁ । କିଛି ସମୟରେ ପରେ ଏହାକୁ ବାଟି ନିଅନ୍ତୁ । ଏହାପରେ ମଟନ କିମାକୁ ଗ୍ରାଇଣ୍ଡରରେ ବାଟି ନିଅନ୍ତୁ । ଏହାକୁ ଏକ ପେଷ୍ଟ ଭଳି କରନ୍ତୁ । ଏହି ପେଷ୍ଟରେ ବେସନ, ମେଥି ଓ ଗରମ ମସଲା ପକାଇ ଗୋଳାଇ ନିଅନ୍ତୁ । ଗୋଟିଏ ଅଲଗା ପାତ୍ରରେ ଭୃସଙ୍ଗ ପତ୍ର, କଟା ପିଆଜ, ଧନିଆ ପତ୍ର, ଅଦା ରସୁଣ ବଟା ଓ ଲୁଣ ମିଶାଇ ଗୋଳାଇ ନିଅନ୍ତୁ । ବର୍ତ୍ତମାନ ସମସ୍ତ ଜିନିଷକୁ ମିଶାଇ ଛୋଟ ଛୋଟ ଗୁଳା ଆକାରର କରନ୍ତୁ । ଏହାକୁ ବରା ଭଳି ଆକାରଦେଇ ତେଲରେ ଛାଣି ନିଅନ୍ତୁ ପ୍ରସ୍ତୁତ ହୋଇଗଲା ମଟନ ବରା ।



# ଭାଇରାଲ ୱେଟ୍ରେସ୍

ରୋବୋଟିକ୍ ଟେକ୍ନୋଲୋଜି ଫୁଡ୍ ଇଣ୍ଡଷ୍ଟ୍ରୀରେ ଖୁବ ଭାଇରାଲ ହେବାରେ ଲାଗିଛି । ଅନେକ ରେସ୍ତୋରାଁରେ ରୋବଟକୁ ବ୍ୟବହାର କରି ବିଭିନ୍ନ କାର୍ଯ୍ୟ କରାଯାଉଛି । ଖାଦ୍ୟ ପରଷିବା ଠାରୁ ଆରମ୍ଭ କରି ଖାଦ୍ୟ ପ୍ରସ୍ତୁତି ସବୁଥିରେ ରୋବଟକୁ ବ୍ୟବହାର କରାଯାଉଛି । ତେବେ ବର୍ତ୍ତମାନ ବର୍ତ୍ତମାନ ଚୀନର ଗୋଟିଏ ରୋବଟ ଭାଇରାଲ ହେବାରେ ଲାଗିଛି । ଏହି ରୋବଟଟିକୁ ଚିହ୍ନିବାରେ ଲୋକ ଭୁଲ କରୁଛନ୍ତି । ଅନେକ ଲୋକ ଏହାକୁ ସତ ମଣିଷ ବୋଲି ଭାବୁଛନ୍ତି । ରୋବଟଟି ଏତେ ଅବିକଳ ହୋଇଛି କି ଯିଏ ବି ପ୍ରଥମ ଥର ଦେଖିବ ସେ ଧୋକା ଖାଇବ । ପାଖରୁ ଯାଇ ଦେଖିବା ପରେ ଜଣା ପଡୁଛି କି ଏହା ଲୋକ ନୁହେଁ ବରଂ ରୋବଟ ଯିଏ ଖାଦ୍ୟ ପରଷୁଛି ।

# ଭର୍ସାଟାଇଲ ନିତୁ



ନିକଟରେ ଆମେରିକାରେ ଆୟୋଜନ ହୋଇଥିବା ବ୍ଲୁ ୱେଭ୍ ଇଭେଣ୍ଟରେ ଉମରା ଓ ଜାନ୍ ଅଦା ଚରିତ୍ରରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ ଅଭିନେତ୍ରୀ ନିତୁ ଚନ୍ଦ୍ରା । ତେବେ ନିତୁଙ୍କୁ ବର୍ତ୍ତମାନ ଭାରତର ଭର୍ସାଟାଇଲ ଅଭିନେତ୍ରୀର ଆଖ୍ୟା ମିଳିଛି । ୨୦୦୩ରେ ତେଲୁଗୁ ଫିଲ୍ମ ବିଷ୍ଣୁରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ନିତୁ ବର୍ତ୍ତମାନ ସୁଦ୍ଧା ଏକାଧୀକ ଇଣ୍ଡଷ୍ଟ୍ରୀରେ କାମ କରି ସାରିଲେଣି । ଏହାପରେ ୨୦୦୫ରେ ତାଙ୍କୁ ହିନ୍ଦି ଫିଲ୍ମ ଗରମ ମସାଲାରେ ବଲିଉଡ ଡେବ୍ୟୁ କରିଥିବାର ଦେଖିବାକୁ ମିଳିଥିଲା । କେବଳ ହିନ୍ଦି ନୁହେଁ ତାଙ୍କୁ ତେଲୁଗୁ, ତାମିଲ, କନ୍ନଡ, ଭୋଜପୁରୀ, ଗ୍ରିକ୍ ଓ ହଲିଉଡ ଭଳି ଇଣ୍ଡଷ୍ଟ୍ରୀରେ ଦେଖିବାକୁ ମିଳିଥିଲା । ଶେଷଥର ପାଇଁ ତାଙ୍କୁ ହଲିଉଡ ଫିଲ୍ମ ନେଭର ବ୍ୟାକ୍ ଡାଉନ୍‌ରେ ଦେଖିବାକୁ ମିଳିଥିଲା । ଏହା ଏକ ଆମେରିକାନ ମାର୍ସିଆଲ ଆର୍ଟ ଫିଲ୍ମ ଥିଲା, ଯେଉଁଥିରେ ନିତୁଙ୍କୁ ଆକସନ୍ କରୁଥିବାର ଦର୍ଶକ ଦେଖିବାକୁ ପାଇଥିଲେ । କେବଳ ଅଭିନେତ୍ରୀ ନୁହେଁ ପ୍ରଯୋଜକ ଭାବେ ମଧ୍ୟ ନିତୁ ଦୁଇଟି ଫିଲ୍ମର ପ୍ରଯୋଜନା କରିଛନ୍ତି । ଆଗକୁ ବି ଟାଉନ୍‌ରେ ଆହୁରି ଅଧିକ କାମ କରିବାକୁ ଇଚ୍ଛା ରଖିଛନ୍ତି ନିତୁ । ସେହିଭଳି ଅନ୍ୟ ଇଣ୍ଡଷ୍ଟ୍ରୀରେ ଯଦି ସୁଯୋଗ ମିଳେ ତେବେ ନିଜ ଟାଲେଣ୍ଟ ଦେଖେଇବାକୁ ରାଜି ଅଛନ୍ତି ଏହି ଭର୍ସାଟାଇଲ୍ ନାୟିକା ।

# ଲେଦର ଫ୍ୟାଶନ



**କ୍ଲାସି ଲୁକ୍ କଥା ଆସିଲେ ଆଗ ମନେପଡିଥାଏ ଲେଦର ଡ୍ରେସ । ସେହିଭଳି ରେଡ୍ କାର୍ପେଟ୍ ହେଉ କିମ୍ବା ସାଙ୍ଗମାନଙ୍କ ସହିତ କୌଣସି ପାର୍ଟି ସବୁଥିପାଇଁ ଲେଦର ଡ୍ରେସ୍ ପରଫେକ୍ଟ ହୋଇଥାଏ । ଏହା ଆପଣଙ୍କୁ ଏକ ଏଲିଗାଣ୍ଟ୍ ଲୁକ୍ ଦେଇଥାଏ, ଯାହା ସମସ୍ତଙ୍କୁ ପସନ୍ଦ ଆସିଥାଏ ।**

**ଫକ୍ସ ଲେଦର୍–** ଫକ୍ସ ଲେଦରର ବଡିକନ ଡ୍ରେସ ସମସ୍ତଙ୍କୁ ମାନିଥାଏ । ଫକ୍ସ ଲେଦର୍‌ର ଅର୍ଥ ଏହା ପ୍ଲାଷ୍ଟିକରୁ ପ୍ରସ୍ତୁତ ହୋଇଥାଏ । ଏହାର ଫିଟିଂ ଖୁବ ଭଲ ହୋଇଥାଏ । ତେବେ ଏହି ଡ୍ରେସ୍ ଆପଣଙ୍କୁ ଏକ ଭଲ ବଡି ସେପ୍ ପ୍ରଦାନ କରିବାରେ ସାହାଯ୍ୟ କରିଥାଏ । ଏହା ଖୁବ ଭର୍ସାଟାଇଲ ତେଣୁ ଏହାକୁ ଯେ କୌଣସି ଲୋକ ପିନ୍ଧି ପାରିବେ । ଏହାକୁ ସବୁବେଳେ ନ୍ୟାଚୁରାଲ ଲୁକିଂ ମେଟେରିଆଲରୁ ପ୍ରସ୍ତୁତ କରାଯାଇଥାଏ, ଯାହା ଏହାକୁ ବେଶ୍ କମ୍ଫଟେବଲ୍ କରିଥାଏ । ସେହିଭଳି ଏହାର ବିଭିନ୍ନ ଭେରାଇଟି ରହିଛି ତେଣୁ ନିଜ ପସନ୍ଦ ହିସାବରେ ଆପଣ ଏହାକୁ ବାଛି ପାରିବେ ।

**ବ୍ରାଉନ ଲେଦର–** ଲେଦର ଭିତରେ ବ୍ରାଉନ୍ ଲେଦରର ଡିମାଣ୍ଡ୍ ଖୁବ ଅଧିକ । ଯେଉଁମାନଙ୍କୁ ସଫ୍ଟ ଲୁକ୍ ପସନ୍ଦ ସେମାନଙ୍କ ପାଇଁ ବ୍ରାଉନ୍ ଲେଦର ଖୁବ ଭଲ ଅପସନ୍ । ଏହା ଆପଣଙ୍କୁ ଖୁବ ସଫ୍ଟ ଲୁକ୍ ଦେଇଥାଏ । ଏହାର ବିଭିନ୍ନ ଡ୍ରେସ୍ ରହିଛି, ଯାହାକୁ ଆପଣ ଛୋଟମୋଟ ଫଙ୍କସନ୍‌ରେ ପିନ୍ଧି ପାରିବେ । ଯେଉଁମାନଙ୍କୁ ହାଲକା ଫୁଲକା ଷ୍ଟାଇଲ୍ ପସନ୍ଦ ସେମାନଙ୍କ ଭିତରେ ଏହା ବେଶ୍ ପପୁଲାର ।

**ଲଙ୍ଗ୍ ଲେଦର୍–** ଲେଦର ପ୍ରେମୀଙ୍କ ଡ୍ରେସ୍ ତାଲିକାରେ ଲଙ୍ଗ ଲେଦର ଡ୍ରେସ୍ ଗୁଡିକ ସବୁଠାରୁ ଆଗରେ ରହିଥାଏ । ଏହି ଷ୍ଟାଇଲ ଖୁବ ଦିନ ହେବ ଟ୍ରେଣ୍ଡ୍‌ରେ ରହିଛି । ଏହାର ପ୍ରାଇସ୍ ମଧ୍ୟ ଆଫୋର୍ଡେବଲ୍ ରହିଥାଏ ତେଣୁ ଲୋକ ଏହାକୁ ନିଜ ବଜେଟ୍‌ରେ ଆଡ କରିଥାଆନ୍ତି । ଏହା ଲେଦର ଷ୍ଟାଇଲ୍‌ରେ ଏକ ମେଜର ଷ୍ଟେଟମେଣ୍ଟ ଭାବେ ପରିଗଣିତ ।



# ଅଶୋକାଷ୍ଟମୀ ପାଇଁ କମିଶନରେଟ୍ ପୋଲିସର ସମନ୍ୱୟ ବୈଠକ



ଭୁବନେଶ୍ୱର (ସବ୍ୟୁ): ଆସନ୍ତା ୧୬ତାରିଖରେ ପବିତ୍ର ଅଶୋକାଷ୍ଟମି ଉପଲକ୍ଷେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ହେବାକୁ ଥିବା ରକୁଣା ରଥ ଯାତ୍ରା ପାଇଁ ଜନସମାଗମକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଶୁକ୍ରବାର କେଦାରଗୌରି ମନ୍ଦିର ନିକଟସ୍ଥ ମା କଲ୍ୟାଣ ମଣ୍ଡପରେ କମିସନରେଟ ପୁଲିସ ତରଫରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । କମିସନରେଟ ପୁଲିସ ତରଫରୁ ଆୟୋଜିତ ଏହି ବୈଠକରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଅତିରିକ୍ତ ବିଏମସି କମିଶନର ଘାଷିରାମ ମୁର୍ମୁ, ଟ୍ରାଫିକ ଡିସିପି ପି. କେ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀ ଗଣ, ଅଗ୍ନିଶମ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଗଣ, ଶ୍ରୀ ଲିଙ୍ଗରାଜ ମନ୍ଦିରର ପୂଜକ, କର୍ମକର୍ତ୍ତା ଓ ସେବାୟତ ନିଯୋଗର ସଦସ୍ୟ ଗଣ ତଥା ଅନ୍ୟାନ୍ୟ ବିଭାଗ ଯଥା ର୍ନିମାଣସୌଧ, ଜଳ ବିଭାଗ, ବିଦ୍ୟୁତ ବିଭାଗର ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନେ ଏହି ସମନ୍ୱୟ ବୈଠକରେ ଯୋଗ ଦେଇଥିଲେ । ରାଜ୍ୟ ତଥା ରାଜ୍ୟ ବାହାରୁ ଆସିବାକୁ ଥିବା ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁମାନେ କିପରି ଶାନ୍ତି ଶୃଙ୍ଖଳାରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରଥଟଣା ଉତ୍ସବ କୃପା ଲାଭ କରିବେ ତଥା ରଥଟଣା ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି କିପରି ନିୟନ୍ତ୍ରଣାଧୀନ ରହିବ ସେ ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥି ସହିତ ଶ୍ରଦ୍ଧାଳୁ ଏବଂ ଜନସାଧାରଣଙ୍କର ଯାତାୟତରେ କିପରି କୌଣସି ପ୍ରକାର ସମସ୍ୟା ନଉପୁଜିବ ସେଥିପ୍ରତି ମଧ ବିଭିନ୍ନ ବିକଳ୍ପ ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା ।

## ବିଜେଡିରୁ ଇସ୍ତଫା ଦେଲେ ପୂର୍ବତନ ରାଜ୍ୟ ଯୁବ ବିଜେଡି ଉପସଭାପତି ରାକେଶ ନାୟକ

ଧର୍ମଶାଳା( ସ ବ୍ୟୁ): ବିଜେଡିରୁ ଇସ୍ତଫା ଦେଲେ ରାଜ୍ୟ ଯୁବ ବିଜେଡି ପୂର୍ବତନ ଉପସଭାପତି ରାକେଶ ନାୟକ। ଦଳରେ ଅଣଦେଖା ଯୋଗୁ ସେ ଶୁକ୍ରବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଧର୍ମଶାଳା ବ୍ଲକ ଭଡ଼ଙ୍ଗା ସ୍ଥିତ କାର୍ଯ୍ୟାଳୟରେ ଏକ ଗଣମାଧ୍ୟମ ସମ୍ମିଳନୀରେ ଶ୍ରୀ ନାୟକ ଏହି ସୂଚନା ଦେଇଛନ୍ତି। ଛାତ୍ର ରାଜନୀତିରୁ ଆସିଥିବା ରାକେଶ ନାୟକ ବିଗତ ଦିନରେ ଧର୍ମଶାଳା ବ୍ଲକ ଯୁବ ବିଜେଡି ଉପସଭାପତି, ଜିଲ୍ଲା ଯୁବ ଉପସଭାପତି, ରାଜ୍ୟ ଉପସଭାପତି ଭାବେ ଦଳ ପାଇଁ କାମ କରିଛନ୍ତି। ଏପରିକି ଆରୁହା ସମବାୟ ସମିତିର ସଭାପତି ଭାବେ କାର୍ଯ୍ୟ କରି ସାଧାରଣ ଲୋକ ଓ ଚାଷୀ ଭାଇ ମାନଙ୍କ ପାଇଁ କାମ କରିଛନ୍ତି। ତେବେ ଦଳରେ ତାଙ୍କୁ ଉପଯୁକ୍ତ ସମ୍ମାନ ଓ ଅଣଦେଖା କରାଯିବା ହେତୁ ସେ ଦଳରୁ ଇସ୍ତଫା ଦେଇଛନ୍ତି। ତେବେ ଆଗାମୀ କାର୍ଯ୍ୟପନ୍ଥା କଣ ରହିବ ସେ ନେଇ ଆଗାମୀ ଦିନରେ ନିଷ୍ପତି ନେବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ବିଜେଡ଼ିରେ ଯୋଗଦେଲେ ପୂର୍ବତନ କୁଚିଣ୍ଡା ବିଧାୟକ ରାଜେନ୍ଦ୍ର ଛତ୍ରିଆ



ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କୁଚିଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଛତ୍ରିଆ ଶୁକ୍ରବାର ଶଙ୍ଖଭବନ ଠାରେ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ ହୋଇଥିବା ରାଜେନ୍ଦ୍ର ଛତ୍ରିଆଙ୍କ ସହ ଶତାଧିକ କଂଗ୍ରେସ କର୍ମୀଙ୍କୁ ଶ୍ରୀ ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ପାତ୍ର କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଛତ୍ରିଆ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳଭାବ ମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲୁ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେତାକୁ ସୂଚାରୁ ରୂପେ ତୁଲାଇବୁ । ଦଳରେ ଆମକୁ ଓ ଆମ ସହଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳରସାଂଗଠନିକସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ମିଶ୍ରଣ ପର୍ବରେ କୁଚିଣ୍ଡା ବସ୍ ୟୁନିୟନର ସଭାପତି ଧିରେନ୍ଦ୍ରକୁମାର ନାଏକ, ଉଦୟ ପ୍ରତାପ ସିଂହ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ସାହୁ, ସ୍ୱରାଜ କୁମାର ନାୟକ, ହିମାଂଶୁ ପଟେଲ, ଅଯୋଧ୍ୟା ମହାପାତ୍ର ଓ ଅବିନାଶ ମହାପାତ୍ରଙ୍କ ସହ ବହୁ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## କଟକ ଇନ୍ କଟକରେ ଇଦ୍ ମିଲନ ପାର୍ଟିରେ ସଂତୃପ୍ତ ଓ ପ୍ରକାଶ

କଟକ, (ସବ୍ୟୁ) ମହାନଗର ଯୁବ ପରିଷଦ ସଭାପତି ସକିଲ୍ ଅକତର,ସମ୍ପାଦକ ଜଗନ୍ନାଥ ସ୍ୱାଇଁ, ଏବଂ ସହ ସମ୍ପାଦକ ଶୟଦ ସେଖାଓ୍ୱତ ଅଲ୍ଲୀ ଙ୍କ ନେତୃତ୍ୱ ରେ ଏକ ଇଦ ମିଲନ କାର୍ଯ୍ୟକ୍ରମ କଟକ-ଇନ-କଟକ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁସଲିମ ଭାଇ ଓ ଭଉଣୀ ମାନଙ୍କର ପବିତ୍ର ଇଦ ପର୍ବ ଅବସରରେ ପ୍ରାୟ ସମସ୍ତେ ଦଳ ମତ ର୍ନିବିଶେଷରେ ଏହି ଇଦ ମିଲନ କାର୍ଯ୍ୟ କ୍ରମରେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟ କ୍ରମରେ ମାନ୍ୟବର କଟକ ମେୟର ସୁବାସ ସିଂହ ଉପସ୍ଥିତ ଛାମୁଆ ନେତା ମାନଙ୍କୁ ସାଂସଦ ପାର୍ଥୀ ସଂତୃପ୍ତ ମିଶ୍ର, ବିଧାୟକ ପାର୍ଥୀ ପ୍ରକାଶ ବେହେରାଙ୍କୁ ବହୁଳ ଭୋଟରେ ଜିତାଇ ଆଣିବାକୁ ନିବେଦନ କରିଥଲେ ।

ଆଜିର ଏହି ଇଦ ମିଲନ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂହ, ଏମ .ପି ପ୍ରାର୍ଥୀ ଡଃ ସଂତୃପ୍ତା ମିଶ୍ର , ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା, ଓସିଏ ସମ୍ପାଦକ ସଂଜୟ ବେହେରା, ବିଜୁ ଶ୍ରମିକ ସାମୁଖ୍ୟ ରାଜ୍ୟ ଉପଦେଷ୍ଟା ରାଜୀବ ମହାନ୍ତି, ବିଜୁ ଜନତା ଦଳ ର ରାଜ୍ୟ ସାଧାରଣ ସଂପାଦକ ବିଶ୍ୱଜିତ୍ ମହାନ୍ତି, ଜିଲ୍ଲା ଉପସଭାପତି ଓ ଅର୍ବାନ ବ୍ୟାଙ୍କ ସଭାପତି ପ୍ରଫୁଲ୍ଲ ମହାପାତ୍ର, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, ଉପସଭାପତି ପ୍ରଫୁଲ୍ଲ ବେହେରା ,ଜିଲ୍ଲା ସାଧାରଣ ସଂପାଦକ ନନ୍ଦଲାଲ ସିଂହ, କଦମରସୁଲ ର ସଭାପତି ସେକ୍ ରମଜାନ ଖାଁ, ସେକ କମିରୁଦ୍ଦିନ ଖାଁନ୍,ବିଜେଡି ଜିଲ୍ଲା ଯୁବ କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ରାୟ, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ବେହେରା, ସ୍ୱାସ୍ଥ୍ୟ ସେବା ସମିତି ର ସଭାପତି ଦେବେନ୍ଦ୍ର କହାଳୀ, ଦେବେନ୍ଦ୍ର ବିଶ୍ୱାଳ, ଚନ୍ଦନ ଦାସ, ପରେଶ ନାଥ ଦାସ, ବାପି କର, ସୈଳେନ୍ଦ୍ର ଧଳ, ଚନ୍ଦନ ଦାସ, ରବର୍ଟ ବେଞ୍ଜାମିନ୍, ସ୍ମିତା ମୂଳିଆ, ମିତାଲୀ ଭଞ୍ଜ, କଟକ ମହାନର ନିଗମର କର୍ପୋରେଟର ବିକାଶ ରଞ୍ଜନ ବେହେରା, ଶ୍ରୀମତୀ ଏ. ଶ୍ରୀଦେବୀ, ଇଂ ମହମ୍ମଦ ଆଲାମ, ବସନ୍ତ ବେହେରା, ଶ୍ରୀମତୀ ଇତିଶ୍ରୀ ଦାସ, ଇପସପିତା ମହାନ୍ତି, ପ୍ରଦୀପ ରାଉତ୍, ଶ୍ରୀମତୀ ପ୍ରିୟମ୍ବଦା ମହାନ୍ତି, ଶ୍ରୀମତୀ ରିତଞ୍ଜଳି ବେହେରା, ଶ୍ରୀମତୀ ନମିତ ବାରିକ, ଶ୍ରୀମତୀ ଆରତୀ ସାହୁ, ଶ୍ରୀମତୀ ଦିପଞ୍ଜଳୀ ସିଂ, ଶ୍ରୀମତୀ କୁରେସା ନୁର, ଚନ୍ଦନ ଜେନା, ସତ୍ୟରାମ ସାହୁ, ଶ୍ରୀମତୀ ସୁମିତ୍ରା ବସ୍ତିଆ, ପ୍ରଦୀପ ସାହୁ ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱ କର୍ପୋରେଟର ଯୋଗ ଦେଇଥିଲେ।

## ରାଜେନ୍ଦ୍ର ଦାସଙ୍କୁ ସୋରରେ ପ୍ରବଳ ବିରୋଧ

# ପ୍ରଚାର ପାଇଁ ଆସି ଅଧାବାଟରୁ ଫେରିଲେ

ସୋର(ସବ୍ୟୁ) : ସୋର ବିଜେପି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଦାସ ଶୁକ୍ରବାର ପ୍ରଥମ କରି ସୋର ନିର୍ବାଚନ ମଣ୍ଡଳୀ ପ୍ରଚାର ପାଇଁ ଆସି ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ନିର୍ବାଚନ ମଣ୍ଡଳୀ ତାରିଣୀ ଛକରେ ପହଞ୍ଚିବା ମାତ୍ରେ ରାଜୁ ଦାସ ଗୋ ବେକ୍...ରାଜୁ ଦାସ ଗୋବେକ୍... ନାରାରେ କମ୍ପିଥିଲା। ସେଠାରେ ପ୍ରସ୍ତୁତ ହୋଇ ରହିଥିବା କେତେକ ବିଜେପି କର୍ମୀମାନେ ତାଙ୍କୁ ପହଞ୍ଚିଥିବା ଗାଁ, ବୁଥର ନାମ ପଚାରିଥିଲେ। ସେ କିଛି ନକହିପାରିବାରୁ ତାଙ୍କୁ ନିର୍ବାଚନ ମଣ୍ଡଳୀରେ ପଶିବାକୁ ବାରଣ କରି ରାଜ୍ୟ କମିଟି ଦେଇଥିବା ସମୟ ସୀମା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହି ଫେରାଇ ଦେଇଥିବା ଦେଖାଯାଇଥିଲା। ଚଳିତ ସାଧାରଣ ନିର୍ବାଚନ ପାଇଁ ବିଜେପି ତରଫରୁ ଗତ କିଛିଦିନ ତଳେ ଧାମନଗର ବାସିନ୍ଦା ରାଜେନ୍ଦ୍ର ଦାସଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲା। ପ୍ରାର୍ଥୀ ଘୋଷଣାକୁ ସୋର ବିଜେପି ଦଳ ତରଫରୁ ପ୍ରବଳ ବିରୋଧ କରାଯାଇଥିଲା। ଏହାପରେ ଦଳର ନେତା ରାକେଶ ମଲ୍ଲିକଙ୍କ ନେତୃତ୍ୱରେ ଏକ ଦଳ ବିଜେପିର ଏହି ନିଷ୍ପତ୍ତି ବିରୋଧରେ ଭୁବନେଶ୍ୱର ଯାଇ ରାଜ୍ୟ ସଭାପତିଙ୍କ ନିକଟରେ ଫେରାଦ ହେବା ସହିତ ଜଣେ ସ୍ଥାନୀୟ ନେତାଙ୍କୁ ଦଳୀୟ ଟିକେଟ୍ ଦେବା ଦୃଢ଼ ଦାବି ରଖିଥିଲେ। ଶ୍ରୀ ସାମଲ ଏବଂ ଦାୟିତ୍ୱରେ ଥିବା ଦଳୀୟ ଶୀର୍ଷ ନେତା ଏହାର ପୁର୍ନବିଚାର କରାଯାଇ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ସମୟ ନେଇଥିଲେ। ମାତ୍ର ଏହି ସମୟକୁ ଅପେକ୍ଷା ନକରି ସୋର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଦାସ ଶୁକ୍ରବାର ମଧ୍ୟାହ୍ନରେ ସୋର ନିର୍ବାଚନ ମଣ୍ଡଳୀ ଆରମ୍ଭ ସ୍ଥାନ ୧୬ ନମ୍ବର ଜାତୀୟ ରାଜପଥ ତାରିଣୀ ଛକ ନିକଟରେ ପହଞ୍ଚିବା ପରେ କାଂଶବାଂଶ ମଣ୍ଡଳ ସଭାପତି ସିଦ୍ଧାର୍ଥ ବେହେରାଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ତାଙ୍କୁ ବିରୋଧ କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁକ୍ତିତର୍କ ପରେ କର୍ମୀମାନେ ରାଜୁ ଦାସ ଗୋ ବ୍ୟାକ୍ ନାରା ଲଗାଇବା ଫଳରେ ବାଧ ହୋଇ ଶ୍ରୀ ଦାସ ଉପାୟ ନ ପାଇ ସେହିଠାରୁ ଫେରି ଯାଇଥିବା ଦେଖାଯାଇଛି।



## ସାମ୍ବାଦିକଙ୍କୁ ବିଧାୟକଙ୍କ ଆକ୍ରମଣ ଘଟଣା

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ହେଲେ ଫେରାଦ

ଖୋର୍ଦ୍ଧା (ସବ୍ୟୁ): ଜଙ୍କିଆ ଥାନା ଅଧିନସ୍ଥ ଛଣଗିରି ଠାରେ ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ପଦଯାତ୍ରା ରେ ଯିବା ସମୟରେ ସ୍ଥାନୀୟ ଜନ ସାଧାରଣଙ୍କ ର ବିରୋଧ ର ଶିକାର ହୋଇଥିଲେ । ଏ ସମ୍ପର୍କିତ ସମ୍ବାଦ ସଂଗ୍ରହ କରୁଥିବା ସମୟରେ ସାମ୍ବାଦିକ ପ୍ରକାଶ କୁମାର ହାତୀ ଙ୍କୁ ଶ୍ରୀ ଜଗଦେବ ମରଣାନ୍ତକ ଆକ୍ରମଣ କରିବା ସହିତ ତାଙ୍କ ହାତ ରୁ ମୋବାଇଲ ଫୋନ ଛଡାଇ ନେଇଥିଲେ ଯାହାକୁ ନେଇ ସେହି ସ୍ଥାନ ରେ ତୀବ୍ର ଉତେଜନା ପ୍ରକାଶ ପାଇଥିଲା । ଆହତ ଅବସ୍ଥା ରେ ସାମ୍ବାଦିକ ଶ୍ରୀ ହାତୀ ବିଧାୟକ ଙ୍କ ଗୁଣ୍ଡା ଗିରି ସମ୍ପର୍କ ରେ ଜଙ୍କିଆ ଥାନା ରେ ଲିଖିତ ଭାବେ ଅଭିଯୋଗ କରିବା ସହିତ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି ହୋଇଥିଲେ । ସେଠାରେ ତାଙ୍କ ର ସ୍ୱାସ୍ଥ୍ୟ ଅବସ୍ଥା ରେ କୌଣସି ଉନ୍ନତି ନଆସିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଜଙ୍କିଆ ଥାନା ପୁଲିସ ଶ୍ରୀ ଜଗଦେବ ଙ୍କ ନାମ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଶ୍ରୀ ଜଗଦେବଙ୍କ ପ୍ରରୋଚନା ରେ ସ୍ଥାନୀୟ ଅଂଚଳ ର କିଛି ମହିଳା ଆକ୍ରମଣ ର ଶିକାର ହୋଇଥିବା ଗଣମାଧ୍ୟମ ର ପ୍ରତିନିଧି ଶ୍ରୀ ହାତୀ ଙ୍କ ବିରୁଦ୍ଧରେ ଏକ ମିଥ୍ୟା ମକଦ୍ଦମା ରୁଜୁ କରିଥିଲେ । ଏହା ଜାଣିବା ପରେ ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା । ଫଳରେ ଆଜି ସମସ୍ତ ମୁଦ୍ରିତ ଓ ବୈଦୁତିକ ଗଣ ମାଧ୍ୟମ ର ପ୍ରତିନିଧି ମାନେ ଏକତ୍ରିତ ହୋଇ କର୍ତବ୍ୟ କ୍ଷେତ୍ରରେ ସେମାନଙ୍କ ସୁରକ୍ଷା, ପ୍ରକାଶ କୁମାର ହାତୀଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ମିଥ୍ୟା ମକଦ୍ଦମା ର ପ୍ରତ୍ୟାହାର ଏବଂ ପ୍ରଶାନ୍ତ ଜଗଦେବଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ ପ୍ରତିବାଦ ରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିବା ସହିତ ଏକ ପ୍ରତିନିଧି ମଣ୍ଡଳୀ ଖୋର୍ଦ୍ଧା ପ୍ରେସ କ୍ଲବ ର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଙ୍କ ନେତୃତ୍ୱ ରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ଙ୍କ ର ଦୃଷ୍ଟି ଆକର୍ଷଣ କରିଛନ୍ତି ।



## ଆଖଣ୍ଡଳମଣି ମନ୍ଦିର ସେବାୟତଙ୍କୁ ଆକ୍ରମଣ

# ସିଇଓଙ୍କ ନିକଟରେ ବିଜେପି ବିରୋଧରେ ବିଜେଡିର ଫେରାଦ




ଭୁବନେଶ୍ୱର, (ସବ୍ୟୁ): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଆରଡ଼ି ପଞ୍ଚାୟତରେ ବିଜେପି କର୍ମୀମାନେ ଆଖଣ୍ଡଳମଣି ମନ୍ଦିରର ସେବାୟତଙ୍କୁ ଆକ୍ରମଣ ଅଭିଯୋଗ ଆଣିଛି ବିଜେଡି । ବିଜେପି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି ବିଜେଡ଼ି । ଶୁକ୍ରବାର ସକାଳ ୬ଟାରେ ବିଜେପି କର୍ମୀମାନେ ସେବାୟତଙ୍କୁ ଆକ୍ରମଣ କରିଥିବାବେଳେ ସେବାୟତ ମଧ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ । ଆକ୍ରମଣ କରିଥିବା ବିଜେପି କର୍ମୀମାନଙ୍କ ବିରୋଧରେ ସେବାୟତମାନେ ସ୍ଥାନୀୟ ପୋଲିସରେ ଏଫ୍ଆଇଆର ରୁଜୁ କରିଛନ୍ତି । ଉକ୍ତ ବିଜେପି କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଇଓଙ୍କ ନିକଟରେ ଦାବି ରଖିଛନ୍ତି ବିଜେଡି ପ୍ରତିନିଧି ଦଳ । ଏହି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ସସ୍ମିତ ପାତ୍ରଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥଲେ ।

# ବ୍ରାଉନ ସୁଗର ଜବତ ବେପାରୀ ଗିରଫ

ସାକ୍ଷୀଗୋପାଳ,(ସବ୍ୟୁ): ଦୀର୍ଘ ଦିନ ହେବ ବ୍ରାଉନ ସୁଗର ବେପାର କରି ସତ୍ୟବାଦୀ ପୋଲିସକୁ ଚକମା ଦେଉଥିବା ବେପାରୀକୁ ସ୍ଥାନୀୟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କ ନିକଟରୁ ୧୨. ୫ ଗ୍ରାମର ବ୍ରାଉନ ସୁଗର ଜବତ ହୋଇଛି । ଘଟଣା ସମ୍ପର୍କରେ ସତ୍ୟବାଦୀ ଥାନାରେ ଅଭିଯୁକ୍ତଙ୍କ ନାମରେ ୧୧୫ / ୨୪ ରେ ଏ ମାମଲା ରୁଜୁ କରାଯାଇଛି । ସତ୍ୟବାଦୀ ପୋଲିସର ସୂଚନା ଅନୁଯାୟୀ ଏହି ଥାନା ଅନ୍ତର୍ଗତ ପରଜାପଡା ଗ୍ରାମର ଜୟନ୍ତ କୁମାର ସ୍ୱାଇଁ ଗବକୁଣ୍ଡ ଠାରେ ଥିବା ଏକ କଲଭର୍ଟ ନିକଟରେ ବ୍ରାଉନ ସୁଗାର ବ୍ୟବସାୟ କରୁଛି ବୋଲି ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଗୁରୁତ୍ୱ ଦେଇ ସତ୍ୟବାଦୀ ଥାନା ଆଇଆଇସି ଉମେଶ କୁମାର ସାହୁ ସଦଳବଳେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ପୋଲିସକୁ ଦେଖି ଅଭିଯୁକ୍ତ ସ୍ୱାଇଁ ସେଠାରେ ଇତସ୍ତତଃ ହୋଇପଡିଥିଲା । ସନ୍ଦେହ ହେବାରୁ ତାକୁ ଥାନାକୁ ଆଣି ଜେରା କରାଯାଇଥିଲା । ଜେରା ସମୟରେ ତା ନିକଟରୁ ବେପାର ଉଦ୍ଦେଶ୍ୟରେ ରଖିଥିବା ୧୨.୫ ଗ୍ରାମର ବ୍ରାଉନ ସୁଗର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ତାକୁ ପୋଲିସ ଜବତ କରିଛି । ଅଭିଯୁକ୍ତ ବ୍ରାଉନ ସୁଗର ବେପାର କରିବା ସହ ନିଜେ ମଧ ସେବନ କରେ ବୋଲି ଜେରା ସମୟରେ ମାନି ଥିଲା । ଅଭିଯୁକ୍ତ ସ୍ୱାଇଁକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ନିମାପଡାରେ ବିଜେଡି ନେତାଙ୍କ ଟିକେଟ ଟେନସନ

# ଚାତକ ପରି ଚାହିଁ ରହିଛନ୍ତି କର୍ମୀ ଓ ଭୋଟର

ନିମାପଡା(ସବ୍ୟୁ): ନିମାପଡା ଆସନରେ ବିଜେଡି ତାର ପ୍ରାର୍ଥୀ ନାଁ ଘୋଷଣା କରିନଥିବାରୁ ଦଳୀୟ ନେତା,କର୍ମୀ ଓ ଆଶାୟୀ ଟେନସନରେ ରହିଥିବା ନେଇ ଚର୍ଚ୍ଚା ହେଉଛି । ପ୍ରାର୍ଥୀଙ୍କ ନାଁ ଘୋଷଣା ଯେତିକି ବିଳମ୍ବ ହେଉଛି । ଆଶାୟୀଙ୍କ ହାର୍ଟବିଟ ମଧ୍ୟ ସେତିକି ବଢି ବଢି ଚାଲିଛି । କେତେବେଳେ ଦଳର ସୁପ୍ରିମ ନବୀନ ପଟ୍ଟନାୟକ ଏହି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବେ ଚାତକ ପରି ଅନେଇ ବସିଛନ୍ତି ଏଠାକାର ଆଶାୟୀ ନେତା,କର୍ମୀ ଓ ଭୋଟର । ବିଜେପି ଆଗୁଆ ତାର ବିଧାୟକ ପ୍ରାର୍ଥିନୀ ଭାବେ ପ୍ରଭାତୀ ପରିଡାଙ୍କ ନାଁ ଘୋଷଣା କରି ସାରିଛି । ପଛରେ ପଡିଯାଇଛନ୍ତି ବିଜେଡି ଓ କଂଗ୍ରେସ । ପୁରୀ ଜିଲ୍ଲାର ନିମାପଡା ଏକ ପ୍ରମୁଖ ନିର୍ବାଚନ ମଣ୍ଡଳୀ । ନିମାପଡା ବ୍ଲକର ୩୨ ଟି ପଂଚାୟତ,ଗୋପ ବ୍ଲକର ୧୪ ଟି ପଂଚାୟତ ଓ ନିମାପଡା ଏନ୍ଏସିର ୧୧ଗୋଟି ୱାର୍ଡକୁ ନେଇ ନିମାପଡା ନିର୍ବାଚନ ମଣ୍ଡଳୀ ଗଠିତ । ଗତ ୨୦୦୯ ମସିହାରେ ଏହି ଆସନରୁ ସଂରକ୍ଷଣ ହଟିବା ପରେ ଏଠାରୁ ବିଜେଡିରୁ ଲଗାତାର ଭାବେ ତିନି ଥର ବିଧାୟକ ଭାବେ ସମୀର ରଂଜନ ଦାଶ ନିର୍ବାଚିତ ହୋଇଆସୁଥିବା ବେଳେ ବର୍ତ୍ତମାନର ବିଜେପି ପ୍ରାର୍ଥିନୀ ପ୍ରଭାତୀ ପରିଡା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ଲଗାତାର ତିନି ଥର ପରାଜିତ ହୋଇଛନ୍ତି । ବିଜେପି ପ୍ରାର୍ଥିନୀ ଶ୍ରୀମତୀ ପରିଡା ଏଥର ବିଜୟୀ ହେବେ ବୋଲି ଆଶାବାଦୀ ରହିଛନ୍ତି । ତେବେ ବିଜେଡିରେ ଟିକେଟ ଆଶାୟୀଙ୍କ ସଂଖ୍ୟା ଅଧିକ ତେଣୁ ଅଙ୍କ ଛିଣ୍ଡୁନଥିବାରୁ ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଥିବା ଆଲୋଚନା ହେଉଛି । ଟିକେଟର ମୁଖ୍ୟ ଦାବିଦାରରେ ସମୀର ରଂଜନ ଦାଶଙ୍କ ନାଁ ରହିଛି । ସେହିପରି ନିକଟରେ ବିଜେପି ଛାଡି ବିଜେଡିରେ ମିଶିଥିବା ଦିଲ୍ଲୀପ ନାୟକ,ସାମାଜସେବିକା ରୋଜାଲିନୀ ନାୟକ, ଜିତେନ୍ଦ୍ର ମହାନ୍ତି ପ୍ରମୁଖ ବିଜେଡି ଟିକେଟ ଲବିରେ ରହିଥିବା ନେଇ ଚର୍ଚ୍ଚା ହେଉଛି । କଂଗ୍ରେସ ଦଳ ଦୁର୍ବଳ ସ୍ଥିତିରେ ଥିବାରୁ ଏଠାରେ ମୁଖ୍ୟତଃ ବିଜେଡି ଓ ବିଜେପି ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ହେବ ବୋଲି ଅନୁମାନ କରାଯାଉଛି । ବିଜେଡିର ପ୍ରାର୍ଥୀ ଘୋଷଣା ହେବା ପରେ ନିମାପଡା ଆସନରେ ପ୍ରଚାର ଜମିବ ବୋଲି କୁହାଯାଉଛି ।

## ସିଏମସିରୁ ମିଳୁନି ଅର୍ବାନ ହାଟର ତଥ୍ୟ

# ସୂଚନା କମିଶନଙ୍କ ନିକଟରେ ହେଲା ଅଭିଯୋଗ

କଟକ, (ସବ୍ୟୁ)କଟକ ସହରର ସର୍ବପୁରାତନ ପରିବା ବଜାର ଛତ୍ରବଜାରର ବ୍ୟବସାୟୀଙ୍କୁ ଥଇଥାନ ଓ ତାଳଦଣ୍ଡା କେନାଲର ରାସ୍ତା ସଂପ୍ରସାରଣ, ସୌନ୍ଦର୍ଯ୍ୟକରଣ ନିମନ୍ତେ ରାଜ୍ୟ ସରକାର ଜନସାଧାରଣଙ୍କ ଟିକସ୍ ଅର୍ଥରୁ ୩କୋଟି ୫୦ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟରେ ୫୪୮ବ୍ୟବସାୟୀଙ୍କ ନିମନ୍ତେ ଏକ ଅର୍ବାନ ହାଟ ନିର୍ମାଣ ହୋଇଥିଲା । ଏହାକୁ ମୂଖ୍ୟମନ୍ତ୍ରୀ ସେପ୍ଟେମ୍ବର ୧୬ତାରିଖରେ ଉଦ୍‌ଘାଟନ କରିଥିଲେ ମାତ୍ର ସଠିକ ବ୍ୟବସାୟୀ ଚିହ୍ନଟ ନକରି ତରବରିଆ ଭାବରେ ସିଏମସି ଅଧିକାରୀ, ମେୟର ଓ ସ୍ଥାନୀୟ ୩୮ନଂ କର୍ପୋରେଟର ଅନୁପସ୍ଥିତରେ ବ୍ୟବସାୟୀଙ୍କୁ ଟୋକନ ବଣ୍ଟନ କରାଯାଇଥିଲା । ଏହାକୁ ନେଇ ବ୍ୟବସାୟୀ,ଚାଷୀଙ୍କ ମନରେ ଅସନ୍ତୋଷ ଦେଖାଯିବା ସହ ଅନେକ ଏଠାରେ ବ୍ୟବସାୟ କରିବାରୁ ବଞ୍ଚିତ ହୋଇଥିଲେ ଏନେଇ ମଧ କାଉନସିଲରେ ଓ ହାଟରେ ଅନେକ ତୁମ୍ବିତୋଫାନ ଦେଖିବାକୁ ମିଳିଥିଲା। ସିଏମସି ପକ୍ଷରୁ ଏକ କମିଟି ଗଠନ କରାଯାଇ ବ୍ୟବସାୟୀଙ୍କ ତାଲିକା ପ୍ରସ୍ତୁତି କରାଯାଇଥିଲା ମାତ୍ର କେଉଁ ଆଧାରରେ କାହାକୁ ଉକ୍ତ ପିଣ୍ଡିରେ ବ୍ୟବସାୟ କରିବାପାଇଁ ସଠିକ ଭାବରେ ଚିହ୍ନଟ ନକରି ତରବରିଆ ଭାବରେ ନେଇ ସେଠାରେ ବ୍ୟବସାୟ କରିବା ପାଇଁ କୁହାଯାଇଥିଲା ।

ହାଟ ପିଣ୍ଡି ର୍ନିମାଣ ଏବଂ ବ୍ୟବସାୟୀଙ୍କୁ ଥଇଥାନରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ କଟକ ମହାନଗର ନିଗମକୁ ସୂଚନାଅଧିକାର ଆଇନରେ ପିଣ୍ଡି ନିର୍ମାଣ, ବ୍ୟବସାୟୀ ଚିହ୍ନଟ,ପିଣ୍ଡି ପରିଚାଳନା, ରକ୍ଷଣାବେକ୍ଷଣ ଏବଂ ବ୍ୟବସାୟୀଙ୍କୁ ଥଇଥାନ ସମ୍ପର୍କରେ ସୂଚନାଅଧିକାର ଆଇନରେ ତଥ୍ୟ ମାଗିଥିଲେ । ଏହି ତଥ୍ୟ ସଠିକ ଧାର୍ଯ୍ୟ ସମୟସୀମା ମଧରେ ନମିଳିବାରୁ ସିଏମସି ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରଥମ ଅପିଲ କରିଥିଲେ। ଗତ ନଭେମ୍ବର ୨୩ତାରିଖ ଏବଂ ଡିସେମ୍ବର ୧୯ତାରିଖରେ ୨-୨ଥର ପ୍ରଥମ ଅପିଲ ଶୁଣାଣୀ କରି ଏହାର ସଂପୂର୍ଣ୍ଣ ତଥ୍ୟ ନିଃଶୁଳ୍କରେ ୧୫ଦିନରେ ଦେବାପାଇଁ ଅର୍ଡର କରିଥିଲେ ସୁଦ୍ଧା ଦୀର୍ଘ ୧୦୦ଦିନରୁ ଉର୍ଦ୍ଧ୍ୱ ବିତିଗଲା ପରେ ମଧ ବାରମ୍ବାର ଦୌଡିଦୌଡି ବିଭାଗ ପକ୍ଷରୁ କୌଣସି ତଥ୍ୟ ମିଳିନଥିବା ଅଭିଯୋଗ ସେ କରିଛନ୍ତି ।

କଟକ ମହାନଗର ନିଗମ ପିଣ୍ଡି ନିର୍ମାଣ ଏବଂ ବ୍ୟବସାୟ ଚିହ୍ନଟ, ଥଇଥାନରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ସିଏମସି କର୍ତ୍ତୃପକ୍ଷ ସୂଚନାଅଧିକାର ଆଇନରେ ତଥ୍ୟ ଦେଉନଥିବା ନେଇ ରାଜ୍ୟ ସୂଚନାକମିଶନଙ୍କ ନିକଟରେ ଦ୍ୱିତୀୟ ଅପିଲ କରିବା ସହ ତଥ୍ୟ ପ୍ରଦାନରେ ଅବହେଳା କରିଥିବା ଜନସୂଚନାଅଧିକାରୀ ବିରୁଦ୍ଧରେ ସୂଚନାଅଧିକାର ଆଇନ ଧାରା ୨୦(୧)ଅନୁଯାୟୀ ଦଣ୍ଡବିଧାନ, ଧାରା ୨୦(୨) ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ତଥ୍ୟ ଦେବାପାଇଁ ବାରମ୍ବାର ଦୌଡାଇ ମାନସିକ ର୍ନିଯାତନା ଦେବା ଓ ଆବେଦନକାରୀଙ୍କ ସମୟ ନଷ୍ଟ ,ଆର୍ଥିକ ରୋଜଗାର ବନ୍ଦ ଯୋଗୁଁ ସୂଚନାଅଧିକାର ଆଇନ ଧାରା ୧୯(୮)(ଖ)ଅନୁଯାୟୀ ୩୦ହଜାର ଟଙ୍କା କ୍ଷତିପୂରଣ ପାଇଁ ରାଜ୍ୟ ସୂଚନାକମିଶନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

## ବିଜେଡିର ସାଂସଦ, ବିଧାୟକ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା



ବାଲିପାଟଣା(ସବ୍ୟୁ): ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ନବ କିଶୋର ମଲ୍ଲିକଙ୍କୁ ବାଳକାଟି ମଦନ ମୋହନ ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରା ରେ ସ୍ୱାଗତ କରାଯାଇଛି । ଏହି ଶୋଭାଯାତ୍ରା ଦଳର କାର୍ଯ୍ୟାଳୟ ଗଡ ଶ୍ରୀରାମପୁରଠାରେ ପହଞ୍ଚିବା ପରେ ସେଠାରେ ଦଳୀୟ କର୍ମକର୍ତ୍ତାଙ୍କ ସହିତ ପୂର୍ବତନ ଓ ବର୍ତ୍ତମାନର ପଞ୍ଚାୟତ ପ୍ରତିନିଧି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଧାୟକ ପ୍ରାର୍ଥୀ ଶ୍ରୀ ମଲ୍ଲିକ ତାଙ୍କର ରାଜନୈତିକ ପୃଷ୍ଠପୋଷକ କମଳ କୁମାର ପାତ୍ର(ଚନ୍ଦନ)ଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ଜନସାଧାରଣଙ୍କ ସେବା କରିବାର ସୁଯୋଗ ଦେବା ପାଇଁ କର୍ମୀଙ୍କର ସହଯୋଗ କାମନା କରିଥିଲେ । ସାଂସଦ ପ୍ରାର୍ଥୀ ଶ୍ରୀ ରାଉତରାୟ କହିଥିଲେ, ସେ ତାଙ୍କର ପିତାଙ୍କର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ଭିତ୍ତିକରି ନିର୍ବାଚନ ଲଢୁଛନ୍ତି । ସାଂସଦ ଅପେକ୍ଷା ସେବକ ଭାବରେ ଲୋକଙ୍କ ନିକଟତର ହୋଇ କାମ କରିବାକୁ ସେ ଚାକିରି ଛାଡିଛନ୍ତି । ପାଇକ ପୁଅର ମର୍ଯ୍ୟାଦା ଓ ସମସ୍ତଙ୍କୁ ବାସଗୃହ ଯୋଗାଣ ଭଳି ଅନେକ ଲୋକ ସମସ୍ୟାକୁ ନେଇ ଲଢେଇ କରିବେ । କମଳ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବାଲିପାଟଣା ବ୍ଲକ ବିଜେଡି ସଭାପତି କିଶୋର ଜେନା ପରିଚାଳନା କରିଥିଲେ । ପ୍ରାରମ୍ଭ ରେ ନିର୍ବାଚନ ମଣ୍ଡଳୀର ପ୍ରଭାରୀ ବରଦା ପ୍ରସନ୍ନ ପଟ୍ଟନାୟକ ଓ ଖୋର୍ଦ୍ଧା ଜିଲ୍ଲାର ସହପ୍ରଭାରୀ ଶୁଭ୍ରାଂଶୁ ନାରାୟଣ ମିଶ୍ର ଉଦବୋଧନ ଦେଇ ନବୀନ ବାବୁଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ କର୍ମୀମାନେ କଠିନ ପରିଶ୍ରମ କରିବାକୁ ଅନୁରୋଧ କରିଥିଲେ ।

# ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି



ଭୁବନେଶ୍ୱର(ସବ୍ୟୁ): ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହେଲା ବିଜେଡି । ଖୋର୍ଦ୍ଧା ଛଣଗିରିରେ ବିଧାୟକଙ୍କ ମନମାନି ନେଇ ସିଇଓଙ୍କୁ ଜଣାଇଛି ବିଜୁ ଜନତା ଦଳ ।

ବିଜେଡିର ଏକ ପ୍ରତିନିଧି ଦଳ ପ୍ରଶାନ୍ତ ଜଗଦେବଙ୍କ ହିଂସା ଆଚରଣ ନେଇ ଫେରାଦ ହୋଇଛ । ଖୋର୍ଦ୍ଧା ଛଣଗିରିରେ ଆକ୍ରମଣ କରିଥିଲେ ପ୍ରଶାନ୍ତ ଜଗଦେବ । ପ୍ରଶାନ୍ତଙ୍କ ହିଂସାତ୍ମକ ଆଚରଣ ନେଇ ଜଣାଇଛନ୍ତି । ପ୍ରଶାନ୍ତ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ କରିଛି ବିଜେଡି ।

ସାଂସଦ ପ୍ରାର୍ଥୀଙ୍କ ଉପସ୍ଥିତିରେ ଏ ମରଣାନ୍ତକ ଆକ୍ରମଣ ହୋଇଛି । ସାମ୍ବାଦିକଙ୍କ ପେଟ, ପିଠି, ଡାହାଣ ଗୋଡ଼ରେ ଆଘାତ ଲାଗିଥିଲା । ଆକ୍ରମଣ ନେଇ ସାଂସଦ ଅପରାଜିତା ଷଡ଼ଙ୍ଗୀ ନିରବ କାହିଁକି ବୋଲି ପ୍ରଶ୍ନ କରିଛି ବିଜେଡି । ଥାନା ଅଧିକାରୀଙ୍କୁ ମଧ ଧମକ ଦେଇଛନ୍ତି ପ୍ରଶାନ୍ତ ଜଗଦେବ । ସାମ୍ବାଦିକ ଦେଇଥିବା ଏଫଆଇଆରକୁ ଚିରିଦେବାକୁ ସେ ଧମକ ଦେଇଛନ୍ତି । ନଚିରିଲେ ସିଇଓଙ୍କୁ କହି ବଦଳି କରାଇଦେବାକୁ ଧମକ ଦେଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

# କୋଠ ଘରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ବାଙ୍କୀ,(ସବ୍ୟୁ): କଟକ ଜିଲ୍ଲା ବାଙ୍କୀ ଥାନା ଠାରୁ ମାତ୍ର ତିନି କିଲୋମିଟର ଦୁର ହରିରାଜପୁର ଗ୍ରାମପଞ୍ଚାୟତର ନୂଆସାହି ତ୍ରିନାଥ ମଣ୍ଡପ କୋଠ ଘରେ ମୃତ ଦେହପଡ଼ି ଥିବାର ସନ୍ଦେହ ପ୍ରକାଶ ପାଇଥିଲା । ଘରର କବାଟରେ ରକ୍ତ ଛିଟା ଲାଗିଥିବା ବେଳେ ଭିତର ପଟୁ କବାଟ ବନ୍ଦ ରହିଛି, କୋଠ ଘର ଠାରୁ ଶହେ ମିଟର ଦୁର ରେ ମୃତକଙ୍କ ଚପଲ ,ମୋାଇଲ ଓ ଧାରୁଆ ଅସ୍ତ୍ର, ଖଣ୍ଡା ପଡ଼ିଛି, ପଥର ଓ ଇଟାରେ ରକ୍ତ ଛିଟା ଲାଗିଛି ତେଣୁ କେହି ଖଣ୍ଡା ରେ ଆକ୍ରମଣ କରି ପଥରରେ ଛେଚି ହତ୍ୟା କାଣ୍ଡ ଘଟାଇ ଥାଇ ପାରେ ବୋଲି ସନ୍ଦେହ କରାଯାଉଅଛି । ସୂଚନା ଅନୁସାରେ ବାଙ୍କୀ ହରିରାଜପୁର୍ ନୂଆ ସାହି ଶୀତଳ ସାହୁ ବୟସ ୪୦ବର୍ଷ, ସେ ଜଣେ ଅବିବାହିତ ଯୁବକ ଥିଲେ ବୋଲି ଜଣା ପଡ଼ିଛି । ଗ୍ରାମବାସୀଙ୍କ ଠାରୁ ଖବର ପାଇ ଘଟଣା ସ୍ଥଳରେ ବାଙ୍କୀ ଏସ, ଡିପିଓ ଓ ସାଇଣ୍ଟ ଫିକ ଟିମ୍ ଓ ପୋଲିସ କୋଠ ଘର୍ ର କବାଟ ଖୋଲି ମୃତ ଦେହ ରକ୍ତ ଜୁଡୁ ବୁଡୁ ହୋଇ ମୃତ ଅବ ସ୍ଥାରେ ଉଦ୍ଧାର କରିଛନ୍ତି । ପାରିପାର୍ଶ୍ୱିକ ସ୍ଥିତିରୁ ଜଣା ପଡ଼ିଛି ଏହା ଏକ ହତ୍ୟକାଣ୍ଡ । ପୋଲିସ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ପୋଲିସ ତଦନ୍ତ କରି ହତ୍ୟାରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ଉଦ୍ୟମ କରୁଛି ବୋଲି ବାଙ୍କୀ ଏସଡିପିଓ ବିଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି ।



ନେତାଜୀ କ୍ଲବରେ ଏକାମ୍ର ବିଧାୟକ ପ୍ରାର୍ଥୀ ଅଶୋକ ପଣ୍ଡା ଓ ଭୁବନେଶ୍ୱର ଲୋକସଭା ଆସନ ପ୍ରାର୍ଥୀ ମନ୍ମଥ ରାଉତରାୟ ପ୍ରଚାର କରୁଛନ୍ତି ।

# ଦୁଇ ବାଇକ ମୁହାଁମୁହିଁ ଧକ୍କା, ୨ ଆହତ

ପାଣିକୋଇଲି (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ହାଟସାହି ଶଙ୍ଖଚିଲା ରାସ୍ତାର ଗୋଳେଇପୁର ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ବାଇକ ଚାଳକ ଆହତ ହୋଇଛନ୍ତି । ସ୍ଥାନୀୟ ଶଗଡି ଗ୍ରାମର ମିର୍ଜ୍ଜା ବେଗ ଓ କେଳାଗଡିଆ ଗ୍ରାମର ଦିଲ୍ଲୀପ ମଲିକ ଉଭୟେ ବିପରୀତ ଦିଗରୁ ଦୁଇଟି ବାଇକରେ ଆସୁଥିବା ବେଳେ ସାମ୍ନାସାମ୍ନି ଦୁର୍ଘଟଣା ହୋଇଥିଲା । ଘଟଣାସ୍ଥଳେ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ପହଂଚି ଉଭୟଙ୍କୁ ଚିକିତ୍ସା ନିମନ୍ତେ ଘରୋଇ ଚିକିତ୍ସାଳୟକୁ ପଠାଇଥି ଜଣାପଡିଛି ।

## ରାଜଧାନୀ ଉପକଣ୍ଠରେ ଲୁଟେରାଙ୍କ ଉତ୍ପାତ

# ରଘୁନାଥପୁର, ପାହାଳରୁ ଲୁଟିଲେ ୧୫ ଲକ୍ଷର ଅଳଙ୍କାର

ଭୁବନେଶ୍ୱର,(ସବ୍ୟୁ): ରାଜଧାନୀ ଉପକଣ୍ଠରେ ଲୁଟେରାଙ୍କ ଉତ୍ପାତ ଥମୁନି। ପୋଲିସ୍‌ର ଗିରଫଦାରୀ ଯେଉଁ ଅନୁସାରେ ବଢୁଛି ସେହି ଅନୁସାରେ ଲୁଟେରାଙ୍କ ଲୁଟ୍‌ପାଟ୍ ବଢ଼ିବାରେ ଲାଗିଛି। ଗତ ଦୁଇଦିନ ତଳେ ପାହାଳର ଏକ ଆପାର୍ଟମେଣ୍ଟରୁ ଲୁଟେରାମାନେ ସୁନା ଗହଣା ଓ ଅଳଙ୍କାର ଲୁଟିନେଇଥିଲେ। ସେହି ଘଟଣାରେ ପୋଲିସ୍ କାହାରିକୁ ଗିରଫ କରିନଥିବାବେଳେ ପୁଣି ପାହାଳ ଓ ରଘୁନାଥପୁର ୧୫ ଲକ୍ଷ ଟଙ୍କାର ଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି।

ରଘୁନାଥପୁର ସ୍ପ୍ରିଙ୍ଗ୍ ଲିଫ୍ଟ ଆପାର୍ଟମେଣ୍ଟରେ ରହୁଥିବା ପ୍ରଶାନ୍ତ ଜେନା ଝିଅ ବାହାଘର ପାଇଁ ଗହଣା କିଣି ଘରେ ରଖିଥିଲେ। ଲୁଟେରାମାନେ ସେ ସମ୍ପର୍କରେ କିପରି ସନ୍ଧାନ ପାଇ ଗୁରୁବାର ରାତିରେ ତାଙ୍କ ଘରେ ପଶି ୮ ଲକ୍ଷର ଗହଣା ଓ କିଛି ନଗଦ ଟଙ୍କା ଲୁଟି ନେଇଥିବା ସେ ନନ୍ଦନକାନନ ଥାନାରେ ଅଭିଯୋଗ କରିଛନ୍ତି। କେବଳ ପ୍ରଶାନ୍ତଙ୍କ ଘରୁ ନୁହେଁ ସେହି ରଘୁନାଥପୁର ଅଞ୍ଚଳରେ ଥିବା ଜିଡିଏସ୍ ଟାୱାର ପ୍ରିୟଙ୍କା ଦାସଙ୍କ ଘରେ ଲୁଟେରା ପଶି ଆଲମାରୀ, ସୁଟ୍‌କେସ୍ ପ୍ରଭୃତି ଭଙ୍ଗାରୁଜା କରି ଗହଣା ଓ ଟଙ୍କା ଖୋଜିଥିଲେ। କିଛି ନମିଳିବାରୁ ତାଙ୍କ ଘରୁ କିଛି ଲୁଟ୍ ହୋଇନାହିଁ। ଏପରିକି ମୋବାଇଲ୍ ଘରେ ଥିଲେ ମଧ ତାହା ଲୁଟେରାମାନେ ନେଇନାହାନ୍ତି।

ଦୁଇଦିନ ତଳେ ପାହାଳର ଏକ ଆପାର୍ଟମେଣ୍ଟର ଦୁଇଟି ଫ୍ଲାଟ୍‌ରୁ ଲୁଟେରାମାନେ ସୁନା ଗହଣା, ନଗଦ ଟଙ୍କା ପ୍ରଭୃତି ଲୁଟି ନେଇଛନ୍ତି। ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସ୍ ଛାନ୍‌ଭିନ୍ କରୁଥିବାବେଳେ ପୁଣି ପାହାଳ ନିକଟ ଜୟପୁର ଗ୍ରାମର ଶରତ ମହାନ୍ତିଙ୍କ ଘରୁ ଲୁଟେରାମାନେ ୫/୬ ଲକ୍ଷର ଗହଣା ଓ ନଗଦ କିଛି ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଘରେ ଶୋଇଥିବା ଲୋକମାନଙ୍କୁ ରୁମ୍‌ର ବାହାର ପଟୁ ତାଲା ପକାଇ ଅନ୍ୟ ରୁମ୍‌ରୁ ଗହଣା ଓ ଟଙ୍କା ଲୁଟେରାମାନେ ଲୁଟିନେଇଛନ୍ତି। ପୋଲିସ୍ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି। ଗତ ୬ ମାସ ମଧ୍ୟରେ ରାଜଧାନୀର ଆପାର୍ଟମେଣ୍ଟର ୧୪ଟି ଫ୍ଲାଟ୍‌ରୁ ଲୁଟ୍ ହେଲାଣି। ଧଉଳିରୁ ପାତ୍ରପଡ଼ା ଓ ପାହାଳରୁ ରଘୁନାଥପୁର ଅଞ୍ଚଳରେ ଥିବା ଆପାର୍ଟମେଣ୍ଟ ଗୁଡ଼ିକରୁ ଲୁଟ୍ ହେଉଛି। ଲୁଟେରାମାନେ ମୁଖ୍ୟତଃ ଆପାର୍ଟମେଣ୍ଟର ବନ୍ଦ ଘରକୁ ଟାର୍ଗେଟ୍ କରୁଛନ୍ତି।

# ଚୋରି ଗାଡ଼ି ଜବତ, ଅଭିଯୁକ୍ତ ଗିରଫ



ଜଟଣୀ (ସବ୍ୟୁ): ଜଟଣୀସ୍ଥିତ ହରିଭାଇନା ଛକରେ ଜଟଣୀ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମୋଟର ଯାନ ଚେକିଂ ଚାଲିଥିବା ବେଳେ ସଂପୃକ୍ତ ଅଭିଯୁକ୍ତ କାହ୍ନୁ ବର୍ଲି ଆର ସିଂହ (୩୬), ବାଛରାପାଟଣା ଏକ ୟାମାହା ମୋଟର ସାଇକେଲରେ ମ୍ୟୁନିସିପାଲିଟି ଛକ ଅଭିମୁଖେ ଯାଉଥିବା ବେଳେ ପୁଲିସ କର୍ମଚାରୀ ସନ୍ଦେହ ହେବାରୁ ତାକୁ ଅଟକାଇ ପଚରାଉଚୁରା କରିଥିଲେ । ପଚରାଉଚୁରା ବେଳେ ସଂପୃକ୍ତ ଅଭିଯୁକ୍ତ ଜଣକ ମୋଟର ସାଇକେଲକୁ ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କ ନିକଟରୁ କମ୍ ଦାମରେ କିଣିଥିବା ଦର୍ଶାଇବେଳେ କାଗଜପତ୍ର ଦେଖାଇପାରିନଥିଲା କି କ୍ରେତାଙ୍କ ନାମ ଠିକଣା କହିପାରିନଥିଲା । ଅଧିକ ତଦନ୍ତ ବେଳେ ଜଣାପଡିଲା ଗାଡ଼ିଟି ଚୋରା ଏବଂ ବେଆଇନ୍ ଭାବେ ରଖିଥିବା ଅଭିଯୁକ୍ତ ସ୍ୱୀକାର କରିଥିଲା । ପୁଲିସ ମଟରସାଇକେଲକୁ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲା। ଅଭିଯୁକ୍ତ କାହ୍ନୁ ଜଣେ ଅଭ୍ୟାସଗତ ଅପରାଧିବା ଥିବା ବେଳେ ତା ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୧୦ରୁ ଅଧିକ ଅପରାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି ।

## ଗାଡି ଧକ୍କାରେ ବାଇକ ଆରୋହୀ ଗୁରୁତର

ପାଣିକୋଇଲି (ସବ୍ୟୁ): ପାଣିକୋଇଲି ଥାନାର ଅନତୀଦୂର ୧୬ ନମ୍ବର ଜାତୀୟ ରାଜପଥରେ ଆଜି ସକାଳୁ ଅଜଣା ଗାଡି ଧକ୍କାରେ ବାଇକ ଆରୋହୀ ଗୁରୁତର ଆହତ ହୋଇଛି । ପରିବହନ ବିଭାଗର ପେଟ୍ରୋଲିଂଗ ଗାଡି ଦ୍ୱାରା ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପ୍ରକାଶଯେ ଦୁଇଟି ପୋଲ ମରାମତି ପାଇଁ ନିର୍ମାଣାଧିନ ପାଣିକୋଇଲି ବ୍ରମା କେୟାର ସମ୍ମୁଖରେ ଏକ ଡାଇଭରସନ କରାଯାଇ ରାଜପଥର ଗୋଟିଏ ପଟରେ ଉଭୟ ପଟର ଗାଡି ଛଡାଯାଉଛି । ଏହା ଫଳରେ ସେହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି । ମନ୍ଥରଗତି କାମ ଯୋଗୁ ରାଜପଥକୁ ପୋଲ ମରାମତି ଆଳରେ ଦୀର୍ଘ ୬ମାସରୁ ଉର୍ଦ୍ଧକାଳ ବନ୍ଦ କରାଯାଇଛି । ଆଜି ଭଦ୍ରକ ଜିଲ୍ଲା ଭଣ୍ଡାରୀ ପୋଖରୀ ଥାନା ଅନ୍ତର୍ଗତ ଡାହାଲା ବେଲଗଡିଆ ଗ୍ରାମର ସୁରେନ୍ଦ୍ର ପହୀଙ୍କ ପୁଅ ସତ୍ୟ ରଂଜନ ପହି ଏକ ବାଇକ (ଓଡି୩୪ଏନ ୩୮୮୪) ଯୋଗେ ନିଜର କର୍ମସଂସ୍ଥାନ କଳିଙ୍ଗନଗର ଶିଳ୍ପାଂଚଳକୁ ଯାଉଥିବା ବେଳେ ଏହି ରାସ୍ତା ମଝିରେ ସମ୍ମୁଖରୁ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କାଦେଇ ପଳାଇଥିଲା । ରାସ୍ତାରେ ପଡି ସେ ଗୁରୁତର ଆହତ ହୋଇଥିଲେ ।

# ଆଖିବୁଜିଲା ଅନୁରାଧା

ବାରଙ୍ଗ(ସବ୍ୟୁ): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୨୫ ନମ୍ବର ଖୁଆଡରେ ରହୁଥିବା ମାଇ ହେଟା ବାଘୁଣି ଅନୁରାଧା ଶୁକ୍ରବାର ଆଖିବୁଜିଛି । ମୃତ୍ୟୁର ପ୍ରକୃତ କାରଣ ଜଣାପଡିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ସୂଚନା ମିଳିଛି । ସୂଚନା ଯୋଗ୍ୟ ଯେ, ବାଘୁଣୀ ଅନୁରାଧା ଗତ ୨୦୧୫ ମସିହାରୁ କଟକରୁ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିଥିଲା । ଖୁଆଡରେ ରହି ପର୍ଯ୍ୟଟକଙ୍କ ମନୋରଞ୍ଜନର ଖୋରାକ ସାଜିଥିଲା । ହେଲେ ଗତ ମାର୍ଚ୍ଚ ଶେଷ ସପ୍ତାହ ରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା । ସେ ଠିକ୍ ସେ ଖିଆ ପିଆ କରୁନଥିବା ବେଳେ ଗୋଟିଏ ସ୍ଥାନରେ ପଡି ରହୁଥିଲା । ଖୁଆଡ୍ ରେ କାମ କରୁଥିବା କର୍ମଚାରୀ ଦେଖି କର୍ତ୍ତୁପକ୍ଷଙ୍କୁ ଜଣାଇଥିଲେ । କର୍ତ୍ତୁପକ୍ଷ ଏହି ହେଟା ବାଘୁଣୀ କୁ ପ୍ରାଣୀ ଚିକିତ୍ସାଳୟ କୁ ଆଣି ଚିକିତ୍ସା କରାଯାଇଥିଲା । ହେଲେ ସେ ସୁସ୍ଥ ହେବା ପରିବର୍ତ୍ତେ ଗୁରୁବାର ରାତିରେ ଗୁରୁତର ହୋଇପଡ଼ିଥିଲା । ପାଟିରୁ ରକ୍ତସ୍ରାବ ହୋଇ ତଳେ ପଡିଯାଇଥିଲା । ଏନେଇ କର୍ତ୍ତୁପକ୍ଷ ପ୍ରାଣୀ ଚିକିତ୍ସାଳୟକୁ ଆଣି ଚିକିତ୍ସା କରୁଥିବା ବେଳେ ଶୁକ୍ରବାର ଦିନ ଆଖିବୁଜିଥିଲା । ଏହି ବାଘୁଣୀର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୫ ରେ ପହଁଞ୍ଚିଛି ।

### ଝାରବନ୍ଧରେ ପୋଲିସ୍‌କୁ ଆକ୍ରମଣ ଘଟଣାରେ ଚିନ୍ତାପ୍ରକଟ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଥିବାବେଳେ ପୋଲିସ ଅସୁରକ୍ଷିତ



ଭୁବନେଶ୍ୱର (ସବ୍ୟୁ): ବରଗଡ଼ ଜିଲ୍ଲା ଝାରବନ୍ଧ ଥାନା ନିତ୍ୟାନନ୍ଦପୁର ଗାଁରେ ସ୍ଥାନୀୟ ପୋଲିସ ଆକ୍ରମଣର ଶୀକାର ହେବା ଘଟଣାରେ ଗଭୀର ଚିନ୍ତାପ୍ରକଟ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ସୋସିଆଲ ମିଡିଆ ଏକ୍ସରେ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ପୋଲିସ ଅସୁରକ୍ଷିତ ହୋଇପଡ଼ିଛି । ଗଞ୍ଜେଇ ବେପାରୀକୁ ଧରିବାକୁ ଯାଇଥିବା ବେଳେ ମହିଳା ଥାନାଧିକାରୀଙ୍କୁ ଗୋଟିଏ ଘରେ ବନ୍ଦୀ କରିବା ସହ ଅନ୍ୟ ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିବା ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଛି । ଏହା ରାଜ୍ୟ ସରକାରଙ୍କ ଆଇନଶୃଙ୍ଖଳା ପରିସ୍ଥିତିକୁ ଦର୍ଶାଉଛି । ଏହା କଣ ୨୫ ବର୍ଷ ଦୀର୍ଘ ଶାସନର ଉପଲବ୍ଧି କି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ।

# ବିଜେପିରେ ଯୋଗ ଦେଲେ ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ କୈଳାଶ ଚନ୍ଦ୍ର କୁଲେସିକା

ଭୁବନେଶ୍ୱର (ସବ୍ୟୁ): ଶୁକ୍ରବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ତଥା ବିଜେଡି ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର କୁଲେଶିକା ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି । ଶ୍ରୀ କୁଲେସିକାଙ୍କ ସମେତ ଲକ୍ଷ୍ମୀପୁର ବ୍ଲକ ବିଜେଡି ସଭାପତି ପ୍ରସାଦ ଖରା, ବରିଷ୍ଠ ବିଜେଡି କର୍ମୀ ହରି ତୁରୁକ, ପାଇଲି କଡ୍ରକା, ନିଧି ହିକାକା, ସୁଶାନ୍ତ ତୁରୁକ, ଉଦୟ କୁମାର ବେରିଆ, ଲକ୍ଷ୍ମିପୁର ବ୍ଲକର ଉପାଧକ୍ଷ ଦେବ୍ ଖରା, ଓଡିଆପେଂଟ ଗ୍ରାମ ପଂଚାୟତ ସରପଂଚ ବଙ୍ଗିସାଢୁଆଲ୍ ମାଣ୍ଡିଙ୍ଗା, ପୂର୍ବତନ ବ୍ଲକ ସଭାପତି ମୂରଲୀ ତୁଲା, ପୂର୍ବତନ ସମିତି ସଦସ୍ୟ ଦୁର୍ଯ୍ୟ ନାଗ, ପୂର୍ବତନ ଯୁବ ସଭାପତି ରଜତ କଦ୍ରା, ବିଜେଡିର ପୂର୍ବତନ ପଂଚାୟତ ସଭାପତି ରାଜୁ କଦ୍ରା, ବିଜେଡିର ସଦସ୍ୟ ସବି କୁମାର ବାଙ୍ଗାରି ପ୍ରମୁଖ ଆନୁଷ୍ଠାନିକଭାବେ ବିଜେପିରେ ଯୋଗ ଦେଇଛନ୍ତି । ସେହିପରି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବାର ଆସୋସିଏସନର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବି ପ୍ରଶାନ୍ତ କୁମାର ଦାଶ, ବିଖ୍ୟାତ ବାରିକ ଓ ଜୟନ୍ତ ମହାଳିକ ବିଜେଡି ଛାଡି ବିଜେପିରେ ଯୋଗ ଦେଇଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି । ପାର୍ଟୀରେ ସାମିଲ ହୋଇଥିବା ନୂତନ ସଦସ୍ୟଙ୍କୁ ୮୯୮୦୮୦୮୦୮୦ ନମ୍ବରରେ ଡାୟାଲ କରାଇ ରାଜ୍ୟ ସଭାପତି ଶ୍ରୀ ସାମଲ ସଦସ୍ୟତା କରାଇଥିଲେ । ଏହି ମିଶ୍ରଣ ପର୍ବରେ ବିଧାୟକ ପ୍ରଶାନ୍ତ ଜଗଦେବ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ବରିଷ୍ଠ ନେତା ମହେଶ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



## କେଏଲ୍‌ଏଚ୍ ଗ୍ଲୋବାଲ ବିଜ୍‌ନେସ ସ୍କୁଲରେ ଅର୍କ ୨୦୨୪ ଆୟୋଜିତ

ଭୁବନେଶ୍ୱର (ସବ୍ୟୁ): କୋଣ୍ଡପୁର କ୍ୟାମ୍ପସ୍‌ଠାରେ ଅବସ୍ଥିତ କେଏଲ୍‌ଏଚ୍ ଗ୍ଲୋବାଲ ବିଜ୍‌ନେସ ସ୍କୁଲ ପକ୍ଷରୁ ଏକ ଛାତ୍ର-ସଂଗଠିତ ଦୁଇ ଦିନିଆ ମ୍ୟାନେଜ୍‌ମେଂଟ୍ ଫେଷ୍ଟ ଅର୍କ ୨୦୨୪ ଆୟୋଜିତ ହୋଇଯାଇଛି। ଏହି ବହୁପ୍ରତିକ୍ଷୀତ ଇଂଟର-କଲେଜ ଫେଷ୍ଟିଭାଲ ଭିନ୍ନ ଭିନ୍ନ କଲେଜରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବା ସହିତ ସେମାନଙ୍କୁ ନିଜର ପରିଚାଳନାଗତ ପ୍ରବୃତି ଓ ଆଥ୍‌ଲେଟିକ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ମଂଚ ପ୍ରଦାନ କରୁଛି। ହାଇଦ୍ରାବାଦର ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡର ବ୍ରାଂଚ୍ ବିଜ୍‌ନେସ ମୁଖ୍ୟ ଏବଂ ଉପାଧକ୍ଷ ଭରଦ୍ୱାଜ କେଙ୍କ ଦ୍ୱାରା ଏହି ମହୋତ୍ସବର ଉଦ୍ଘାଟନ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଏକ ଉତ୍ସ ଭାବେ କାର୍ଯ୍ୟ କରିଥିଲା। ଅଂଶଗ୍ରହଣକାରୀଙ୍କ ସହ ତାଙ୍କ ଯୋଗଦାନ ସରଳ ବାର୍ତାଳାପଠାରୁ ଆଗକୁ ବଢିଥିଲା, ଯାହା ସେମାନଙ୍କୁ ଏକ ପ୍ରେରଣାଦାୟକ ଉତ୍ସାହ ଯୋଗାଇଥିଲା। କେଏଲ୍ ଡିମ୍‌ଡ ଟୁ ବି ୟୁନିଭର୍ସିଟିର ଭାଇସ୍ ଚାନ୍ସେଲର ଡଃ ଜି.ପରଧା ସାରଧି ବର୍ମା କହିଛନ୍ତି ।

# ଫୋନପେ ଓ ସିଙ୍ଗାପୁର ଟୁରିଜିମ ବୋର୍ଡ ମଧ୍ୟରେ ସହଭାଗିତା




ଭୁବନେଶ୍ୱର (ସବ୍ୟୁ): ସିଙ୍ଗାପୁର ଟୁରିଜିମ ବୋର୍ଡ (ଏସଟିବି) ଓ ଫୋନପେ ମଧ୍ୟରେ ଦୁଇ ବର୍ଷ ପାଇଁ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଗତ ଏପ୍ରିଲ ୩ ତାରିଖରେ ଆୟୋଜିତ ଏକ ସମାରୋହରେ ଏସ୍‌ଟିବିର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ମେଲିସା ଓଡବ୍ଲ୍ୟୁ ଏବଂ ଫୋନ୍‌ପେର ଇଂଟରନ୍ୟାଶନାଲ ପେମେଂଟସ ବିଜନେସର ସିଇଓ ରିତେଶ ପାଇ ଔପଚାରିକ ଭାବେ ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହି ସହଭାଗିତା ଭାରତ ଓ ସିଙ୍ଗାପୁର ମଧ୍ୟରେ ବିଦ୍ୟମାନ ୟୁନିଫାଏଡ ପେମେଂଟସ ଇଂଟରଫେସ (ୟୁପିଆଇ) ଲିଙ୍କେଜ୍ ଉପରେ ନିର୍ମିତ ହୋଇଛି, ଯାହା ଗ୍ରାହକଙ୍କୁ ନିଜର ଭାରତୀୟ ବ୍ୟାଙ୍କ ଆକାଉଂଟ୍‌ରୁ ସିଧାସଳଖ ଭାବେ ଦୁଇ ଦେଶ ମଧ୍ୟରେ ତତ୍କାଳ କ୍ରସ୍ ବର୍ଡର ଟ୍ରାଞ୍ଜନ କରିବାକୁ ଅନୁମତି ଦେଉଛି। ଏହି ସହଭାଗିତାର ଅଂଶ ଭାବେ ଏସଟିବି ଓ ଫୋନପେ ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡିକରେ ଏହି ସ୍ଥାନର ବିଭିନ୍ନ ଆକର୍ଷଣୀୟ ଉତ୍ପାଦ ଓ ବାଧାମୁକ୍ତ ୟୁପିଆଇ ଅନୁଭୂତିକୁ ପ୍ରୋତ୍ସାହିତ କରିବା ଲାଗି ଭାରତ ଓ ସିଙ୍ଗାପୁର ମଧ୍ୟରେ ଯୁଗ ବ୍ୟବସାୟିକ ପ୍ରୟାସଗୁଡିକରେ ନିବେଶ କରିବେ। ଏକ ଗନ୍ତବ୍ୟସ୍ଥଳୀ ଓ ଏକ ୟୁପିଆଇ ପେମେଂଟ୍‌ସ ପ୍ଲାଟ୍‌ଫର୍ମ ମଧ୍ୟରେ ଏହା ଏକ ପ୍ରଥମ ଧରଣର ସହଭାଗିତା ଅଟେ। ଏହି ପଦକ୍ଷେପ ସିଙ୍ଗାପୁରର ବିବିଧ ଆକର୍ଷଣ ଓ ଉତ୍ପାଦଗୁଡିକର ବାଧାହୀନ ଅନ୍ୱେଷଣକୁ ଉନ୍ମୋଚନ କରିବ ଯାହା ଭାରତୀୟ ଭ୍ରମଣକାରୀଙ୍କୁ ଆକର୍ଷିତ କରିଥାଏ । ଏହି ସହଭାଗିତା ସମ୍ପର୍କରେ ଏସଟିବିର ସିଇଓ ମେଲିସା ଓଡବ୍ଲ୍ୟୁ କହିଛନ୍ତି, ଏହି ସହଭାଗିତା ଉପଭୋକ୍ତାଙ୍କ ପାଇଁ ସିଙ୍ଗାପୁର ପରିଦର୍ଶନ ଅନୁଭୂତିକୁ ଉନ୍ନତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ପିଏନ୍‌ବି ବ୍ରହ୍ମପୁର ମଣ୍ଡଳ ପକ୍ଷରୁ ୧୩୦ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର (ସବ୍ୟୁ) : ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ୧୩୦ତମ ପ୍ରତିଷ୍ଠା ଦିବସ ଚଳିତ ମାସ ୧୨ ତାରିଖ ଦିନ ପାଳିତ ହୋଇଯାଇଛି । ପ୍ରତିଷ୍ଠା ଦିବସକୁ ସ୍ମରଣୀୟ କରିବା ଉପଲକ୍ଷେ ବ୍ୟାଙ୍କର ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ବ୍ରହ୍ମପୁର ସହର ମଧ୍ୟରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିବା ସହ ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟଠାରେ ଏକ ମେଗା ରକ୍ତଦାନ ଶିବିରର ମଧ ଆୟୋଜନ କରାଯାଇଥିଲା ଯେଉଁଥିରେ ୧୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସେହିପରି, ବ୍ୟାଙ୍କର ବ୍ରହ୍ମପୁର ମଣ୍ଡଳ ଅନ୍ତର୍ଗତ ୫୫ଟି ଶାଖାରେ ଗ୍ରାହକ ସମ୍ମିଳନୀ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମର ମଧ ଆୟୋଜନ କରାଯାଇଥିଲା। ବ୍ୟାଙ୍କର ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମ ଅଂଶବିଶେଷ ହେଲେନ୍ କେଲାର ମୂକ ବଧିର ବିଦ୍ୟାଳୟର ପିଲାମାନଙ୍କ ପାଇଁ ଏକ ୱାଟର ପ୍ୟୁରିଫାୟାର, ଖାଦ୍ୟ ସାମଗ୍ରୀ ଓ ଷ୍ଟଡି କିଟ୍ ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ବ୍ରହ୍ମପୁରର ଡାଇମଣ୍ଡ ଜୁବୁଲି ଟାଉନ୍ ହଲ ଠାରେ ଏକ ଟାଉନ ହଲ୍ ବୈଠକ ଆୟୋଜିତ ହୋଇଥିଲା ଏବଂ ଏଥିରେ ବ୍ୟାଙ୍କର ସମସ୍ତ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ମୂଲ୍ୟବାନ ଗ୍ରାହକମାନେ ଯୋଗ ଦେଇଥିଲେ। ବ୍ୟାଙ୍କର ବ୍ରହ୍ମପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଡଃ ଆଲୋକ ରଞ୍ଜନ ସେନାପତିଙ୍କ ଦ୍ୱାରା ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ବ୍ୟାଙ୍କର ବିକାଶ ଓ ଅଭିବୃଦ୍ଧିରେ ସେମାନଙ୍କର ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ସେନାପତି ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧନ କରିବା ସହ ବ୍ୟାଙ୍କର ସମୃଦ୍ଧ ଐତିହ୍ୟ, ରାଷ୍ଟ୍ର ନିର୍ମାଣରେ ଏହାର ଅବଦାନ ଏବଂ ସେବାର ଉତ୍କର୍ଷତା ପାଇଁ ଏହାର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ପରିଶେଷରେ, କର୍ମଚାରୀମାନଙ୍କ ଦ୍ୱାରା ବିଭିନ୍ନ ବ୍ୟାଙ୍କିଙ୍ଗ୍ ଉତ୍ପାଦ ତଥା ସାଇବର କ୍ରାଇମକୁ ରୋକିବା ଉପରେ ସଚେତନତା ସୃଷ୍ଟି ସମ୍ପର୍କୀତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଉପ-ମଣ୍ଡଳ ମୁଖ୍ୟ ପି କେ ଦାସ, ପିଏଲ୍‌ପି ମୁଖ୍ୟ ରାଜେଶ କୁମାର ମହନ୍ତ, ଶସ୍ତ୍ର ମୁଖ୍ୟ ପ୍ରଶାନ୍ତ କୁମାର ସିଂ, ମୁଖ୍ୟ ପ୍ରବନ୍ଧକ ସୁବ୍ରତ କୁମାର ସେଠୀ, ବରିଷ୍ଠ ପ୍ରବନ୍ଧକ ଆନନ୍ଦ ବିହାରୀ ଶ, ଅଧିକାରୀ କୁମୁଦ ପଣ୍ଡା, ପ୍ରବନ୍ଧକ ଅଂଶୁମାନ ସାହୁଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ।

## ସୁଧାଂଶୁ ଶେଖର ଦେଓ ହେଲେ ରାଜ୍ୟ ପ୍ରଚାର କମିଟି ଆବାହକ

ଉଦୟଗିରି (ସବ୍ୟୁ):- ବଡଚଣା ବ୍ଲକ ମଝିପଡା ପଞ୍ଚାୟତ ଚଣ୍ଡିଆ ଗ୍ରାମର କଂଗ୍ରେସ ନେତା ସୁଧାଂଶୁ ଶେଖର ଦେଓ ରାଜ୍ୟ କଂଗ୍ରେସର ପ୍ରଚାର କମିଟି ଆବାହକ ଭାବେ ମନୋନୀତ ହୋଇଛନ୍ତି । ଏଆଇସିସି ଅନୁମୋଦନ କ୍ରମେ ଏକ ୩୬ଜଣିଆ କମିଟିରେ ତାଙ୍କୁ ଆବାହକ କରାଯାଇଛି । ସେ ବହୁବର୍ଷ ହେଲା କଂଗ୍ରେସ ସଂଗଠନ ପାଇଁ କାମ କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଜଡିତ ଥିଲେ । ଆଗାମୀ ଦିନରେ ବଡଚଣା ନିର୍ବାଚନ ମଣ୍ଡଳୀ ସହ ସମଗ୍ର ଜିଲ୍ଲାରେ କଂଗ୍ରେସ ସଂଗଠନକୁ ମଜଭୁତ କରିବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି ।

# ପୂର୍ବତନ ମନ୍ତ୍ରୀ ଡାକ୍ତର କମଳା ଦାସଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ



ଭୁବନେଶ୍ୱର (ସବ୍ୟୁ) ତିନି ଥରର ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ଡା. କମଳା ଦାସଙ୍କ ଗୁରୁବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଦେହାନ୍ତ ଘଟିଛି । ସ୍ୱର୍ଗତାଃ ଦାସ ଜଣେ ସୁଦକ୍ଷ ଜନପ୍ରତିନିଧିଭାବେ ତାଙ୍କର ଜନସେବା କାର୍ଯ୍ୟଗୁଡିକ ଚିର ସ୍ମରଣୀୟ ହୋଇ ରହିବ । ସ୍ୱର୍ଗତା ଦାସଙ୍କ ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ସ୍ୱର୍ଗତାଃ ଦାସଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସ୍ୱର୍ଗତାଃ ଦାସଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ଏଭଳି ଦୁଖଦଃ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ଓ ବିରୋଧୀ ଦଳ ନେତା ଶ୍ରୀ ମିଶ୍ର ପ୍ରାର୍ଥନା କରିଛନ୍ତି ।

### ବୈଜୟନ୍ତଙ୍କ ଶୋକ

ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈୟଜନ୍ତ ପଣ୍ଡା ମଧ କମଳା ଦାସଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ୍ କରି କହିଛନ୍ତି ଯେ, ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇର ପୂର୍ବତନ ବିଧାୟିକା ଡ. କମଳା ଦାସଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ଗଭୀର ଭାବେ ମର୍ମାହତ । ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ସେ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ମତଦାନ ବିଷୟରେ ଶିକ୍ଷା ଏବଂ ଅଧିକ ମତଦାନ ପାଇଁ ଜିଲ୍ଲା ପ୍ରଶାସନ ବୈଠକ




ବାରିପଦା, (ସବ୍ୟୁ) : ଆଗାମୀ ସାଧାରଣ ନିର୍ବାଚନକୁ ଜନାଭିମୁଖୀ ଏବଂ ମତଦାନ ସାମ୍ବିଧାନିକ ମୌଳିକ ଅଧିକାରକୁ ଜନମାନସରେ ଆଦୃତ କରାଇବାପାଇଁ, ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି । ଏହି ପରିପ୍ରେକ୍ଷୀରେ, ଭାରତୀୟ ନିର୍ବାଚନ କମିଶନଙ୍କ ବ୍ୟବସ୍ଥିତ ଭୋଟରଙ୍କ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ଜିଲ୍ଲାରେ ସୁଚାରୁ ରୂପେ ସଂଚାଳନ କରିବା ପାଇଁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଏକ ପ୍ରଶାସନିକ ବୈଠକ ଅନୁଷ୍ଠିତ କରାଇଛନ୍ତି । ଏହି ବ୍ୟବସ୍ଥିତ ଭୋଟରଙ୍କ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ ବା କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁଙ୍କ ପରିଚାଳନାରେ ଜିଲ୍ଲାପାଳଙ୍କ ସ୍ଥାନୀୟ ଓସଓ୍ୱାନ ହଲ ଠାରେ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ଉପସ୍ଥିତିରେ ଏକ ଆଭାସୀ ବୈଠକ ମାଧ୍ୟମରେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆଲୋଚନା ହୋଇଥିଲା ।

ସୂଚନା ଯୋଗ୍ୟଯେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକରୁ ଅଧିକ ମତଦାତା କିଭଳି ଜିଲ୍ଲା ମତଦାନରେ ଅଂଶଗ୍ରହଣ କରିବେ ସେନେଇ ଆଲୋଚନା ହେବା ସହିତ ଅଧିକରୁ ଅଧିକ ଯୁବଭୋଟର ମାନଙ୍କୁ ନିର୍ବାଚନ ପର୍ବରେ ନିଜ ଅଧିକାର ସାବ୍ୟସ୍ତ କରିବା ପାଇଁ ଉତ୍ସାହିତ କରିବା ପାଇଁ ଏହି ପ୍ରାକ-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଶ୍ରୀ ସ୍ୱାଇଁଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଅନୁସାରେ, ୨୦୧୯ ନିର୍ବାଚନ ବର୍ଷରେ ମୟୂରଭଞ୍ଜ ଜିଲ୍ଲାରେ ୭୭% ମତଦାନ ହୋଇଥିବା ବେଳେ ନିର୍ବାଚନ କମିଶନ ଏହି ହାରକୁ ୮୧%କୁ ବୃଦ୍ଧି କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଣୁ ୨୦୦୧୯ରେ ୨୩୬୪ ବୁଥ ହୋଇଥିବାବେଳେ ୨୦୨୪ବର୍ଷ ୨୩୬୮ଟି ବୁଥ ଜିଲ୍ଲାରେ ହୋଇଛି । ସେହିପରି ଭାବରେ ୬୦% ରୁ ୭୦% ଭୋଟ ୨୪୬ଟି କେନ୍ଦ୍ରରୁ ମିଳିଥିବାବେଳେ ଏହି ସଂଖ୍ୟାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଧାରାରେ ଭୋଟର ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇବା ପାଇଁ ୧୭ଟି ବିଭିନ୍ନ ମତଦାନ ସୂଚନାଧର୍ମୀ କାର୍ଯ୍ୟକ୍ରମ କରାଯିବ । ପ୍ରତ୍ୟେକ ବ୍ଲକ ଏବଂ ସବ୍‌ଡିଭିଜନରେ ଏହି କାର୍ଯ୍ୟକ୍ରମ ମନ ଅନୁଷ୍ଠିତ କରାଇବା ପାଇଁ ସମସ୍ତ ରିଟର୍ଣ୍ଣିଙ୍ଗ ଅଫିସର ମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସମସ୍ତ ଜିଲ୍ଲାସ୍ତରୀୟ ଭିଭାଗୀୟ ଅଧିକାରୀ ମାନଙ୍କୁ ଏହି ଦାୟିତ୍ୱ ସମ୍ପାଦନା କରିବାରେ ସାହାଯ୍ୟ କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ସମସ୍ତ ବସ ମାନଙ୍କରେ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରସ୍ତୁତ ଜିଙ୍ଗଲ ଏବଂ ଭିଡିଓ ବାର୍ତ୍ତା ଚାଲୁ କରାଯିବାର ଦାୟିତ୍ୱ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଦିଆଯାଇଥିଲା ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନଙ୍କୁ ଜଣ ସଚେତନତା କାର୍ଯ୍ୟକ୍ରମକୁ ପ୍ରଚାର ପ୍ରସାର ଏବଂ ଜନାଭିମୁଖୀ କରାଇବା ପାଇଁ ମଧ ଜିଲ୍ଲାପାଳ କହିଥିଲେ । ଏଥିସହିତ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ଏବଂ ୮୫ବର୍ଷ ରୁ ଅଧିକ ବୟସ୍କ ମତଦାତା ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ବିଶେଷ ଆଲୋଚନା ହୋଇଥିଲା । ଏହି ବୈଠକରେ ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପାଓ୍ୱାର ପଏଣ୍ଟ ଉପସ୍ଥାପନା କରିଥିବାବେଳେ ଶ୍ରୀ ସ୍ୱାଇଁ ଏହା ଆଧାରରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ଦାୟିତ୍ୱ ବିଷୟରେ ସେମାନଙ୍କୁ ଅବଗତ କରାଇଥିଲେ ।

ଉକ୍ତ ବୈଠକରେ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ରଜନୀକାନ୍ତ ସ୍ୱାଇଁ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ପରିବହନ ଅଧିକାରୀ ବିସ୍ୱରାଜ ବେହେରା, ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଗ୍ରୀଷ୍ମପ୍ରବାହ ପରିଚାଳନା ସମ୍ପର୍କରେ ଚର୍ଚ୍ଚା କରିଥିଲେ ।

# କ୍ଲକ୍ ଟାଓ୍ୱାର ମରାମତି କରିବାକୁ ଦାବି



ବୁଗୁଡା, (ସବ୍ୟୁ): ବୁଗୁଡା ସହରର ମଦନ ମୋହନ ଛକରେ ଶୋଭା ପାଉଥିବା କ୍ଲକ୍ ଟାଓ୍ୱାରରେ ଲାଗିଥିବା ଚାରୋଟିଯାକ କ୍ଲକ୍ ଦୀର୍ଘ ଦିନ ହେଲା ଖରାପ ହୋଇପଡିଥିଲା ବେଳେ ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ଗତ ଫେବୃୟାରୀ ୨ ତାରିଖରେ ମଦନ ମୋହନ ଛକରେ ସ୍ଥାପିତ ଉକ୍ତ କ୍ଲକ ଟାଓ୍ୱାରଟି ଉଦଘାଟିତ ହୋଇଥିଲା ବେଳେ ସାଧାରଣରେ ଖୁସି ବ୍ୟକ୍ତ କରାଯାଇଥିଲା। କିନ୍ତୁ, ୨ ଦିନ ପରେ ଟାଓ୍ୱାରରେ ଲାଗିଥିବା ଘଡି ଚାରୋଟି ସଠିକ୍ ଭାବେ କାମ ନକରିବାରୁ ଲୋକଙ୍କ ଖୁସିରେ ଭଙ୍ଗା ପଡିଥିଲା । ଘଡି ଚାରୋଟି ଭୁଲ ସମୟ ଦର୍ଶାଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏ ନେଇ ଅଭିଯୋଗ କଲେ ମଧ୍ୟ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବ ଯୋଗୁଁ କୌଣସି ସୁଫଳ ମିଳୁନାହିଁ ।

ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ଟାଓ୍ୱାରରେ ଅକାମୀ ଘଡି ଚାରୋଟି ଖଞ୍ଜି ଦେଇ ବେଶ୍ ମୁନାଫା କମାଇ ଠିକାଦାର ଛୁ ମାରିଥିବା ବେଳେ ଲୋକେ ବନ୍ଦ ଘଡିକୁ ଚାହିଁ ଅଶୁଭ ମନେ କରୁଛନ୍ତି । ପ୍ରବଳ ଜନ ଅସନ୍ତୋଷ ସାଙ୍ଗକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେଉଁ ରହସ୍ୟମୟ କାରଣରୁ ଘଡି ଚାରୋଟିକୁ ସଜଡା ଯାଇପାରୁନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ସେହି କ୍ଲକ୍ ଟାଓ୍ୱାରରେ ଖଚିତ ୪ଟି ଘଡିକୁ ସଜାଡିବାକୁ ଏନ୍‌ଏସି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଆକ୍ୱାଗାର୍ଡ଼ ପ୍ରଦାନ

ବାଲିଗୁଡା, (ସବ୍ୟୁ): କନ୍ଧମାଳ ଜିଲ୍ଲା ବାଲିଗୁଡା ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଛାତ୍ରୀ ମାନଙ୍କୁ ଶୁଦ୍ଧ ପାଣି ଯୋଗାଇବା ନେଇ ଏକ ଆକ୍ୱାଗାର୍ଡ଼ ପ୍ରଦାନ କରିଛନ୍ତି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଭୁବନେଶ୍ୱର ସ୍ଥିତ ଶ୍ରୀରାମ ପ୍ରଭାତ ଶାଖାର ସ୍ୱୟଂ ସେବକ ତଥା ଇଣ୍ଡିଆନ ବ୍ୟାଙ୍କର ଅବସରପ୍ରାପ୍ତ ସହକାରୀ ଜେନେରାଲ ମ୍ୟାନେଜର ଶିବରାମ ଆଚାରୀ ଓ ତାଙ୍କ ଧର୍ମ ପତ୍ନୀ ଉଷାରାଣୀ ଆଚାରୀ ।

ଶୁକ୍ରବାର ସକାଳ ପ୍ରାର୍ଥନା ସଭାରେ ଏକ ଛୋଟିଆ କାର୍ଯ୍ୟକ୍ରମରେ ଶ୍ରୀଆଚାରୀ ଓ ତାଙ୍କ ଧର୍ମ ପତ୍ନୀ ଶ୍ରୀମତୀ ଆଚାରୀ କହିଛନ୍ତି ଯେ, ସେମାନେ ଦୁହେଁ ସ୍ୱୟଂ ସେବକ ହୋଇଥିବାରୁ ଏକ ସୁନ୍ଦର ରାଷ୍ଟ୍ର ଗଠନ ତାଙ୍କର ମୂଳ ଲକ୍ଷ ରହିଛି, ଏହି ଶିଶୁ ବିଦ୍ୟା ମନ୍ଦିରରେ ପଢୁଥିବା ଛୋଟ ଛୋଟ ଶିଶୁ ଆଗାମୀ ରାଷ୍ଟ୍ର ଗଠନର ସାରଥି ସାଜିବେ, ଏଣୁ ଏହି ଗାଁ ଆମ ପରିବାର ଏହି ବିଦ୍ୟାମନ୍ଦିର ମୋ ଘର ଏଠାରେ ପଢୁଥିବା ସମସ୍ତ ଶିଶୁ ମୋର ଆମ ପରିବାରର ଏମାନଙ୍କ ଭବିଷ୍ୟତ ଆମ ସମସ୍ତଙ୍କ ଦାୟିତ୍ୱ ଏଣୁ ମୋ ପିଲା ମାନଙ୍କୁ ଶୁଦ୍ଧ ପାଣି ଟୋପାଏ ଦେବା ପାଇଁ ଏହି ଆକ୍ୱାଗାର୍ଡ଼ଟି ପ୍ରଦାନ କରିଛି ବୋଲି ଶ୍ରୀ ଆଚାରୀ ପ୍ରକାଶ କରିଛନ୍ତି । ଏହି ବିଦ୍ୟାମନ୍ଦିରରେ ପଢୁଥିବା ଏକ ହଜାର ଶିଶୁ ଏହାର ଲାଭ ଉଠାଇବେ ଏହା ମୋର ଲକ୍ଷ୍ୟ ।

ଏହି ଆକ୍ୱାଗାର୍ଡ଼ ପ୍ରଦାନ କାର୍ଯ୍ୟକ୍ରମରେ ଶିବରାମ ଆଚାରୀଙ୍କ ସାନ ଭାଇ ପଞ୍ଚାନନ ଆଚାରୀ, ଗୀତାଞ୍ଜଳି ଆଚାରୀ, ଗୌରୀ ଶଙ୍କର ଆଚାରୀ, ମାହାଲକ୍ଷ୍ମୀ ପେଟ୍ରୋଲ ପମ୍ପ ମାଲିକ ସୀତାରାମ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଗୁରୁମା ମମତା ମହାରଣା ସମସ୍ତ ଅତିଥିଙ୍କ ପରିଚୟ କରିବା ସହ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରତି ଆଚାରୀ ପରିବାରର ସହଯୋଗ ରହିଥିବାରୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଶ୍ରୀଲଙ୍କାରେ ନିୟୁ କ୍ରିଏସନ ଡାନ୍ସ ଏକାଡେମୀ ଛାତ୍ରୀ



ଅନୁଗୋଳ, (ସବ୍ୟୁ) : ନୃତ୍ୟଧାମ କଳା ସମିତି ଏବଂ ହିନ୍ଦୁସ୍ତାନ ଆର୍ଟ ଏଣ୍ଡ ମ୍ୟୁଜିୟମର ମିଳିତ ସହଯୋଗରେ ଶ୍ରୀଲଙ୍କାର କଲମ୍ବୋ ଠାରେ ସ୍ୱାମୀ ବିବେକାନନ୍ଦ କଲଚୁରାଲ ସେଣ୍ଟର ହାଇକମିଶନ ଅଫ ଇଣ୍ଡିଆ ପରିସରରେ ଭାରତ ସଂସ୍କୃତି ଯାତ୍ରା -୨୦୨୪ ପ୍ରତିଯୋଗିତା ମାର୍ଚ୍ଚ ୨୮ ତାରିଖ ଠାରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା ।

ଅନୁଗୋଳର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ ନିୟୁ କ୍ରିଏସନ ଡାନ୍ସ ଏକାଡେମୀର ଛାତ୍ରୀ ମାନେ ଆୟୋଜିତ ଶାସ୍ତ୍ରୀୟ ନୃତ୍ୟ, ସଂଗୀତ, ବାଦ୍ୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ରେ ଅନୁଷ୍ଠାନର ଗୁରୁ ଶ୍ରୀମତୀ ଅନିତା ରାଜଗୁରୁଙ୍କ ତତ୍ୱାବଧାନରେ ଭାଗ ନେଇ ସଫଳତା ହାସଲ କରିପାରିଥିଲେ । ଏଥିରେ ନାଲକୋନଗରର ଛାତ୍ରୀ ସୁଶ୍ରୀ ସ୍ମୃତିରେଖା ଚାନ୍ଦ ଓଡ଼ିଶୀ ନୃତ୍ୟ ସର୍ବକନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସହିତ ଅନ୍ତର୍ଜାତୀୟ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସେହିପରି ବରିଷ୍ଠ ଓଡ଼ିଶୀ ନୃତ୍ୟ ବିଭାଗରେ ଆଶା ଅଭିଲିପ୍ସା ପ୍ରଥମ ହୋଇ ବୃନ୍ଦ ପ୍ରିୟା ହୀରକ ସମ୍ମାନରେ ସମ୍ମାନିତ ହୋଇଥିଲେ ଏବଂ ସାଧାରଣ ଓଡ଼ିଶୀ ନୃତ୍ୟ ବିଭାଗରେ ଆରୁଣୀ ଅପରୂପା ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଅନ୍ତର୍ଜାତୀୟ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଆସନ୍ତା ବର୍ଷ ଜାନୁଆରୀ ମାସରେ ଦୁବାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଏହି ତିନି ଜଣଙ୍କୁ ସମ୍ମାନିତ କରାଯିବ ।

# ପିକ୍‌ଅପ୍ ଭ୍ୟାନ୍ ଚୋରି ମାମଲା, ୩ କୋର୍ଟଚାଲାଣ

ଅନୁଗୁଳ, (ସବ୍ୟୁ) : ଅନୁଗୁଳ ସହର ଗାନ୍ଧୀମାର୍ଗରୁ ଚୋରି ହୋଇଥିବା ପିକ୍‌ଅପ୍ ଭ୍ୟାନକୁ ଉଦ୍ଧାର କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ଅନୁଗୁଳ ଟାଉନ୍ ଥାନା ପୋଲିସ । ୩ ଅଭିଯୁକ୍ତ ହେଲେ ସରଫରାଜ ଖାଁ, ଏହମଦ ରାଜ, ଏମଡି ସଗୀର । ସେମାନଙ୍କ ପାଖରୁ ଚୋରି ପିକ୍‌ଅପ ଭ୍ୟାନ ସହ ସ୍କୁଟି, ୩ ଟି ମୋବାଇଲ ଫୋନ ଓ ଏକ ମାଷ୍ଟର ଚାବି ମଧ ଜବତ କରାଯାଇଛି । ଗତ ୬ ତାରିଖ ରାତିରେ ଗାନ୍ଧୀ ମାର୍ଗସ୍ଥିତ ପ୍ରଶାନ୍ତ କୁମାର ବେହେରାଙ୍କ ପିକ୍‌ଅପ୍ ଭ୍ୟାନ ଚୋରି ହୋଇଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଏଥିସହ ଚୋରି ହୋଇଥିବା ପିକଅପ୍ ଭ୍ୟାନକୁ ଉଦ୍ଧାର କରି ପ୍ରଶାନ୍ତ ବେହେରାଙ୍କୁ ଥାନା ପକ୍ଷରୁ ହସ୍ତାନ୍ତର କରାଯାଇଛି ।

# ହାତୀ ଆକ୍ରମଣରେ ଜଣେ ମୃତ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ପୁନରାବୃତ୍ତି ହେଲା ହାତୀ ଆକ୍ରମଣରେ ପୁଣି ଜଣେ ମୃତ । ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ହିନ୍ଦୋଳ ଥାନା ଅନ୍ତର୍ଗତ କଂସରା ପଞ୍ଚାୟତ ଆମ୍ବିଠି ଗ୍ରାମର ପ୍ରସନ୍ନ ବେହେରା ଶୌଚ ହେବାକୁ ଯାଇଥିବା ବେଳେ ଜଙ୍ଗଲୀ ହାତୀ ଆସି ଆକ୍ରମଣ କରି ଟେକି କଚାଡି ଦେବା ସହ ପ୍ରସନ୍ନଙ୍କୁ ଦଳି ଦେଇଥିଲା । ଘଟଣା ସମ୍ପର୍କରେ ଜାଣି ଗ୍ରାମବାସୀଙ୍କ ସହଯୋଗରେ ପ୍ରସନ୍ନଙ୍କୁ ହିନ୍ଦୋଳ ଡାକ୍ତରଖାନା ଅଣାଯାଇଥିଲା ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ହିନ୍ଦୋଳ ବନବିଭାଗ କର୍ମଚାରୀ ଓ ଅଧିକାରୀ ହିନ୍ଦୋଳ ଡାକ୍ତରଖାନା ଆସି ଆବଶ୍ୟକ କ୍ଷତିପୂରଣ ପ୍ରତିଶୃତି ଦେଇଥିଲେ ଏବଂ ହିନ୍ଦୋଳ ଥାନା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ମାମଲା ରୁଜୁ କରିଛନ୍ତି । ଏଇ ନିକଟରେ ହିନ୍ଦୋଳ ବନବିଭାଗ କର୍ମଚାରୀ ଓ ଅଧିକାରୀ ନିରୀହ ଲୋକଙ୍କୁ ଧରି ଆଣି ଆକ୍ରମଣ କରି ମାମଲା ରୁଜୁ କରିବା ଘଟଣା ମନରୁ ଲିଭି ନଥିବା ବେଳେ ପୁଣି ହାତୀ ଆକ୍ରମଣରେ ମୃତ୍ୟୁ ଘଟଣା ପୁନରାବୃତ୍ତି ହେବା ବନବିଭାଗର ପାରିବା ପଣିଆ ପଦାରେ ପଡିଛି ଏବଂ ବେଫିକର ହିନ୍ଦୋଳ ବନବିଭାଗର କାର୍ଯ୍ୟକଳାପ ହିନ୍ଦୋଳ ଜନସାଧାରଣଙ୍କୁ ନିରାଶ କରିବା ସହ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି ।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ବୈଠକ



ବ୍ରହ୍ମପୁର, (ସବ୍ୟୁ): ଶୁକ୍ରବାର ଗୋପାଳପୁର ଅନ୍ତର୍ଗତ ଗାରାମାପେଟା ଗ୍ରାମର ପ୍ରତ୍ୟକ୍ଷ ଦେବୀ ଗାରାମା ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଭାରତୀୟ ସେନାର ଅବସରପ୍ରାପ୍ତ ସୈନିକ ଭାଇ ମାନଙ୍କ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଯାଇଛି। ଏହି ବନ୍ଧୁ ମିଳନ ଉତ୍ସବରେ ଗୋପାଳପୁର ବିଜେପି ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ଜେନା ଓ ବ୍ରହ୍ମପୁର ଲୋକସଭା ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଯୋଗ ଦେଇଥିଲେ। ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ବିଜେପି ପ୍ରାର୍ଥୀଙ୍କୁ ବିଜୟୀ କରାଇବା ସହ ଗୋପାଳପୁର ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଓ ବିକାଶକୁ ତ୍ୱରାନ୍ୱିତ କରିବାକୁ ଘୋଷଣା କରାଯାଇଥିଲା । ମୋଦୀ ସରକାରଙ୍କ ଅମଳରେ ଭାରତୀୟ ସେନା ବିଶ୍ୱର ଏକ ଶକ୍ତିଶାଳୀ ଓ ଶୃଙ୍ଖଳିତ ସୈନ୍ୟ ବାହିନୀ ରୂପରେ ପରିପ୍ରକାଶ ଘଟିଛି। ରାଜ୍ୟ ସରକାରଙ୍କର ଦୁର୍ନିତୀ ଓ ଅବସରପ୍ରାପ୍ତ ସିପାହୀଙ୍କ ପ୍ରତି ଅଣଦେଖାକୁ ବୈଠକରେ ନିନ୍ଦା କରାଯାଇଥିଲା ।

ଏହି ବୈଠକରେ ରାଜ୍ୟ ଆଇନଜୀବୀ ସଦସ୍ୟ ପୀତବାସ ପଣ୍ଡାଙ୍କ ସମେତ ରାଜେଶ ସାହୁ, ଗଙ୍ଗା ଶତପଥି, ରଜତ ପଣ୍ଡିତ, ବାଲ୍ୟ ଦଳେଇ, ସୁନିଲ ପାତ୍ର, ସନତ ନାୟକ, ଅନିଲ ପତି, ବ୍ରଜମୋହନ ନାୟକ, ଯୁଧିଷ୍ଠି ନାୟକ, ଲକ୍ଷ୍ମୀ ଚୌଧୁରୀ, ପ୍ରଦୀପ ପଟ୍ଟନାୟକ, ଉ.କାମରାଜୁ, ଡି. ବିଶ୍ୱନାଥ, ଜେ. ବୈରାଗୀ, କାଳୁ ଚରଣ ପ୍ରଧାନ, ସି. ଆନନ୍ଦ ରାଓ, ଅଭୟ ଚରଣ ପାତ୍ର, ନିକୁଞ୍ଜ ବିହାରୀ ପ୍ରଧାନ, ଏମ୍. ରାଜେନ୍ଦ୍ର ସୁବୁଦ୍ଧି, ଚନ୍ଦ୍ର ଶେଖର ପାଢ଼ୀ, ଦୀପ୍ତି ସେଠୀ, ଏସପି ରାଓ ପ୍ରମୁଖ ଯୋଗ ଦେଇଥିଲେ।

# ଓ୍ୱାର୍ଡରୁ ଓ୍ୱାର୍ଡ ବୁଲି ପ୍ରଚାର କରୁଛନ୍ତି ନେତା

କାମାକ୍ଷାନଗର, (ସବ୍ୟୁ) : କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ କରିଛି ବିଜୁ ଜନତା ଦଳ । ଦଳ ର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ନିର୍ବାଚନ ପ୍ରଚାର ମୈଦାନ ରେ ଓଲ୍‌ହାଇଛନ୍ତି । କାମାକ୍ଷାନଗର ଏନଏସି ଅନ୍ତର୍ଗତ ୩ ନମ୍ବର ମହିମାନଗର, ଅନନ୍ତପୁର ଓ ୪ ନମ୍ବର ଓ୍ୱାର୍ଡ କଲୋନୀ ସାହିରେ ବିଜେଡି ନିଜର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛି । ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଓ କାମାକ୍ଷାନଗର ଏନଏସି ହୋଇଥିବା ବିକାଶ କାର୍ଯ୍ୟକୁ ଆଧାର କରି ବିଜେଡି ଲୋକ ଙ୍କ ପାଖକୁ ଯାଉଛି ।

ଯେଉଁଥିପାଇଁ ବିଜୁ ଜନତା ଦଳ ପ୍ରତି ପ୍ରବଳ ଜନସମର୍ଥନ ଦେଖିବାକୁ ମିଳିଛି । ଆଜି ସ୍ଥାନୀୟ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ ଏନଏସିର ଏହି ଦୁଇ ଓ୍ୱାର୍ଡରେ ଘର କୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି । ଏହି ଅବସରରେ କାମାକ୍ଷାନଗର ଏନଏସି ଅଧକ୍ଷ ଧର୍ମାନନ୍ଦ ପରିଡା, ସମସ୍ତ କାଉନସିଲର, ବିଜୁ ଜନତା ଦଳ ନଗର ସଭାପତି ଆଦିତ୍ୟ ପ୍ରସାଦ ଆଚାର୍ଯ୍ୟ, ନଗର ସଭାନେତ୍ରୀ ରଞ୍ଜିତା ବେହେରା ପ୍ରମୁଖ ଘର କୁ ଘର ବୁଲି ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡ଼ ଅବିନାଶ ସାମଲ ଓ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ ଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

## ମା'ଙ୍କ ହିଙ୍ଗୁଳା ଯାତ୍ରାରେ ଖବରକାଗଜ ପ୍ରତିନିଧିଙ୍କୁ ଅଣଦେଖା

# ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି

ତାଳଚେର, (ସବ୍ୟୁ) : ତାଳଚେର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଟ୍ରଷ୍ଟବୋର୍ଡର ସଭାପତି ତଥା ତାଳଚେର ଉପଜିଲ୍ଲାପାଳ ମନୋଜ ତ୍ରିପାଠୀଙ୍କ କାର୍ଯ୍ୟାଳୟରୁ ଏକ ଚିଠି ନଂ- ୭୧ ତା ୧୦/୦୪/୨୦୨୪ରେ ଚଳିତ ବର୍ଷ ମା'ଙ୍କ ଯାତ୍ରା ଉଦ୍ଦେଶ୍ୟରେ କେବଳ ଇଲୋକ୍ଟ୍ରୋନିକ୍ସ ମିଡ଼ିଆ କୁ ଖବର ପ୍ରସାରଣ ପାଇଁ ପ୍ରଧାନ୍ୟ ଦେଇ ସମସ୍ତ ଖବର କାଗଜର ପ୍ରତିନିଧିମାନଙ୍କୁ ଅଣଦେଖା କରିଥିବାରୁ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏପରି ନିଷ୍ପତିକୁ ନିନ୍ଦା କରାଯାଇଛି । ଏପରିକି, କିଛି ନିର୍ଦ୍ଦିଷ୍ଟ ଓ୍ୱେବ୍ ଚ୍ୟାନେଲ ଉକ୍ତ ଚିଠିରେ ନାମ ଉଲ୍ଲେଖ ରହିଥିଲେ ମଧ୍ୟ କିପରିଭାବେ ଅନ୍ୟ ଓ୍ୱେବ ଚ୍ୟାନେଲକୁ ପ୍ରଧାନ୍ୟ ଦିଆଗଲା ନାହିଁ କାହିଁକି? ଘଟଣାରୁ ପ୍ରକାଶ ତାଳଚେର ମା' ଅଧିଷ୍ଠାତ୍ରୀ ଦେବୀଙ୍କ ହିଙ୍ଗୁଳା ଯାତ୍ରା ଓ ୨୦ତମ ଲୋକମହୋତ୍ସବ ୨୦୨୪ – ୨୨ଏପ୍ରିଲରୁ ୩୦ଏପ୍ରିଲ ପ୍ରାୟ ୯ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ମା'ଙ୍କ ଯାତ୍ରାର ପ୍ରଚାର ପ୍ରସାର ନିମନ୍ତେ ଖବର କାଗଜର ପ୍ରତିନିଧିମାନେ ଯାତ୍ରା ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଖବର ପ୍ରଚାର ପ୍ରସାରରେ ଅବହେଳା କରିନଥାନ୍ତି । ଯେହେତୁ ମା' ଅଗ୍ନିରୂପା ଚଳନ୍ତିଦେବୀ ସବୁ ଗଣମାଧ୍ୟମ ପ୍ରତିନିଧିଙ୍କର ଠାକୁରାଣୀଙ୍କ ପ୍ରତି ଭକ୍ତିଭାବ ପୁରି ରହିଥାଏ । ତେଣୁ ଏହି ଖବରକୁ ଯେତେ ବାଧାବିଘ୍ନ ହେଲେ ମଧ୍ୟ ଖବରକାଗଜରେ ସ୍ଥାନ ଦେବାକୁ କେବେବି ପଛଘୁଂଚା ଦେଇନଥାନ୍ତି । ମା'ଙ୍କ ଯାତ୍ରା ଚୈତ୍ରମାସର ପ୍ରଚଣ୍ଡଖରା ଓ ବ୍ୟାପକ ପ୍ରଦୁ୍ୟଷଣକୁ ଖାତିରନକରି ସେମାନେ ସକାଳୁ ରାତ୍ରୀ ପର୍ଯ୍ୟନ୍ତ ଖବର ସଂଗ୍ରହ କରିବାକୁ ଅକ୍ଳାନ୍ତ ପରିଶ୍ରମ କରିଥାନ୍ତି । ଏପରିସ୍ଥଳେ ସ୍ଥାନୀୟ ପ୍ରଶାସନ କିମ୍ବା ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଏହି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କାହିଁକି ଉପେକ୍ଷା କରାଯାଉଛି ତାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତେଣୁ ଅନୁଗୋଳ ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଖବର କାଗଜ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ଦାବି ହେଉଛି ।

# ବାହାଲସାହିରେ ବିଜେପିର ମିଶ୍ରଣ



ଛେଣ୍ଡିପଦା, (ସବ୍ୟୁ) : ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ରେ ବହୁ ବିଜୁ ଜନତା ଦଳର କର୍ମୀ ଭାରତୀୟ ଜନତା ପାର୍ଟିରେ ସାମିଲ ହେଉଛନ୍ତି । ସେହିଭଳି ଛେଣ୍ଡିପଦା ଜୋନ ବାହାଲସାହି ଗ୍ରାମପଂଚାୟତ ରେ ଏକ ସାଙ୍ଗଠନିକ ବୈଠକ ରେ ବହୁ ବିଜୁ ଜନତା ଦଳ କର୍ମୀ ଭାରତୀୟ ଜନତା ପାର୍ଟି ରେ ସାମିଲ ହୋଇଛନ୍ତି ।ବହୁଦିନ ହେବ ଦଳରେ ସକ୍ରିୟ ଥିବା ବେଳେ ପଞ୍ଚାୟତ ରେ ହେଉଥିବା ଦୁର୍ନୀତି କୁ ବିରୋଧ କରି ରେଣୁବାଳା ବେହେରା, ଶରତ ବେହେରା, କାଳିଆ ନାଏକ, ବାବୁଲା ବେହେରା, ମହେଶ୍ୱର ନାଏକ, ଘାସିରାମ ପଧାନ ଭାରତୀୟ ଜନତା ପାର୍ଟି ରେ ମିଶିଲେ । ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ମଣ୍ଡଳ ସଭାପତି ଗୋପବନ୍ଧୁ ଗଡ଼ନାୟକ ବୁଥ ସଭାପତି ଦିଲ୍ଲୀପ ପଧାନ ପଞ୍ଚାୟତ ସଭାପତି କଳାକାର ମାଝୀ, ଉପସଭାପତି ପ୍ରମୋଦ ମାଝୀ, ପୂର୍ବତନ ସମିତି ସଭ୍ୟ ଦୁର୍ଗା ଚରଣ ମହାପାତ୍ର ଉପସ୍ଥିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି ।

# ଗୁରୁନାଥ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଛତ୍ରପୁର ପ୍ରାର୍ଥୀ



ଛତ୍ରପୁର, (ସବ୍ୟୁ) : ଛତ୍ରପୁର ବିଧାନସଭା ନିର୍ବାଚନ ନିମନ୍ତେ ପୂର୍ବରୁ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରାର୍ଥୀ ମାନଙ୍କ ନାମ ଘୋଷଣା ହୋଇଥିବା ବେଳେ ଶୁକ୍ରବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଛତ୍ରପୁର ବିଧାୟକ ପ୍ରାର୍ଥୀ ଭାବେ ଶ୍ରମିକ ନେତା ଗୁରୁନାଥ ପ୍ରଧାନଙ୍କ ନାମ ସର୍ବ ସମ୍ମତି କ୍ରମେ ଘୋଷଣା କରାଯାଇଛି । ଏନେଇ ଆଜି ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବର୍ଷିୟାନ କମ୍ୟୁନିଷ୍ଟ ନେତା ରାଜୀବ ଲୋଚନ ପଣ୍ଡାଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା ।

ଏଥିରେ ସିପିଆଇ ଜାତୀୟ ପରିଷଦର ସଦସ୍ୟ ଆଶିଷ କାନୁନ ଗୋ, ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ଜୟନ୍ତ ଦାଶ, ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଶ୍ରୀହର୍ଷ ରଥ, ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦି ନାରାୟଣ ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ସି. ଏଚ୍. ଜନାର୍ଦ୍ଦନ ରେଡ୍ଡୀ, ଗଞ୍ଜାମ ଜୋନାଲ ସମ୍ପାଦକ ଦଣ୍ଡପାଣି ପାତ୍ର, ଉତ୍କଳ ମହିଳା ସମିତିର ଉପସଭାନେତ୍ରୀ ଏନ୍. ଭାନୁମତି ରେଡ୍ଡୀ, ଦୁର୍ଯ୍ୟୋଧନ ପରିଡା, ଏନ୍. ମୁନା ପାତ୍ର, ଏସ୍. କ୍ରିଷ୍ଣା ରେଡ୍ଡୀ, ଗୋକୁଳ ଚନ୍ଦ୍ର ପଣ୍ଡା, ଶରତ ପଟ୍ଟନାୟକ, ସହଦେବ ରେଡ୍ଡୀ, କାମଦେବ ନାହାକ, ପୂର୍ଣ୍ଣ ଚନ୍ଦ୍ର ରଥ, କେଷବ ନାହାକ, ମଥୁରା ସୁବୁଦ୍ଧି, ରବି ମହାପାତ୍ର, ମାଗୁଣିବିଷୋୟୀ, ଏସ.ତ୍ରିନାଥ ରେଡ୍ଡୀ ଓ ଏନ.ଗିରିଜା ପ୍ରସାଦ ରେଡ୍ଡୀ, ଙ୍କ ସମେତ ନିର୍ବାଚନ ମଣ୍ଡଳୀର ବହୁ ଛାମୁଆ ନେତା ଓ ସକ୍ରିୟ କର୍ମୀ ମାନେ ଯୋଗ ଦେଇ ଦଳୀୟ ବିଧାୟକ ପ୍ରାର୍ଥୀ ଗୁରୁନାଥ ପ୍ରଧାନଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବା ନିମନ୍ତେ ଦୃଢ ସଂକଳ୍ପ ନେଇଥିଲେ ।

ଛତ୍ରପୁର ନିର୍ବାଚନମଣ୍ଡଳୀରେ ପୂର୍ବରୁ ଲାଲଗଡ ଭାବେ ପରିଚିତ ହୋଇଥିବା ବେଳେ ଏହି ନିର୍ବାଚନ ମଣ୍ଡଳୀରେ ୮ଥର ଦଳୀୟ ପ୍ରାର୍ଥୀ ବିଧାୟକ ଭାବେ ନିର୍ବାଚିତ ହୋଇ ସମସ୍ତ ବର୍ଗର ଲୋକଙ୍କ ହିତ ନିମନ୍ତେ କାର୍ଯ୍ୟ କରିଛନ୍ତି । ଚଳିତ ନିର୍ବାଚନରେ ଗରିବ ଖଟିଖିଆଙ୍କ ଠାରୁ ଆରମ୍ଭ କରି ସମସ୍ତଙ୍କର ବିଭିନ୍ନ ସମସ୍ୟା ନେଇ ରାଜନିତୀ ମୈଦାନକୁ ଓହ୍ଲାଇଛି ବୋଲି ଗୁରୁନାଥ ପ୍ରଧାନ ନିଜ ବକ୍ତବ୍ୟରେ କହିବା ସହିତ କେନ୍ଦ୍ରର ମୋଦୀ ସରକାରଙ୍କ ବିରୁଦ୍ଧରେ ଦୃଢ ଜବାବ ଦିଆଯିବ ବୋଲି ସେ କହିଛନ୍ତି । ବିଶେଷ କରି ଚାଷୀଙ୍କ ହିତ ନିମନ୍ତେ ବିଭିନ୍ନ କାର୍ଯ୍ୟ କରିବା ସହିତ ଛାତ୍ର ମାନଙ୍କ ସୁବିଧା ଲାଗି କାର୍ଯ୍ୟ କରିବାର ମୁର୍ଦ୍ଦା ନେଇ ଘରକୁ ଘର ବୁଲି ଲୋକଙ୍କ ପାଖରେ ପହଂଚି ନିଜ ପ୍ରଚାର ଆରମ୍ଭ କରିବେ ବୋଲି ବିଧାୟକ ପ୍ରାର୍ଥି ଶ୍ରୀ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ।

# ଚେକ୍ ବାଉନ୍ସ ମାମଲାରେ ମହିଳାଙ୍କୁ ବର୍ଷେ ଜେଲ୍

ବାରିପଦା, (ସବ୍ୟୁ) : ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ମାନ୍ୟବର ଏସଡିଜେଏମ ସୁବାସିନୀ ବେହେରା ଅଭିଯୁକ୍ତ କଲ୍ୟାଣୀ ଗୋସ୍ୱାମୀଙ୍କୁ ଏକବର୍ଷ ଜେଲ ଦଣ୍ଡ ସହ ୨ଲକ୍ଷ ୧୩ ହଜାର ୧୪ଟଙ୍କା ଫାଇନ୍ ଦଣ୍ଡାଦେଶ କରିଛନ୍ତି । ପ୍ରକାଶ ଥାଉକି କଲ୍ୟାଣୀ ଗୋସ୍ୱାମୀ ପୂର୍ଣ୍ଣଚନ୍ଦ୍ରପୁର, ବାରିପଦା ଏକ ଲୋନ୍ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ମହିଳା ଶାଖାରୁ ନେଇଥିଲେ । ଋଣ ସୁଝିବା ବାବଦକୁ ଏକ ଚେକ୍ ୧ଲକ୍ଷ ୯ହଜାର ୫ଶହ ୭ଟଙ୍କା ପ୍ରଦାନ କରିଥିଲେ । ଏହି ଚେକ୍‌ଟି ବାଉନ୍‌ସ ହୋଇଯିବାରୁ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ବାରିପଦା ମାନ୍ୟବର ଏସଡିଜେଏମ କୋର୍ଟରେ ଆଇଆଇସି-୪୦/୨୦୨୧ରେ ଏକ ମାମଲା ରୁଜୁ କରାଯାଇଥିଲା । ବ୍ୟାଙ୍କ ପକ୍ଷରୁ ଆଇନ୍‌ଜୀବି ବଟକୃଷ୍ଣ ପାଢୀ ମାମଲା ପରିଚାଳନା କରିଥିଲେ ।

# ରେଳ ଲାଇନ କଡ଼ରେ ଅଚିହ୍ନା ଯୁବକଙ୍କ ଶବ

ରମ୍ଭା, (ସବ୍ୟୁ): ଶୁକ୍ରବାର ଦିନ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ଜହମି ଓଭରବ୍ରିଜ ରେଲୱେ ଲାଇନ କଡ଼ରେ ଅଜଣା ଯୁବକଙ୍କ ଶବ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ଶବ ପାର୍ଶ୍ୱରେ ବୃକ୍ଷଲତା ଆଚ୍ଛାଦିତ ଓ ଅଣ୍ଟା ଠାରୁ ଗୋଡ଼ ପର୍ଯ୍ୟନ୍ତ ଏକ କଳା ଚୁନି ଘୋଡା ହୋଇ ପଡିରହିଥିବା ଘଟଣା ସ୍ଥଳରୁ ଜଣାପଡିଛି । ତତ ସହିତ ମୁହଁରେ ପାଉଡର ପେଣ୍ଟିଙ୍ଗ ହୋଇ କିନ୍ନର ସହ ଦଣ୍ଡୁଆ ଭକ୍ତ ବୋଲି କେହି କେହି କହୁଛନ୍ତି ।

ଏଥି ସହିତ ଯୁବକର ବୟସ ୨୦ରୁ ୨୫ ବର୍ଷ, ଗୋରା, ଉଚ୍ଚତା ୫ ଫୁଟ ୬ ଇଞ୍ଚ ହେବ ବୋଲି ଜଣାଯାଇଛି। ଶବଟି ନିଖୁଣ ଭାବେ ପଡିରହିଥିବା ବେଳେ ଆତ୍ମ ହତ୍ୟାର ବିଭିନ୍ନ ଦିଗ ଉଲେଖ କରାଯାଉଛି । ନିୟୁଜ ଲେଖା ହେଲା ପର୍ଯ୍ୟନ୍ତ ଶବ ପଡ଼ିଥିବା ଯୋଗୁଁ ଚିହ୍ନଟ କରିବା କିମ୍ବା ବିଭାଗୀୟ ଦପ୍ତରୀ ମାନଙ୍କର ତଦାରଖରେ କେଉଁଠି ନା କେଉଁଠି ଶିଥିଳତା ଅନୁଭବ ହେଉଥିବା ଘଟଣା ସ୍ଥଳରୁ ଜଣାଯାଇଛି ।

# ବେଲଗଡିଆ ରାଜପ୍ରାସାଦରେ ମହିଳାଙ୍କୁ ନେଇ କର୍ମଶାଳା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଫାଉଣ୍ଡେସନ୍ ପକ୍ଷରୁ ବାରିପଦା ସ୍ଥିତ ବେଲଗଡିଆ ରାଜପ୍ରାସାଦ ଠାରେ ମହିଳା ମାନଙ୍କୁ ନେଇ ତିନିଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗ ଦେଇଥିବା ମହିଳା ମାନଙ୍କୁ ଗାଈ କ୍ଷୀର ରୁ ଚିଜ୍ ପ୍ରସ୍ତୁତିର ତାଲିମ ପ୍ରଦାନ କରାଯାଇଛି । ବଜାରରେ ଉପଲବ୍ଧ ନାମୀ ଦାମୀ କମ୍ପାନୀର ଚିଜ୍‌ରେ ଅଧିକ ଫ୍ୟାଟ୍, ଲବଣ ତଥା ରାସାୟନିକ ଦ୍ରବ୍ୟ ରହୁଥିବା ବେଳେ ରାସାୟନିକ ଦ୍ରବ୍ୟ ମୁକ୍ତ ଚିଜ୍ ପ୍ରସ୍ତୁତ କରିବାର ପ୍ରଣାଳୀକୁ ଉକ୍ତ ମହିଳା ମାନଙ୍କୁ ତାଲିମ ଦିଆଯାଇଥିଲା । ବିଭିନ୍ନ ଦୁଗ୍ଧଜାତ ସାମଗ୍ରୀ ମଧ୍ୟରେ ଚିଜ୍‌ରେ ଅନେକ ଚାହିଦା ରହିଥିବାବେଳେ ସେ ତୁଳନାରେ ଉତ୍ପାଦନ ଯଥେଷ୍ଟ କମ୍ ରହିଛି । ତେଣୁ ଏହି ତାଲିମ ପାଇବା ପରେ ଉକ୍ତ ମହିଳା ମାନେ ବ୍ୟବସାୟିକ ଭିତ୍ତିରେ ଚିଜ୍ ପ୍ରସ୍ତୁତ କରି ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଫାଉଣ୍ଡେସନର ମୁଖ୍ୟ ମହାରାଣୀ ରଶ୍ମୀରାଜଲକ୍ଷ୍ମୀ ଭଞ୍ଜଦେଓ କହିଛନ୍ତି । ଏଥିପାଇଁ ମୟୂରଭଞ୍ଜ ଫାଉଣ୍ଡେସନ୍ ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ କରାଯିବ ବୋଲି ଶ୍ରୀମତୀ ଭଞ୍ଜଦେଓ କହିଛନ୍ତି । ଏହି କର୍ମଶାଳାରେ ତାଲିମ ଦେବା ପାଇଁ ରାଜଜେମା ମୃଣାଳିକା ମଞ୍ଜରୀ ଭଞ୍ଜଦେଓ ଏବଂ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓଙ୍କ ପ୍ରଚେଷ୍ଟା କ୍ରମେ ବିଶ୍ୱସ୍ତରୀୟ ଚିଜ୍ ପ୍ରସ୍ତୁତକାରୀ ଚେନ୍ନାଇ ସ୍ଥିତ କିରକେ ଚିଜ୍ ପ୍ରାଇଭେଟ୍ ଲିମିଟେଡ୍ ର ପ୍ରତିଷ୍ଠାତା ନମ୍ରତା ସୁନ୍ଦରେସାନ୍ ବାରିପଦା ଆସିଥିଲେ । ସେ ଏହି କ୍ଷେତ୍ରରେ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରି ଦୁଇଟି ଆନ୍ତର୍ଜାତିକ ପୁରସ୍କାର ପାଇଥିବାବେଳେ ଭାରତ ରାଷ୍ଟ୍ରପତିଙ୍କ ଠାରୁ ଗତ ୨୦୨୩ ମସିହାରେ ନାରୀଶକ୍ତି କସମ୍ମାନରେ ଭୂଷିତ ହୋଇଛନ୍ତି । ତେଣୁ ତାଙ୍କ ଠାରୁ ତାଲିମ ପାଇଥିବା ମହିଳା ମାନେ ମଧ ବେଶ ଉତ୍ସାହିତ ଥିବାର ଦେଖିବାକୁ ମିଳିଛି ।

ସମଗ୍ର ବିଶ୍ୱରେ ଶହ ଶହ ପ୍ରକାରର ଚିଜ୍ ପ୍ରସ୍ତୁତ ହେଉଥିବା ବେଳେ ସେଥିମଧ୍ୟରୁ ଅଧିକ ଚାହିଦା ଥିବା ଆଠ ପ୍ରକାର ଚିଜ୍‌କୁ ପ୍ରସ୍ତୁତ କରିବାର ତାଲିମ ଏହି କର୍ମଶାଳାରେ ପ୍ରଦାନ କରାଯାଇଥିଲା । ସେହିପରି ନିୟମିତ ବ୍ୟବଧାନରେ ଏହି କର୍ମଶାଳାର ଆୟୋଜନ କରାଯିବ ବୋଲି ରାଜପ୍ରାସାଦ ପକ୍ଷରୁ କୁହାଯାଇଛି ।

# ବେଆଇନ ବାଲି ଗଦାରେ ଚଢାଉ: ହାଇୱା, ଜେସିବି ଜବତ



ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ପ୍ରଶାସନ, ମାଇନସ ବିଭାଗ ଓ ବାଲିମାଫିଆଙ୍କ ଢ଼ଧରେ ମଧୁଚନ୍ଦ୍ରିକା ଚାଲିଛି ।ଜିଲ୍ଲାର ପଟସରା, ଆଳିପିଙ୍ଗଳ, ବଛସାଇଲୋ ଘାଟ ଗୁଡିକରୁ ଦିନରାତି ବାଲି ଉତ୍ତୋଳନ କରାଯାଇ ଗୋଟିଏ ସ୍ଥାନରେ ଗଚ୍ଛିତ କରାଯାଇ ଚଢା ଦରରେ ବିକ୍ରୀ ହେଉଛି । ଏପଟେ ମାଇନସ ବିଭାଗ କହୁଛି ବାଲିଘାଟ ବନ୍ଦ ରହିଛି ।ମାତ୍ର ଦିନକୁ ଦିନ ଚୋରା ବାଲି ବେପାର ହୁ ହୁ ବଢିଚାଲିଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି ।

ବାଲି ମାଫିଆଙ୍କ ସହିତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକା ଯୋଗୁ ଉଭୟ ମାଲାମାଲ ହେଉଛନ୍ତି । ଦୈନିକ ଶହ ଶହ ଟ୍ରକ, ଟାକ୍ଟର ଓ ହାଇୱା ମାଧ୍ୟମରେ ଦିନ ଦିପହରରେ ବାଲି ଚୋରାଚାଲାଣ କରାଯାଉଛି । ହାଇକୋର୍ଟ ନିୟମକୁ ମଧ୍ୟ ଜଳାଞ୍ଜଳି ଦେଇ ବାଲି ଚାଲାଣରେ ମାତିଛନ୍ତି ମାଫିଆ । ଗୁରୁବାର ବିଳମ୍ବିତ ରାତିରେ ସଦର ଥାନା ଆଳିପିଙ୍ଗଳ ଆମ୍ବତୋଟା ପାଖରେ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ଜଗତସିଂହପୁର ଏସଡିପିଓ ରଶ୍ମୀ ରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଓ ଜଗତସିଂହପୁର ଖଣି ଅଧିକାରୀ ସତୀଶ କୁମାର ତରାଇଙ୍କ ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ଚଢାଉ କରିବା ସହିତ ୪ଟି ହାଇୱା ଓ ଗୋଟିଏ ଜେସିବି ଜବତ କରିଥିବା ଜଣାଯାଇଛି । ଅନ୍ୟପଟରେ ଏହି ଆମ୍ବତୋଟା ନିକଟରେ ଏତେ ପରିମାଣରେ ବାଲି କେଉଁଠୁ ଆସିଲା, ବାଲି କେଉଁଠିକୁ ଯାଉଥିଲା ଓ ଏହି ବେଆଇନ ବାଲି ଗଚ୍ଛିତ ରଖିବାର ମାଷ୍ଟର ମାଇଣ୍ଡ କିଏ ତାକୁ ନେଇ ପୋଲିସ ଖୋଳତାଡ ଆରମ୍ଭ କରିଛି ।

# ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦର 'ବସନ୍ତ ଆସିଛି' କାର୍ଯ୍ୟକ୍ରମ

ତିର୍ତ୍ତୋଲ, (ସବ୍ୟୁ) : ତିର୍ତ୍ତୋଲସ୍ଥିତ ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦ ତରଫରୁ ସ୍ଥାନୀୟ ପ୍ଲିନାକିଲ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ବସନ୍ତ ଆସର ଅବସରରେ ସଂସଦର ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ 'ବସନ୍ତ ଆସିଛି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଝଙ୍କଡ ସାହିତ୍ୟ ସଂସଦ ସମ୍ପାଦକ ଝଙ୍କଡ ରତ୍ନ ଗୋଲୋକ ବିହାରୀ ପଲାଇ ଫଗୁଣକୁ ଫୁଲର ଋତୁ ଭାବେ ଚିତ୍ରଣ କରି ମଳୟ ପବନକୁ ତାର ସୁରଭି ଭାବେ ବର୍ଣ୍ଣନା କରିଥିଲେ ।

ମୁଖ୍ୟବକ୍ତା ପୂର୍ବତନ ପ୍ରଧାନଶିକ୍ଷକ ଝୁଲରାମ ଦାସ, ସମ୍ମାନିତ ଅତିଥି କବୟିତ୍ରୀ ସବିତା ନାୟକ, ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ କାଳନ୍ଦୀ ଜେନା, ପରିଚାଳନା ନିର୍ଦ୍ଦେଶିକା ସନନ୍ଦା ଖାଣ୍ଡା ପ୍ରମୁଖ ଋତୁରାଜ ବସନ୍ତ ଋତୁର ପ୍ରାକୃତିକ ପରିବେଶ ଓ ଫଗୁର ଅବିର ଉପରେ ଆଲୋକପାତ କରିଥିଲେ । ଜିଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ମୋନାଲିସା ଓଝା ଓ ଜିଜିଲ ବାରିକ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ସଙ୍ଗୀତା ସାମଲ ଓ ଲିସା ଦାସ ପରିଚାଳନାରେ ସହଯୋଗ କରିଥିବାବେଳେ ଲିପ୍ସା ନାୟକ ଧନ୍ୟବାଦ ଦେଇଥିଲେ ।

# ନବନିର୍ବାଚିତ ବାର ଆସୋସିଏସନ୍ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ

ପାରାଦୀପ, (ଜିପ୍ର) : ପାରାଦୀପ ବାର ଆସୋସିଏସନ୍‌ର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥ ଗ୍ରହଣ ସମାରୋହ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ ବରିଷ୍ଠ ଆଇନଜୀବୀ ତଥା ନିର୍ବାଚନ ଅଧିକାରୀ ଗୋରାଚାନ୍ଦ ସିଂ ।



ଏହା ପରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ସଭାପତିତ୍ୱ କରିଥିଲେ ସଭାପତି ହେମନ୍ତ କୁମାର ସାହୁ । ସଭା ପରିଚାଳନା କରିଥିଲେ ସାଧାରଣ ସମ୍ପାଦକ ତପନ କୁମାର ଦାଶ । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସମ୍ପାଦକ (ସଙ୍ଗଠନ) ରବିନ୍ଦ୍ର କୁମାର ଜେନା । ଉପଭାପତି (ସଙ୍ଗଠନ) ବସନ୍ତ କୁମାର ବିଶ୍ୱାଳ, ଉପସଭାପତି (ପ୍ରଶାସନ) କୈଳାସ ଚନ୍ଦ୍ର ସାହୁ ସଙ୍ଗଠନର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । ରାଜ୍ୟର ସମସ୍ତ ବାର ଆସୋସିଏସନ୍‌ର କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଦୁଇବର୍ଷିଆ କରିବା ପାଇଁ ରାଜ୍ୟ ବାର୍ କାଉନସିଲ୍ ଦ୍ୱାରା ଆସିଥିବା ପ୍ରସ୍ତାବକୁ ବରିଷ୍ଠ ସଦସ୍ୟ ଦୂର୍ଯ୍ୟୋଧନ ରଣା ଉପସ୍ଥାପନ କରିଥିଲେ ।

ଏହି ପ୍ରସ୍ତାବକୁ ପାରାଦୀପ ବାର ଆସୋସିଏସନ୍‌ର ସଦସ୍ୟମାନଙ୍କ ଦ୍ୱାରା ପୂର୍ଣ୍ଣ ସମର୍ଥନରେ ପାରିତ କରାଯାଇଥିଲା । ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଗ୍ରନ୍ଥାଗାର ସମ୍ପାଦକ ପ୍ରଶାନ୍ତ କୁମାର ଦାସ । ଏହି ସମାରୋହରେ ସମ୍ପାଦକ(ପ୍ରଶାସନ) ଗୋଲଖ ବିହାରୀ ସୂତାର, କୋଷାଧ୍ୟକ୍ଷ ଗୋପିନାଥ ମଲ୍ଲ, କାର୍ଯ୍ୟକାରୀ କମିଟି ପ୍ରମୋଦ କୁମାର ମିଶ୍ର, ସଂଜୟ କୁମାର ମିଶ୍ର, ପ୍ରିୟବ୍ରତ ଲେଙ୍କା, ଦୀପକ ବେହେରା ପ୍ରମୁଖ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ । ପାରାଦୀପ ବାର୍ ଆସୋସିଏସନ୍‌ର ସଦସ୍ୟମାନେ ଏହି ସମାରୋହରେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ଆଇନଜୀବୀଙ୍କ ବିୟୋଗରେ ଶୋକସଭା



ସାଲେପୁର, (ସବ୍ୟୁ) : ଆଇନଜୀବୀ ନିରଞ୍ଜନ ସାହୁଙ୍କ ବିୟୋଗରେ ସାଲେପୁର ସେଣ୍ଟ୍ରାଲ ମାର୍କେଟ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲା ସାମ୍ବାଦିକ ସଂଘର ସମ୍ପାଦକ ଶିଶିର କୁମାର ଦାସଙ୍କ ନେତୃତ୍ୱରେ ସାଲେପୁର ପୁରୁଣା ବସଷ୍ଟାଣ୍ଡ ଠାରେ ଆଇନଜୀବୀ ସ୍ୱର୍ଗତ ନିରଞ୍ଜନ ସାହୁ (ଶିବ)ଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରାଯାଇଥିଲା । ସ୍ୱର୍ଗତ ସାହୁ ଜଣେ ନମ୍ର, ପରୋପକାରୀ, ମିଷ୍ଟଭାସି, ମେଳାପୀ ବ୍ୟକ୍ତି ରୂପେ ପରିଚିତ ଥିଲେ ।

ଏହି ଶୋକସଭା ରେ ବିରଞ୍ଚି ନାରାୟଣ କର, ଚିତ୍ତରଞ୍ଜନ ମୁଦୁଲି, ପ୍ରତାପ ଚନ୍ଦ୍ର ଭୂୟାଁ, ଦେବାଶିଷ ଦାସ, ମିଡୁ ମଲ୍ଲ, ଇନ୍ଦ୍ରଧ୍ୱଜ କର, ଆଡ଼ଭୋକେଟ ରବୀନ୍ଦ୍ର ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ରବୀନ୍ଦ୍ର ବେହେରା, ସନାତନ ଭୂୟାଁ, ଦିବାକର ପ୍ରଧାନ, ଧୀରେନ୍ଦ୍ର ସାମଲ, ମନରଞ୍ଜନ ମଲ୍ଲ, ବାବୁ ବାରିକ, ଟୁନା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପୂର୍ବତନ ପୌରପାଳଙ୍କ ହୃଦ୍‌ଘାତରେ ପରଲୋକ

କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡା ର ପୂର୍ବତନ ପୌରପାଳ ପ୍ରବୀର କୁମାର ମହାନ୍ତିଙ୍କ ହୃଦ୍ଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା । ଖବର ପାଇ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଡ଼ଃ ସିପ୍ରା ମଲ୍ଲିକ, ଚିନ୍ମୟ ବେହୁରାଙ୍କ ସମେତ ମହମ୍ମଦ ଆକବର ଅଲ୍ଲୀ, ଧିରେନ ସାହୁ, ହିରଣ୍ୟ ପଣ୍ଡା, ରାଜେଶ ପଣ୍ଡା, ଶରତ ବେହୁରା, ମିର୍ ମୁରସିଦ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ମୁକ୍ତାର ଖାନ, ଯଜାତି ମହାନ୍ତି, କମଳାକାନ୍ତ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ମହିପାଳ ସ୍ଥିତବାସ ଭବନରେ ପହଁଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ତାଙ୍କ ମର ଶରୀରକୁ କେନ୍ଦ୍ରାପଡା ପୌରସଂସ୍ଥା ଓ କେନ୍ଦ୍ରାପଡା କୋର୍ଟ ପରିସରକୁ ଅଣାଯାଇ ଶେଷ ସମ୍ମାନ ପ୍ରଦର୍ଶନ କରାଯାଇ ଥିଲା । ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କର ଏହି ଶୋଭାଯାତ୍ରା ରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା ଓ ଆଇନଜୀବି ମାନେ ଉପସ୍ଥିତ ଥିଲେ ।

# ସେଣ୍ଟ ଜାଭିୟର ହାଇସ୍କୁଲର ୧୧ତମ ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ଆସ୍ଥା ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ କଟରପଡ଼ା ଠାରେ ଥିବା ନିଶ୍ଚିନ୍ତକୋଇଲି ସେଣ୍ଟ ଜାଭିୟର ହାଇସ୍କୁଲର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଟ୍ରଷ୍ଟର ଚେୟାରମ୍ୟାନ ପ୍ରମିଳା ନାୟକଙ୍କ ସଭାପତିତ୍ୱ ଏବଂ ସ୍କୁଲର ଅଧ୍ୟକ୍ଷ ତପନ କୁମାର ରାଉତଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ଭୁବନେଶ୍ୱର ଜଜବା ଟ୍ରଷ୍ଟର ଅଧ୍ୟକ୍ଷ ସଫ୍ଦାର ହାସିମ୍, ମୁଖ୍ୟ ବକ୍ତା ଭାବେ ସମାଜସେବୀ ଲିନା ନନ୍ଦିତା ପରିଡ଼ା, ସମ୍ମାନୀତ ଅତିଥି ଭାବେ ହାସ୍ୟ ଅଭିନେତା ଜ୍ଞାନରଂଜନ ବାରିକ, ଅଭିନେତ୍ରୀ ଗାୟତ୍ରୀ ମିଶ୍ର, ଆର୍ନ୍ତଜାତୀୟ ମଡ଼େଲ ସ୍ନେହାଶିଷ ସାହୁ, କଳାକାର ବାବୁ ରାଜା ପ୍ରମୁଖ ଯୋଗ ଦେଇ ଛାତ୍ରୀ ଛାତ୍ରୀ ମାନେ ଶୃଙ୍ଖଳିତ ଭାବେ ଶିକ୍ଷା ଗ୍ରହଣ କରିବା ସହିତ ବ୍ୟବହାରିକ ଜ୍ଞାନ ଓ ଗୁରୁଜନ ମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କଲେ ସଫଳ ବିଦ୍ୟାର୍ଥୀ ହୋଇ ସମାଜ ଓ ଦେଶର ସେବାବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ ।

ସ୍କୁଲର ସମ୍ପାଦକ ସ୍ମୃତିରଂଜନ ରାଉତରାୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭରେ ସ୍କୁଲର ପ୍ରତିଷ୍ଠାତା ସମାଜସେବୀ ଶରତଚନ୍ଦ୍ର ରାଉତରାୟଙ୍କ ଅକାଳ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା । ବାର୍ଷିକ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲାବେଳେ ବହୁ ଅଭିଭାବକ ମାନେ ଏଥିରେ ଯୋଗ ଦେଇଥିଲେ ।

# ଧାକୁଲେଇ ଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ

ଫୁଲନଖରା, (ସବ୍ୟୁ) : ପ୍ରତାପନଗରୀସ୍ଥିତ ପ୍ରସିଦ୍ଧ ମା ଧାକୁଲେଇ ଯାତ୍ରା ମହୋତ୍ସବ ଆସନ୍ତା ୨୩ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ମା ଧାକୁଲେଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ମା ଧାକୁଲେଇ ଗ୍ରାମ ଉନ୍ନୟନ କମିଟି ସଂପାଦକ ପ୍ରମୋଦ କୁମାର ବେହେରାଙ୍କ ସଂଚାଳନରେ ଅୟୋଜିତ ଏହି ବୈଠକରେ ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସହ ସଂପାଦକ ବାଦଲ କୁମାର ଜେନା, ସଦର ଜୋନ ୪ ଏସିପି ଉମାକାନ୍ତ ପ୍ରଧାନ, ସଦର ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକ, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ୪୮ ମଣ୍ଡଳ ସଂକୀର୍ତ୍ତନ ମହନ୍ତ ବନମାଳୀ ଦାସ, ପୀତବାସ ମହାପାତ୍ର , ଗୋପାଳପୁର ଇଲେକ୍ଟ୍ରି ଜେଇ ଅନିଲ କୁମାର ରାଜ, ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।

ମହୋତ୍ସବର ପ୍ରଥମ ଦିନ ବ୍ରହ୍ମ ମୁହୂର୍ତ୍ତରୁ ମା ଙ୍କ ପୂଜା ମାଜଣା କରାଗଲା ପରେ ଶହ ଶହ ଶ୍ରଦ୍ଧାଳୁ ମାଙ୍କୁ ଦର୍ଶନ କରିବେ । ରାତିରେ



ମାଙ୍କ ଚଳନ୍ତି ପ୍ରତିମା ବିମାନରେ ବାଣ ରୋସଣୀ କରି ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କଲାପରେ ଯାତ୍ରା ପଡ଼ିଆରେ ଚିତାକର୍ଷକ ଆତସବାଜି ଫୁଟାଯିବାର କାର୍ଯ୍ୟକ୍ରମ ରହିଛି । ମାଙ୍କ ପୀଠରେ ପ୍ରତେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅପେରା ପରିବେଷଣ କରାଯିବ । ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି । ଯାତ୍ରାରେ ୫ ଶହରୁ ଅଧିକ ଛୋଟ ବଡ଼ ଷ୍ଟଲ ଖୋଲା ଯିବାକୁ ସ୍ଥିର କରାଯାଇଛି । ଅନୁଷ୍ଠାନ ପକ୍ଷରୁ ଗ୍ରାମର ଶହେ ଜଣ ଯୁବକଙ୍କୁ ନେଇ ଏକ ଭଲ୍ୟୁଣ୍ଟର ଟିମ ଗଠନ କରାଯିବ, ଯୋଗାଯୋଗ ପାଇଁ ସମସ୍ତଙ୍କ ପାଖରେ ୱାକିଟକି ରଖାଯିବ ଏବଂ ଯାତ୍ରାର ବିଭିନ୍ନ ଜାଗାରେ ୮୦ଟି ସିସିଟିଭି ଲଗାଇବାର ବ୍ୟବସ୍ଥା କରାଯିବ । ଯାତ୍ରା ହେଉଥିବା ୭ ଦିନ ଅଞ୍ଚଳର ସମସ୍ତ ମଦ ଦୋକାନ ବନ୍ଦ କରିବା ସହ ଆଖପାଖ ନଦୀଘାଟରୁ ବାଲି ନେଉଥିବା ହାଇୱା ଟ୍ରକକୁ ବନ୍ଦ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି ରଖାଯାଇଥିଲା ।

ବୈଠକରେ ପୂର୍ବତନ କର୍ପୋରେଟର କୈଶିକ ଜେନା, ପ୍ରମୋଦ ମହାପାତ୍ର, କମିଟି କୋଷାଧ୍ୟକ୍ଷ ବାଦଲ କୁମାର ସ୍ୱାଇଁ, ଦିଲ୍ଲୀପ ସ୍ୱାଇଁ, ବିକ୍ରମ ଶତପଥି, ସ୍ୱାଧୀନଚେତା ମହାନ୍ତି, ତୈଲୋକ ପ୍ରଧାନ, ପ୍ରମୋଦ ଓଝା, ମୁରଲୀ ପ୍ରଧାନ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଲଳିତ କୁମାର ଦାଶ ଉପସ୍ଥିତ ଥିଲେ । ନିରଂଜନ ରାଉତ, ଚନ୍ଦ୍ରଶେଖର ରାଉତ, ରଂଜିତ କୁମାର ସ୍ୱାଇଁ, ବିକ୍ରମ ରାଉତ, ଶିବୁନ ସେନାପତି, ସୋମନାଥ ଜେନା, ମରୁତ ସ୍ୱାଇଁ, ନିର୍ମଳ କୁମାର ସ୍ୱାଇଁ, ଅରୁଣ ରାଉତ, ଅଶୋକ ସ୍ୱାଇଁ, ସୁରେଶ ରାଉତ, ରୋହିତ ରାଉତ, ସୁଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ଗ୍ରାମର ଶାନ୍ତନୁ ପଣ୍ଡାଙ୍କ ପୁଅ ବିଶ୍ୱଜିତ ପଣ୍ଡା (୨୪) ଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି ଆଜି ସକାଳେ ବ୍ଲକ ସମ୍ମୁଖ ପୋଲ୍ଲ ପାଖରେ ବାଇକ ସହ ସେ ପଡିଥିବା ଦେଖି ସ୍ଥାନୀୟ ଲୋକେ କୁଆଖିଆ ପୋଲିସ ଙ୍କୁ ଖବର ଦେଇଥିଲେ। ପୋଲିସ ମୃତ୍ୟ ବିଶ୍ୱଜିତ ଶବକୁ ଧର୍ମଶାଳା ମେଡିକାଲ କୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି। ମୃତ ପଣ୍ଡା ମଠସାହି ଇଲେକ୍ଟ୍ରି ଅଫିସିରେ ହେଲପର ଭାବେ କାର୍ଯ୍ୟକରେ। ତା ମୃତ୍ୟୁରେ ନଠୁଆବର ଓ ମଠସାହି ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ଦୋକାନ ଓ ଘରୁ ଟଙ୍କା ସୁନାଗହଣା ଲୁଟିନେଲେ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ବଡବିରୁହାଁ ଗ୍ରାମରେ ଦୋକାନ ଓ ଘରୁ ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଛି । ବଡବିରୁହାଁ ଗ୍ରାମର ନୀଳ ମାଧବ ପଣ୍ଡା ପ୍ରତିଦିନ ପରି ଦୋକାନ ବନ୍ଦ କରି ରାତ୍ରୀରେ ଘରକୁ ଯାଇଥିଲେ । ମାତ୍ର ରାତ୍ରୀରେ କେହି ଦୃର୍ବୃତ ତାଙ୍କ ଦୋକାନର ସର୍ଟର ଭାଙ୍ଗି ଦେକାନରେ ଥିବା ୪୦ ହଜାର ଟଙ୍କା ଲୁଟି ନେଇଥିବାର ଅଭିଯୋଗ ହୋଇଛି । ସେହିପରି ଆଶୁତୋଷ ପଣ୍ଡାଙ୍କ ଘର ଝରକା ଭାଂଗି ଘରେ ପଶି ଚୋରି ହୋଇଛି । ତାଙ୍କର ନଗଦ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବାର ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୁଲିସ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳେ ପହଂଚି ତଦନ୍ତ ଆରମ୍ଭ କରଇଛି । ହେଲେ ଚୋର କିମ୍ବା ଚୋରି ସାମଗ୍ରୀର କୌଣସି ସନ୍ଧାନ ମିଳିନି ।

## ବାଲିଗୁଡ଼ାରେ ପହଞ୍ଚିଲା ଇଭିଏମ୍ ଓ ଭିଭି ପ୍ୟାଟ୍ ମେସିନ

ବାଲିଗୁଡ଼ା, (ସବ୍ୟୁ): ସାଧାରଣ ନିର୍ବାଚନ ପାଇଁ କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ପହଁଚିଲା ଇଭିଏମ୍ ଓ ଭିଭି ପ୍ୟାଟ୍ ମେସିନ। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଓ ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀ ପାଇଁ ବାଲିଗୁଡା ଉପଜିଲ୍ଲାପାଳ ଡ଼.ରୀନା ପ୍ରଧାନନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇଟି ଷ୍ଟ୍ରଙ୍ଗ ରୁମରେ ଇଭିଏମ୍ ଓ ଭିଭି ପ୍ୟାଟ୍ ମେସିନ ରଖାଯାଇଛି । କଡ଼ା ସୁରକ୍ଷା ବଳୟରେ ବାଲିଗୁଡ଼ା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଏବଂ ଜି. ଉଦୟଗିରି ପାଇଁ ଆଦିବାସୀ ମହାବିଦ୍ୟାଳୟ ପରିସର ଷ୍ଟ୍ରଙ୍ଗ୍ ରୁମରେ ରଖାଯାଇଛି । ଆଗାମୀ ସାଧାରଣ ନିର୍ବାଚନରେ ଅବାଧ, ନିରପେକ୍ଷ, ନିର୍ଭୁଲ ଓ ନିର୍ଭିକ ଭାବରେ ଯେଭଳି ଭୋଟର ମତ ସାବ୍ୟସ୍ତ କରିବେ ସେନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରଚେଷ୍ଟା ଜାରୀ ରହିଛି । ଏଥି ସହିତ ସମସ୍ତ ବୁଥରେ କିଭଳି ଶାନ୍ତି ଶୃଙ୍ଖଳାର ସହ ମତଦାନ ହେବ ତାହାକୁ ମଧ୍ୟ ଗୁରୁତ୍ୱ ଦେଉଛି ପ୍ରଶାସନ । ସେପଟେ ଷ୍ଟ୍ରଙ୍ଗ୍ ରୁମରେ ଇଭିଏମ୍ ଓ ଭିଭି ପ୍ୟାଟ୍ ମେସିନ ରଖିବା ସମୟରେ ଉପଜିଲ୍ଲାପାଳଙ୍କ ସମେତ ବାଲିଗୁଡ଼ା ତହସିଲଦାର, ସମସ୍ତ ଦଳୀୟ କର୍ମକର୍ତ୍ତାଙ୍କ ଏବଂ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀଙ୍କ ଉପସ୍ଥିତରେ ମେସିନ ଗୁଡିକ ରଖାଯାଇଛି ।

# ଛେନାପୋଡ଼ ଦିବସ ପାଳିତ




ଖଣ୍ଡପଡା, (ସବ୍ୟୁ) : ନୟାଗଡ ଜିଲ୍ଲା ପ୍ରଶାସନର ନିଷ୍ପତିକ୍ରମେ ଏପ୍ରିଲ ୧୧ ତାରିଖକୁ ଛେନାପୋଡ ଦିବସ ଭାବେ ପାଳନ କରାଯାଉଛି । ଏ ପରିପ୍ରେକ୍ଷୀରେ ଖଣ୍ଡପଡା ଆଂଚଳିକ ସାମ୍ବାଦିକସଂଘ ପରିସରରେ ସଂପାଦକ ଭବାନୀ ଶଂକର ସିଂହସାମନ୍ତଙ୍କ ସଂଯୋଜନାରେ ଛେନାପୋଡ ଦିବସ ପାଳନ କରାଯାଇଥିଲା । ସଂଘର ସଭାପତି ବିନାୟକ ମିଶ୍ର, ଶାନ୍ତି ଶେଖର ରଥ, ମନୋରଂଜନ ରଥ, ଭବାନୀ ଶଙ୍କରମହାନ୍ତି, ସତ୍ୟନାରାୟଣ ସୁର ଜଗଦେବ, ବିରଂଚି କୁମାର ନାୟକ, ରାମଚନ୍ଦ୍ର ଦାଶ, ସରୋଜ ଚୌଧୁରୀ,ରବିନ୍ଦ୍ର ବେହେରା, ଶ୍ରୀକାନ୍ତ ରାଉତ, ବିଭୂତି ମହାପାତ୍ର, ସଂଗ୍ରାମ କେଶରୀ ଦେଓ, ଜ୍ୟୋତିରଂଜନ ମହାରଣା, ଶିବ ନାରାୟଣ ଦାସ, ମାନସ କୁମାର ସେଠୀ ପ୍ରମୁଖ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଦିବସ ପାଳନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ସନ୍ଧ୍ୟା ସମୟରେ ଆୟୋଜିତକାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡ଼ଃ. ପ୍ରଦୀପ ପାଇକରାୟ ଯୋଗଦେଇ ନୟାଗଡ଼ ଛେନାପୋଡ଼କୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ପ୍ରଦାନ ଦାବି ଯଥାର୍ଥ ବୋଲି ମତ ଦେଇଥିଲେ ।

ଖଣ୍ଡପଡ଼ା ଯୁବକ ସଂଘ ଓ ବିକାଶ ମଂଚ ପକ୍ଷରୁ ବିଭିନ୍ନ ସ୍ଥାନରେ ଛେନାପୋଡ଼ ଦିବସ ପାଳିତ ହୋଇଯାଇଛି । ବିକାଶ ମଂଚ ପକ୍ଷରୁ ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପାରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ସଂଯୋଜନା କରିଥିଲେ ।

# ପବିତ୍ର ଇଦ୍ ପର୍ବ ପାଳିତ

ଟାଙ୍ଗୀ, (ସବ୍ୟୁ): ମୁସଲିମ ସଂପ୍ରଦାୟର ପବିତ୍ର ଇଦ ପର୍ବ ଟାଙ୍ଗୀ ବ୍ଲକର ବିଭିନ୍ନ ଗ୍ରାମରେ ବସବାସ କରୁଥିବା ମୁସଲିମ ଭାଇମାନଙ୍କ ତରଫରୁ ମହାସମାରୋହରେ ପାଳିତ ହୋଇଯାଇଛି ଛ କୁହୁଡି, ସୋରଣ, ଦିକ୍ଷିତପଡା, ଟାଙ୍ଗୀ, ସାନକୁସୁମି, ଖଜୁରିପଡା, ଛଣଗିରି ଇତ୍ୟାଦି ଗ୍ରାମରେ ଗ୍ରାମର ମୁସଲିମ ଭାଇମାନେ ମସଜିଦରେ ସମୂହ ନମାଜ ପାଠ କରି ଖୁସି ମନାଇଥିଲେ ଛ ଏହା ଭାଇଚାରାର ପର୍ବ ହିସାବରେ ହିନ୍ଦୁ ସଂପ୍ରଦାୟର ଭାଇମାନେ ମଧ୍ୟ ସେମାନଙ୍କୁ ଶୁଭେଚ୍ଛା ଜଣାଉଥିବା ବେଳେ ସେମାନେ ମଧ୍ୟ ସମସ୍ତେ ପାରସ୍ପରିକ ଭଲ ପାଇବା ମଧ୍ୟରେ ଶୁଭ ନିରାମୟ ଜୀବନଯାପନ କରିବାକୁ ପ୍ରଭୁ ଆଲ୍ଲାଙ୍କ ପାଖରେ ପ୍ରାର୍ଥନା କରୁଥିବା ସୂଚନା ମିଳିଛି ।

## ଅଘୋଷିତ ବିଦ୍ୟୁତ କାଟ: ଜନଜୀବନ ଅସ୍ତବ୍ୟସ୍ତ

ଖଣ୍ଡପଡା, (ସବ୍ୟୁ) : ସାଂପ୍ରତିକ ପରିସ୍ଥିତିରେ ଅସହ୍ୟ ଗୁଲୁଗୁଲି ସାଙ୍ଗକୁ ରୌଦ୍ରତାପର ପ୍ରଭାବ ଯୋଗୁଁ ଖଣ୍ଡପଡା ଅଂଚଳର ଜନସାଧାରଣ ହନ୍ତସନ୍ତ ହେଉଥିବା ବେଳେ ଠିକଣା ସମୟରେ ଅଘୋଷିତ ବିଦ୍ୟୁତକାଟ ଜନ ଜୀବନକୁ ବିଶେଷ ଭାବେ ପ୍ରଭାବିତ କରୁଛି । ଏବେ ବିଭିନ୍ନ ସମୟରେ ଘଂଟା ଘଂଟା ଧରି ଲାଇନ ରହୁ ନଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଅଂଚଳବାସୀଙ୍କୁ ନିରବଚ୍ଛିନ୍ନଭାବେ ବିଦ୍ୟୁତ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ଏଥିପ୍ରତି ବିଦ୍ୟୁତ ବିତରଣକଂପାନୀ (ଟିପିସିଓଡିଏଲ) କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡା ଅଂଚଳବାସୀ ଦାବିକରିଛନ୍ତି ।

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଟାଂଗୀ, (ସବ୍ୟୁ) : କୁହୁଡି କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି ।

ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ମୃତ୍ୟୁଞ୍ଜୟ ରଥ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଶମ୍ଭୁନାଥ ନାୟକ, ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ସ୍ୱାଇଁ, ସହ ଶିକ୍ଷାଧିକାରୀ ସୁଧା ମଞ୍ଜରୀ ଦେବୀ, ପରିଚାଳନା କମିଟି ସଭାପତି ଲିପିନା ଶ୍ରୀଚନ୍ଦନ, ସମାଜସେବୀ ଶ୍ରୀବସ୍ତ ପରିଡା, ସିଆରସିସି ଦୀନବନ୍ଧୁ ପୃଷ୍ଟି, ବ୍ଲକ ସଭାପତି ସଲିଳ କୁମାର ସ୍ୱାଇଁ, ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଭାସିନୀ ଦେଇ, କ୍ଷେତ୍ରବାସୀ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶିକ୍ଷାଧିକାରୀ ଓ ପ୍ରଧାନଶିକ୍ଷକ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ଚଳିତବର୍ଷ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଧନ୍ୟବାଦ ପ୍ରଦାନ କରିଥିଲେ ସତ୍ୟଭାମା ବେହେରା । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବୃଦ୍ଧା ଆଶ୍ରମ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସହଯୋଗ ପରିବାର ତରଫରୁ ଆଜି ସହଯୋଗର ଶୁଭେଚ୍ଛୁ ହିମାଂଶୁ ଭୂଷଣ ମହାନ୍ତିଙ୍କ ପିତା ସ୍ୱର୍ଗତ ନୀଳମଣୀ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ଅବସରରେ ଖୋର୍ଦ୍ଧା ଜିଲ୍ଲା ଓଗାଳପୁର ସ୍ଥିତ ବୃଦ୍ଧା ଆଶ୍ରମ ଅନ୍ତେବାସୀଙ୍କୁ ପାଉଁରୁଟି, ବିସ୍କୁଟ, ମୁଢ଼ି, ପାଣି ବୋତଲ ପ୍ରଦାନ କରାଯାଇଛିଛ ଏହି କାର୍ଯ୍ୟକ୍ରମରେ ଆମର ବରିଷ୍ଠ ଉପଦେଷ୍ଟା ଶ୍ୟାମ ସୁନ୍ଦର ପଟ୍ଟନାୟକ, ସକ୍ରିୟ ସଭ୍ୟ ବିଶ୍ୱନାଥ ଭୂୟାଁ, କୃପାସିନ୍ଧୁ ପଣ୍ଡା, ପ୍ରତ୍ୟୁଷ କୁମାର ସାମନ୍ତରାୟ ଓ



ପ୍ରଭାକର ଜୟସିଂହ ପ୍ରମୁଖ ସହଯୋଗ କରିଥିଲେ ।

ଆବାହକ ହିମାଂଶୁ ଭୁଷଣ ଚମ୍ପତିରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେଛ ସେହିପରି ଜାତୀୟ ରାଜପଥ ରେ ବୁଲୁ ଥିବା ଅସହାୟ ବ୍ୟକ୍ତିଙ୍କୁ ବି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି ।

# ରାଜକନିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ରାଜକନିକା, (ସବ୍ୟୁ) : ରାଜକନିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ ତମ ବାର୍ଷିକ ଉତ୍ସବ କାଳିକାପୁର ମେଲଣ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସମାଜସେବୀ ପ୍ରବୀର କୁମାର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜକନିକା ମଣ୍ଡଳ ଶିକ୍ଷାଧିକାରୀ ବାବାଜୀ ଚରଣ ବାରିକ, ମୁଖ୍ୟବକ୍ତା ଭାବେ ଉତ୍ତର ପୂର୍ବ ସମ୍ଭାଗ ଶିକ୍ଷା ବିକାଶ ସମିତିର ସମ୍ପାଦକ ମହେନ୍ଦ୍ର ଘଡ଼ାଇ ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ବିକାଶ ସମିତି ପ୍ରମୁଖ କପିଳ ଚରଣ ମିଶ୍ର ଏବଂ ଆଳି ସଂକୁଳ ପ୍ରମୁଖ ପ୍ରଫୁଲ୍ଲ ଚନ୍ଦ୍ର ସୁତାର ପ୍ରମୁଖ ଯୋଗଦେଇ ଏହି ବିଦ୍ୟାଳୟ ର ପିଲା ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମତ ରଖିବା ସହିତ ଏହି ପିଲା ମାନଙ୍କୁ ଭଲ ମଣିଷ କରିବା ପାଇଁ ମା ' ମାନଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ବୋଲି କହିଥିଲେ । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସମ୍ପାଦକ କଳ୍ପତରୁ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୁରୁଜୀ ବୈଷ୍ଣବ ନାଥ ଙ୍କ ମଞ୍ଚ ପରିଚାଳନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଧଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅତିଥି ମାନେ ବିଭିନ୍ନ ବର୍ଗର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ପିଲା ମାନଙ୍କ ଦ୍ୱାରା ସଂଗୀତ, ନୃତ୍ୟ ଓ ଗୀତିନାଟ୍ୟ ସମ୍ଭବାମି ଯୁଗେ ଯୁଗେ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଗୁରୁଜୀ, ଗୁରୁମାଙ୍କ ମଧ୍ୟରେ ବିଜ୍ଞାନ ବାରିକ, ଅଶ୍ୱିନୀ ରାଉତ, ନିରୁପମା ନାୟକ, ବିଦ୍ୟୁତ ପ୍ରଭା ବାରିକ, ରଶ୍ମିତା ବିଶ୍ୱାଳ, ମଧୁଛନ୍ଦା ନାୟକ, ରାଖୀପ୍ରଭା ସାହୁ, ଅରୁନିଶା ତରାଇ, ବିଉସ୍ମଭା ବେହୁରିଆ, ଗାୟତ୍ରୀ ମଲ୍ଲିକ, ମିନତୀ ଆଚାର୍ଯ୍ୟ, ସୁଜାତା ନାୟକ, ସବିତା ସାମଲଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

# ଜଳିଗଲା ୧୦ ବଖରା, ୫ ପରିବାର ସର୍ବସ୍ୱାନ୍ତ

ଭଣ୍ଡାରିପୋଖରୀ, (ସବ୍ୟୁ): ଏହି ବ୍ଲକର ପାଟୁଳି ପଞ୍ଚାୟତ ଅନ୍ତର୍ଗତ ଅରେଇକଣା ଗ୍ରାମରେ ଗୁରୁବାର ଭୟାନକ ଅଗ୍ନିକାଣ୍ଡ ଘଟିଛି। ଦିନ ୨.୩୦ମି. ସମୟରେ ଘଟିଥିବା ଏହି ଅଗ୍ନିକାଣ୍ଡରେ ୫ ପରିବାରର ୧୦ ବଖରା ଘର, ଟ୍ରାକ୍ଟର, ଧାନଗଦା ଜଳିଯାଇଛି। ଗୋପାଳସାହିର ପୁରୁସ୍ତମ ବାରିକ, ବିଷ୍ଣୁଚରଣ ବାରିକ, ପ୍ରଦିପ୍ତ କୁମାର ବାରିକ, ପ୍ରଶାନ୍ତ କୁମାର ବାରିକ ଓ ସଞ୍ଜୟ ବାରିକ ୨ଖଞ୍ଜା ଚାଳଘରେ ବସବାସ କରୁଥିଲେ। ଜଣେ ମାତ୍ର ମହିଳାଙ୍କୁ ଛାଡିଦେଲେ ସମସ୍ତେ ବାହାରକୁ ଯାଇଥିଲେ। ସଂପୃକ୍ତ ମହିଳା ଶୋଇଥିବା ବେଳେ ମଥାନ ଜଳୁଥିବା ଦେଖି ଚିତ୍କାର କରିଥିଲେ। ଖରାଦିନ ମଧ୍ୟାହ୍ନ ହୋଇଥିବାରୁ ଓ ଯଥେଷ୍ଟ ବେଗରେ ପବନ ବହୁଥିବାରୁ ଚାହୁଁ ଚାହୁଁ ନିଆଁ ବ୍ୟାପିଯାଇଥିଲା। ୨ଖଞ୍ଜା ଚାଳଘର ସମେତ ଛଣଗଦା ଓ ଧାନଗଦା ଏକାସାଙ୍ଗରେ ଜଳି ଉଠିଥିଲା। ଖବର ପାଇ ଭଣ୍ଡାରିପୋଖରୀରୁ ଦମକଳ ଘଟଣାସ୍ଥଳକୁ ଯାଇ ୩ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ଅଗ୍ନିକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ସମସ୍ତ ଆସବାବପତ୍ର, ଧାନ, ଚାଉଳ, ସୁନାଗହଣା ଆଦି ଲକ୍ଷ, ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ଜଳିଯାଇଥିବା ଜଣାଯାଇଛି। ଏଥିସହ ପରିବାରର ଓଡି ୨୨ ଏମ ୩୨୮୭ନଂ ଟ୍ରାକ୍ଟର ମଧ୍ୟ ଆଂଶିକ ଜଳିଯାଇଥିବା ଜଣାଯାଇଛି। ପ୍ରଶାସନ ପକ୍ଷରୁ ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ବିଧାୟକଙ୍କ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣା, ବିଧାୟକଙ୍କ ପ୍ରେସ୍‌ମିଟ୍

ଭଦ୍ରକ, (ସବ୍ୟୁ): ଖଦାଳ ପୋଖରୀ ପଂଚାୟତରେ ଜୋରଜବରଦସ୍ତ ରାସ୍ତା ଖୋଳିବାକୁ ବିରୋଧ କରିବାରୁ ବିଜେଡି ବିଧାୟକଙ୍କ ପ୍ରତିନିଧି ବିବେକାନନ୍ଦ ଦୀକ୍ଷିତଙ୍କୁ ମାରଣାନ୍ତକ ଆକ୍ରମଣ ଘଟଣାରେ ବିଧାୟକ ବ୍ୟୋମକେଶ ରାୟଙ୍କ ସାମ୍ବାଦିକ ସମ୍ମିଳନୀ। ଏଠାରେ ସୂଚନାଯୋଗ୍ୟ ଯେ, ରାସ୍ତା ଖୋଳିବା ଘଟଣାରେ ସାମ୍ବାଦିକ ସମ୍ମିଳନୀ ଡାକିବା ସହ ପ୍ରଶାସନ ସହ ଯୋଗାଯୋଗ କରିଥିଲେ ବିଜେଡ଼ିର ପୂର୍ବତନ ଜିଲ୍ଲା ପରିଷଦ ତଥା ବିଧାୟକଙ୍କ ପ୍ରତିନିଧି ବିବେକାନନ୍ଦ ଦୀକ୍ଷିତ। ଯାହାର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଗତକାଲି ଶ୍ରୀଦୀକ୍ଷିତ ତାଙ୍କ କାର ଯୋଗେ ଧାମରା ଯାଉଥିବା ସମୟରେ ରାସ୍ତାରେ ତାଙ୍କୁ ଅଟକାଇଥିଲେ ଅନ୍ୟ ଦଳର କର୍ମୀ। ତାଙ୍କୁ କାର ମଧ୍ୟରୁ ଘୋଷାରି ନେଇ ଖଦାଳ ପୋଖରୀ ଗ୍ରାମର ବାତ୍ୟା ଆଶ୍ରୟ ସ୍ଥଳୀରେ ରଖି ମାଡ଼ ମାରିଥିଲେ। ଖବରପାଇ ଦଳୀୟ କର୍ମୀ ଓ ପୋଲିସ ପହଂଚି ତାଙ୍କୁ ଉଦ୍ଧାର କରିବା ସହ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ଏନେଇ ବାଂଶଡା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସର ହାତ ଖାଲି ଥିବା ସାଧାରଣରେ ପ୍ରଶ୍ନ ବାଚି ସୃଷ୍ଟି କରିଛି । ରାସ୍ତା କାଟି ସାଧାରଣ ଲୋକଙ୍କୁ ହଇରାଣ କରିବା, ବିଜେଡି ନେତାଙ୍କୁ ମାଡ଼ ମାରିବା ଆଦି ଘଟଣାକୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦୃଢ଼ ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବିଧାୟକ ବ୍ୟୋମକେଶ ରାୟ।

# ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍‌ର ରାଜ୍ୟ କମିଟି ବୈଠକ




ବାଲେଶ୍ୱର, (ସବ୍ୟୁ): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ରାଜ୍ୟ କାର୍ଯ୍ୟକାରୀ କମିଟିର ପରିବର୍ଦ୍ଧିତ ବୈଠକ ଶୁକ୍ରବାର ଦିନ ପୂର୍ବାହ୍ଣରେ ପ୍ରଥମଥର ପାଇଁ ବାଲେଶ୍ୱର ସହରର ମା ଇଣ୍ଟରନେସ୍‌ନାଲ୍ ହୋଟେଲ୍‌ର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଇଂ. ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ ତଥା ଜାତୀୟ କମିଟିର ଉପସଭାପତି ଭାଗ୍ୟଧର ବ୍ରହ୍ମା ଆଲୋଚନାର ବିଷୟ ଆଗତ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଇପିଏଫ୍ ସଂସ୍ଥାରୁ ମାସିକ ସର୍ବନିମ୍ନ ଏକହଜାର ଟଙ୍କା ଓ ତହିଁରୁ କମ୍ ଟଙ୍କା ପେନସନ୍‌ଭୋଗୀଙ୍କ ଆର୍ଥିକ ଦୁରାବସ୍ଥା ସଂପର୍କରେ ଜଣାଇଥିଲେ। ଚାକିରିକାଳରେ ଅଧିକ ବେତନ ପାଉଥିବା କର୍ମଚାରୀମାନଙ୍କୁ ଅଧିକ ପେନ୍‌ସନ୍ ପ୍ରଦାନ ପାଇଁ ମାନ୍ୟବର ସର୍ବୋଚ୍ଚ ଅଦାଲତ ଦେଇଥିବା ଆଦେଶକୁ ଏବଂ ସର୍ବନିମ୍ନ ପେନସନ୍ ବୃଦ୍ଧି ସହ ମହଙ୍ଗାଭତ୍ତା ପ୍ରଦାନ ପାଇଁ ସଂସଦର ସବ୍‌କମିଟିର ରିପୋର୍ଟକୁ କେନ୍ଦ୍ର ସରକାର ଗ୍ରହଣ କରୁନଥିବାରୁ ଦେଶବ୍ୟାପୀ ଏହି ବର୍ଗର ପେନସନ୍‌ଭୋଗୀମାନେ ଆର୍ଥିକ ଦୁର୍ଗତିରେ କାଳାତିପାତ କରୁଥିବାର ପ୍ରକାଶ କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ବରିଷ୍ଠ ନାଗରିକମାନଙ୍କ ପ୍ରତି ଅବିଚାରକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଥିଲା। ଆସନ୍ତା ସାଧାରଣ ନିର୍ବାଚନରେ କେନ୍ଦ୍ର ସରକାରରେ ଥିବା ରାଜନୈତିକ ଦଳ ଓ ସେମାନଙ୍କ ସହଯୋଗୀ ଦଳମାନଙ୍କୁ ଭୋଟ ନଦେବା ପାଇଁ ଜାତୀୟ କମିଟିର ଆହ୍ୱାନକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାକୁ ଶ୍ରୀ ବ୍ରହ୍ମା ଉପସ୍ଥିତ ମାନଙ୍କୁ ଅବଗତ କରାଇଥିଲେ। ମାସିକ ସର୍ବନିମ୍ନ ପେନସନ୍ ୧ହଜାର ଟଙ୍କାକୁ ବୃଦ୍ଧିକରି ୯ ହଜାର ଟଙ୍କା ପ୍ରଦାନ ସହ ମହଙ୍ଗା ଭତ୍ତା ପ୍ରଦାନ ପାଇଁ ଓଡ଼ିଶା ହାଇକୋର୍ଟରେ ଆଗତ ମୋକଦ୍ଦମାକୁ ମାନ୍ୟବର ଅଦାଲତ ଗ୍ରହଣ କରି ଇପିଏପ୍ ସଂସ୍ଥା ଓ କେନ୍ଦ୍ର ସରକାରଙ୍କର ସଂପୃକ୍ତ ବିଭାଗକୁ ପକ୍ଷଭୁକ୍ତ କରିଛନ୍ତି ବୋଲି ଶ୍ରୀ ବ୍ରହ୍ମା ଜଣାଇଥିଲେ। କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ ଆୟବ୍ୟୟର ବିବରଣୀ ପାଠ କରିବା ପରେ ତାହା ଗୃହୀତ ହୋଇଥିଲେ। ଆଗାମୀ କାର୍ଯ୍ୟପନ୍ଥା ଏବଂ ରାଜ୍ୟର ସାଂଗଠନିକ ସମସ୍ୟା ଓ ସମାଧାନ ସହ ସଭ୍ୟସଂଖ୍ୟା ବୃଦ୍ଧି ସଂପର୍କତ ଆଲୋଚନାରେ ଅଂଶଗ୍ରହଣ କରି ରାଜ୍ୟ କମିଟି ଓ ବିଭିନ୍ନ ଜିଲ୍ଲା କମିଟି ପକ୍ଷରୁ ଇଂ. ଅନାଦିଚରଣ ବେହେରା, ପ୍ରଫୁଲ୍ଲ କୁମାର ଦାସ, ଗୌରାଙ୍ଗ ପାଣିଗ୍ରାହୀ, ବିଷ୍ଣୁପ୍ରସାଦ ମହାନ୍ତି, ନଟବର ଆଚାର୍ଯ୍ୟ, ମୁକ୍ତିକାନ୍ତ ମହାପାତ୍ର, ପ୍ରକାଶ କୁମାର ପଟ୍ଟନାୟକ, ମାୟାଧର ନାୟକ, କୁଞ୍ଜ ବିହାରୀ ନାୟକ, ଭାବଗ୍ରାହୀ ରାଉତ, କୃଷ୍ଣଚନ୍ଦ୍ର ମହାନ୍ତି, ବିନୋଦ ବେହେରା, ଉର୍ବଶୀ ମିଶ୍ର, ଗୀତାଞ୍ଜଳି ପାତ୍ର, ମଦନମୋହନ ଜେନା ଓ ନିରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପରେ ଦାବିପୂରଣ ନିମିତ୍ତ ଲଗାତର ଆନ୍ଦୋଳନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଆସନ୍ତା ରାଜ୍ୟ ସମ୍ମିଳନୀର ତାରିଖ ଓ ସ୍ଥାନ ଅଗାମୀ ବୈଠକରେ ସ୍ଥିର କରାଯିବ। ସମସ୍ତ ଜିଲ୍ଲା କମିଟିର ବୈଠକ ପ୍ରତି ଦୁଇମାସରେ ଅନୁଷ୍ଠିତ ହେବ ଓ ଏହାର ବିବରଣୀ ଜିଲ୍ଲାମାନେ ରାଜ୍ୟ କମିଟିକୁ ପଠାଇବାକୁ ଅନୁରୋଧ କରାଯାଇଛି। ବୈଠକ ଆରମ୍ଭରେ ବିଭିନ୍ନ ଜରାରୋଗରେ ଅସୁସ୍ଥ ଥିବା କେତେକ କର୍ମକର୍ତ୍ତାଙ୍କ ଆରୋଗ୍ୟ କାମନା କରି ଓ ଦିବଂଗତ କର୍ମକର୍ତ୍ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ ନିଗମ ମହାସଂଘର ମହାସଚିବ ସରୋଜକାନ୍ତ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଖଇରା କଲେଜ ଏନ୍‌ସିସି ୟୁନିଟ୍‌ର ଆଲୋଚନାଚକ୍ର



ଖଇରା, (ସବ୍ୟୁ): ବାଲେଶ୍ୱର ଜିଲ୍ଲାର ଅନ୍ୟତମ ଅଗ୍ରଣୀ ଖଇରା କଲେଜ ଏନସିସି ୟୁନିଟର ଏକ ଆଲୋଚନା ଚକ୍ର, ଆର୍ମି ୟୁନିଟ ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ଉତ୍ସବ ସହିତ ଅଗ୍ନିବୀର ମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ଦିନ କଲେଜ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଶୀର୍ଷକ ରାଷ୍ଟ୍ରପାଇଁ ଦିନଟିଏ ଉପରେ ଆୟୋଜିତ ଆଲୋଚନା ଚକ୍ରରେ ପରିଚାଳନା କମିଟି ସଭାପତି ମୁକ୍ତିକାନ୍ତ ଶତପଥି ଅଧ୍ୟକ୍ଷତା କରିଥିଲେ । ଭାରତୀୟ ସେନାରୁ ଅବସରଗ୍ରହଣ କରିଥିବା କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟତା ଭାବନା ଉପରେ ଆଲୋଚନା ରଖି ସେନାବାହିନୀରେ ଯୋଗ ଦେବାକୁ ପରାମର୍ଶ ଦେଇଥିଲେ । ଇତିହାସ ବିଭାଗ ଅଧ୍ୟାପକ ସୁଜିତ କୁମାର ଛାଟିଆ ପିଲାମାନଙ୍କର ଶୃଙ୍ଖଳା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅଧ୍ୟାପକ ତଥା ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଡ ଉଦୟ ରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କର୍ଣ୍ଣେଲ ମହାପାତ୍ର ଙ୍କ ସମେତ ଅଗ୍ନିବୀର ଭାବେ ମନୋନୀତ ହୋଇଥିବା କଲେଜଛାତ୍ର ପ୍ରଦୀପ କୁମାର ସାହୁ, ପ୍ରଦୀପ କୁମାର ରାଉତ, ଗୁରୁପ୍ରସାଦ ମହାନ୍ତି, ସତ୍ୟସୁନ୍ଦର ମାଝୀ, ଅଭୟ କୁମାର ରାଉତ, ଜ୍ୟୋତି ରଞ୍ଜନ ପୋଇ ଓ ମାନସ ରଞ୍ଜନ ବିନ୍ଧାଣୀ ଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । କଲେଜର ଅଧ୍ୟାପନା ମଣ୍ଡଳୀ, କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

## ପୌରାଧ୍ୟକ୍ଷାଙ୍କୁ ସାଧୁବାଦ

ବାଲେଶ୍ୱର, (ସବ୍ୟୁ): ନିକଟରେ ବାଲେଶ୍ୱର ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ ସାଧାରଣ ମହକିଲ ଓ ଓକିଲମାନଙ୍କ ଦାବିକୁ ଗ୍ରହଣକରି ବାଲେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟ ସାମ୍ନା ରାସ୍ତାର ନବୀକରଣ ପାଇଁ ୧୮ଲକ୍ଷ ଟଙ୍କା ମଂଜୁର କରିଛନ୍ତି । ଜିଲ୍ଲା ଆୟୁର୍ବେଦିକ କାର୍ଯ୍ୟାଳୟ ଠାରୁ ସଦର ବ୍ଲକ ସମ୍ମୁଖ ଦେଇ ଏସ୍‌ଡିଜେଏମ୍‌ଙ୍କ କୋର୍ଟ ସାମ୍ନା ରାସ୍ତାର ନବୀକରଣ ସହ ଏହି ରାସ୍ତାଟି ଜିଲ୍ଲା ଖାଉଟି ଅଦାଲତ ପର୍ଯ୍ୟନ୍ତ ନବୀକରଣ କରାଯିବ । ଏହି ରାସ୍ତାକୁ ପେଭର୍ସ ଇଟା ଦ୍ୱାରା ନିର୍ମାଣ କରାଯିବାର ଯୋଜନା ରହିଛି । ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଲୋକମାନେ ଏହି ରାସ୍ତା ଦେଇ ଯାତାୟତ କରିବା କ୍ଷେତ୍ରରେ ସଦା ସର୍ବଦା ଅସୁବିଧାର ସମ୍ମୁଖୀନ ହେଉଥିଲେ । ରାସ୍ତାର ନବୀକରଣ ପାଇଁ ପୌରାଧ୍ୟକ୍ଷା ସବିତା ସାହୁ ୧୮ଲକ୍ଷ ଟଙ୍କା ମଂଜୁର କରିଥିବାରୁ ତାଙ୍କୁ ଆଇନଜୀବୀ ସର୍ବଶ୍ରୀ ଅରୁଣ ବେହେରା, ଜିତେନ୍ଦ୍ର ଉପାଧ୍ୟାୟ, ଶକ୍ତିପଦ ରାୟ, ଅଙ୍କୁର ତରେଇ, ମନୋଜ କୁମାର ଜେନା, ନିଳାମ୍ବର ଦାସ, ପ୍ରଭାସ ମହାନ୍ତି, ରବିନାରାୟଣ ପାଣିଗ୍ରାହୀ, ଜ୍ୟୋତିଶଙ୍କର କାନୁନଗୋ, ପ୍ରଭାତ ଦାସ, ମହମ୍ମଦ ଇସଲାମ, ହୃଦାନନ୍ଦ ବାରିକ, ଅଜିତ ଭଦ୍ର, ଅର୍ଜୁନ ଜେନା, ଅର୍ଜୁନ ମହାନ୍ତି ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପ୍ରସିଦ୍ଧ ଚଡ଼କ ମେଳା ଉଦ୍‌ଯାପିତ: ଲକ୍ଷାଧିକ ଯାତ୍ରୀଙ୍କ ସମାଗମ



ଭୋଗରାଇ, ( ସବ୍ୟୁ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚଡକ ମେଳା ଶୁକ୍ରବାର ସମାପନ ହୋଇଛି । ଦୀର୍ଘ ୧ ୨ ଦିନ ଧରି ଚାଲିଆସୁଥିବା ଏହି ମେଳାରେ ଓଡିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବାଂଲାଦେଶରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଜୀଉଙ୍କ ମନ୍ଦିରକୁ ଭକ୍ତି ଭାବନା ନେଇଁ ଆସିଥିଲାବେଳେ ଜୀଉଙ୍କ ପ୍ରସିଦ୍ଧ ପାଟ ଉତ୍ସବରେ ଲକ୍ଷାଧିକ ଯାତ୍ରୀଙ୍କ ସମାଗମ ହୋଇଥିଲା । ଚଳିତବର୍ଷ ରେକର୍ଡ ସଂଖ୍ୟକ ଉପବିତଧାରୀ ଶୈବ ଭକ୍ତ ନିଜ ତଥା ପରିବାର ର ମନସ୍କାମନା ପୂର୍ଣ୍ଣ ନିମନ୍ତେ ହୁଗୁଳି ଗ୍ରାମର ଜଳଯନ୍ତ୍ର ଦେବତାଙ୍କ ଠାରେ ପୂଜାର୍ଚ୍ଚନା ଓ ଆରାଧନା ନିମନ୍ତେ ମନ୍ଦିରକୁ ଛୁଟିଆସିଥିଲେ । ଅପରାହ୍ଣରେ ଅସଂଖ୍ୟ ଶ୍ରଦ୍ଧାଳୁ ଜୀଉଙ୍କ ପାଟ ଉତ୍ସବ ଦର୍ଶନ ଲାଗି ଭିଡ ଜମାଇଥିଲେ। ମହାଦେବଙ୍କ ନୀତିକାନ୍ତି ଓ ଚଡକ ମେଳାର ବିଶେଷ ପୂଜା ପାଠ ସେବାୟତ ଓ ପଣ୍ଡାଙ୍କ ଦ୍ୱାରା କରାଯାଇଥିଲା । ଲକ୍ଷ ଲକ୍ଷ ଶୈବଭକ୍ତ ମନ୍ଦିର ଚାରି ପାଖରେ ମହାଦେବଙ୍କୁ ଆରାଧନା କରି ମନ୍ଦିର ପରିକ୍ରମା, ଦଣ୍ଡ ମାରିବା, ନେତ୍ରନାଳରେ ଜଳାଭିଷେକ କରିଥିଲେ। ଏହିଅବସରରେ ସହସ୍ରାଧିକ ମାନସିକ ଶୈବଭକ୍ତ ନିଜ ଜିହ୍ୱା ଓ ଶରୀରରେ ସହସ୍ରାଧିକ ଲୁହା କଣ୍ଟା ଫୋଡି ଭୋଳାନାଥଙ୍କ ଠାରେ କୃଚ୍ଛ ସାଧନା କରିଥିଲେ ଜୀଉଙ୍କ ଠାରେ ବହୁ ମାନସିକ ମହିଳା ଶୈବଭକ୍ତ ଭୋଳାନାଥଙ୍କ ସ୍ୱପ୍ନାଦେଶ ସିଦ୍ଧି ଲାଭ କରି ଖୁସି ମନରେ ମହାଦେବଙ୍କୁ ପୂଜାର୍ଚ୍ଚନାକରି ଘର ବାହୁଡା ହୋଇଥିଲେ। ସମସ୍ତ ଉପବିତଧାରୀ ଶୈବଭକ୍ତ ମାନେ ମହାଦେବଙ୍କ ଅର୍ଘ୍ୟ ପିଣ୍ଡରେ ଶେଷ ଅର୍ଘ୍ୟ ପ୍ରଦାନ କରି ବ୍ରତ ଶେଷ କରିଥିଲେ। ପ୍ରସିଦ୍ଧ ଚଡକ ମେଳାରେ ପଶ୍ଚିମବଙ୍ଗ ଖଡ଼ଗପୁର ଥାନା ଗୁଣ୍ଡିଆପୁର ଗ୍ରାମର ତୁଳସୀ ମିର୍ଦ୍ଧା ନାମକ (୫ ୮) ବର୍ଷୀୟା ଉପବିତଧାରୀ ମହିଳାଙ୍କ ମୃତ୍ୟୁ ଘଟିଥିବାର ସୂଚନା ମିଳିଥିଲା । ସେହିପରି ଅନୁରୂପ ଭାବେ ସୁବର୍ଣ୍ଣରେଖା ନଦୀ କୂଳରେ ଏସିଆର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ଓ କୁମ୍ଭାରମୁଳି ଗ୍ରାମରେ ବାବା ଧବଳେଶ୍ୱର ମହାଦେବଙ୍କ ଠାରେ ଚିତାକର୍ଷକ ଅତାଶବାଜୀରେ ପାଟ ଉତ୍ସବ ଉଦଯାପିତ ହୋଇଥିଲା।

## ମଦ ଜବତ, ଜଣେ ଗିରଫ



ନୀଳଗିରି, (ସବ୍ୟୁ): ନିର୍ବାଚନକୁ ଦୃଷ୍ଟିରେ ରଖି ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୮୦ଲିଟର ଦେଶୀମଦ ସହ ଓଡ଼ି୦୧ବି-୭୧୯୭ ନମ୍ବର ବିଶିଷ୍ଟ ଗୋଟିଏ ଏଚ୍‌ଏଫ୍ ଡିଲକ୍ସ ବାଇକ ଜବଦ କରିବା ସହ ବରହମପୁର ଗ୍ରାମର ବଳରାମ ଦେହୁରୀ (୨୧)ଙ୍କୁ ଗିରଫ କରିଛି । ମିଳିଥିବା ସୂଚନା ଅନୁଯାୟୀ ବଳରାମ ବାଇକ ଯୋଗେ ମଦ ନେଇ ଯାଉଥିବା ଗୁପ୍ତ ତଥ୍ୟକୁ ଆଧାର କରି ଅବକାରୀ ବିଭାଗ କର୍ମଚାରୀମାନେ ସେରଗଡ଼ - ଝରଣାଘାଟି ୧୯ନମ୍ବର ରାଜ୍ୟ ରାଜପଥର ଗରଡିହୀ ଛକନିକଟରେ ଅଭିଯୁକ୍ତକୁ ଗରିଫ କରିଥିଲେ । ଏ ବାବଦରେ ଅବକାରୀ ବିଭାଗ କାର୍ଯ୍ୟାଳୟରେ କେଶ୍ ନମ୍ବର ୧୫/୨୪-୨୫ ମୂଳେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ବଳରାମ ଦେହୁରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ନୀଳଗିରି ଅବକାରୀ ଓଆଇସି ଜଗନ୍ନାଥ ବେହେରା, ଏଏସ୍‌ଆଇ ଜୟମାଧବ ପଟ୍ଟନାୟକ, କନେଷ୍ଟବଳ ଦେବାଶିଷ ମଲ୍ଲିକ, ନହଣ ମୁର୍ମୁ ପ୍ରମୁଖ ସାମିଲ ଥିଲେ।

## ଆଜିଠୁ ଆଖଣ୍ଡଳମଣିଙ୍କ ବୈଶାଖୀ ବ୍ରତ ଆରମ୍ଭ

ଆରଡି, (ସବ୍ୟୁ): ବାବା ଆଖଣ୍ଡଳମଣିଙ୍କ ପବିତ୍ର ବୈଶାଖୀ ବ୍ରତ ଆଜିଠୁ ଅର୍ଥାତ ମହା ବିଷୁବ ସଂକ୍ରାନ୍ତି ଠାରୁ ଆରମ୍ଭ ହେବ। ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତୀ, ଘର୍ଷଣଲାଗି ସହ ସମସ୍ତ ପହିଲି ନୀତି ୫ଟା ସୁଧା ସରିବା ପରେ ଗୋପାଳମାନଙ୍କ ଜଳଲାଗି ନିମନ୍ତେ ସକାଳ ୯ଟା୩୦ମି. ପର୍ଯ୍ୟନ୍ତ ସାହଣମେଲା କରାଯିବ। ପୀଠର ଶାନ୍ତିଶୃଙ୍ଖଳା ନିମନ୍ତେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଫୋର୍ସ ମୃତୟନ କରାଯାଇଛି।

## ମାର୍କୋଣା ସ୍ମାର୍ଟ ଇଲେଭେନ୍ ଚାମ୍ପିଅନ୍

ଖଇରା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ମାଖନପୁର ପଞ୍ଚାୟତ ତରାଙ୍ଗ ଠାରେ ଅହୋରାତ୍ର ବଜରଙ୍ଗବଲୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ମାର୍କୋଣାର ସ୍ମାର୍ଟ ଇଲେଭେନ ଓ ବାଲେଶ୍ୱରର ଫେମସ ଇଲେଭେନ ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହୋଇଥିଲା । ଏଥିରେ ମାର୍କୋଣା ଇଲେଭେନ ୬୦ରନ୍‌ରେ ବିଜୟଲାଭ କରିଥିଲା । ଚାମ୍ପିୟନ ମାର୍କୋଣା ଟିମ୍‌କୁ ୩୦ହଜାର ଓ ରନର୍ସ ଅପ ବାଲେଶ୍ୱରକୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଉକ୍ତ ଖେଳକୁ ଅନୁପ ବେହେରା, ହେମନ୍ତ ଶିଅଳ, ତପନ ଶିଅଳ, ପ୍ରତାପ ନାୟକ, ଓ କମିଟିର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ମା' ସାତଭଉଣୀ ମଣ୍ଡଳ ବିଜେପି ନିର୍ବାଚନୀ ବୈଠକ

ଭଦ୍ରକ, (ସବ୍ୟୁ): ଆଜି ଭଦ୍ରକ ସଂସଦୀୟ କ୍ଷେତ୍ର ଓ ଭଦ୍ରକ ବିଧାନସଭା କ୍ଷେତ୍ରର ବିଜେପି ନିର୍ବାଚନୀ ବୈଠକ ମା' ସାତଭଉଣୀ ମଣ୍ଡଳ ପକ୍ଷରୁ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଭଦ୍ରକ ଲୋକସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାନସଭା ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ର (ଚନ୍ଦୁ ନନା) ଯୋଗ ଦେଇ ଆଗାମୀ ସାଧାରଣ ନିର୍ବାଚନରେ କିପରି ଦଳୀୟ ପ୍ରାର୍ଥୀ ବିଜୟୀ ହେବେ ସେ ନେଇ ବିଭିନ୍ନ ସାଂଗଠନିକ ଆଲୋଚନା କରିଥିଲେ। ରାଜ୍ୟବାସୀ ବିଜେଡ଼ି ସରକାରର ଗୁଣ୍ଡାରାଜରେ ଅତିଷ୍ଠ ହୋଇ ସାରିଲେଣି। ଏଣିକି ଲୋକ ଆଉ ସହିବା ସ୍ଥିତିରେ ନାହାନ୍ତି। ଏବେ ରାଜ୍ୟରେ ପରିବର୍ତ୍ତନ ଅପରିହାର୍ଯ୍ୟ। କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଶାସନ କଲେ ରାଜ୍ୟର ପ୍ରମୁଖ ଉନ୍ନତି ସାଧନ ହୋଇ ପାରିବ। ରାଜ୍ୟରେ ବିଜେପି ସରକାର ଗଠନ କଲେ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ସମ୍ଭବ। ରାଜ୍ୟଓ ଦେଶର ଉନ୍ନତି ପାଇଁ ସାଧାରଣ ଜନତାଙ୍କୁ ଏକ ସୁଶାସନ ଯୋଗାଇବା ପାଇଁ ଉଭୟ ସାଂସଦ ଓ ବିଧାୟକ ଭାବେ ବିଜେପି ପ୍ରାର୍ଥୀଙ୍କୁ ଜିତାଇବାକୁ ଆପ୍ରାଣ ଉଦ୍ୟମ କରିବାକୁ ଦୁଇନେତା କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ଏହି ବୈଠକରେ ମଣ୍ଡଳ ସଭାପତିଙ୍କ ସମେତ ମଣ୍ଡଳ ସ୍ତରୀୟ କାର୍ଯ୍ୟକର୍ତ୍ତା ଏବଂ ଜିଲ୍ଲା ସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ମନ୍ଦିର ଭାଙ୍ଗିବା ଅଭିଯୋଗ, ଜଣେ ଗିରଫ

ତିହିଡି, (ସବ୍ୟୁ): ତିହିଡି ବ୍ଲକ ଅନ୍ତର୍ଗତ ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧିନ ଫକିରପୁର ଚଢେଇଖିଆ ପଡିଆରେ ଥିବା ହନୁମାନ ମନ୍ଦିର ଭାଙ୍ଗିଥିବା ଅଭିଯୋଗରେ ଅଭିଯୁକ୍ତ ସୁଧାଂଶୁ ଓରଫ୍ ବାପି ଡାଙ୍ଗୁଆକୁ ପୋଲିସ ଗିରଫ କରିଛି। ସୂଚନା ମୁତାବକ, ହନୁମାନ ଜୟନ୍ତୀ ପାଳନ ପାଇଁ ମନ୍ଦିର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏନେଇ ମନ୍ଦିରର ଚୂଳି ମାରିବା ଲାଗି ରାଜମିସ୍ତ୍ରୀ ଇଟା ମଧ୍ୟ ଯୋଡି ସାରିଛି। ମାତ୍ର ବାପି ଡାଙ୍ଗୁଆ ସେଠାକୁ ଯାଇ ସିଡି ମାଧ୍ୟମରେ ମନ୍ଦିର ଉପରକୁ ଚଢି ସର୍ବ ସମ୍ମୁଖରେ ଯୋଡେଇ ଇଟାକୁ ଭାଙ୍ଗିବା ସହିତ ଗୋଡରେ ତଳକୁ ଖସେଇ ଦେଇଥିଲା। ଏଥିସହ ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ହୋହାଲ୍ଲା ମଧ୍ୟ କରିଥିଲା। ମନ୍ଦିର କମିଟିର ସଭାପତି ପଞ୍ଚାନନ ନାୟକଙ୍କ ଏତଲା କ୍ରମେ ଅଭିଯୁକ୍ତ ସୁଧାଂଶୁ ଓରଫ୍ ବାପି ଡାଙ୍ଗୁଆଙ୍କ ବିରୋଧରେ ଦଫା ୨୯୪, ୪୨୭ ଓ ୫୦୬ ମୂଳେ ଏକ ମାମଲା ୮୭/୨୪ ରୁଜୁ କରିବା ସହିତ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ୍ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାତ୍ର ପ୍ରାୟ ୨ ଘଟିକା ସମୟରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଘଟଣାକୁ ନେଇ ପୋଲିସ ପ୍ରତିକ୍ରିୟାଶୀଳ ହେବା ସହିତ ଶୁକ୍ରବାର ସକାଳ ପ୍ରାୟ ୯ ଘଟିକା ମଧ୍ୟରେ ଅଭିଯୁକ୍ତ ସୁଧାଂଶୁ ଓରଫ୍ ବାପି ଡାଙ୍ଗୁଆକୁ ଗିରଫ୍ କରିଛି।

## ନୀଳଗିରି ମହିଳା କଲେଜରେ ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିବିର



ନୀଳଗିରି, (ସବ୍ୟୁ): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ତରଫରୁ ଏକ ଦିନିକିଆ ଫାଷ୍ଟଏଡ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ବାଲେଶ୍ୱର ଜିଲ୍ଲା ଯୁବ ରେଡକ୍ରସ ଚେୟାରମେନ୍ ତଥା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦିଲ୍ଲୀପ କୁମାର ଘୋଷ, ଜିଲ୍ଲା ଯୁବ ରେଡକ୍ରସ କନଭେନର ଡକ୍ଟର ବିଭୁଦତ୍ତ ବେହେରା, ବାଲେଶ୍ୱର ଜିଲ୍ଲା ସଂଯୋଜକ ଅଧ୍ୟାପକ ସୁଧୀର ମୁଦୁଲି, ନୀଳଗିରି ମହିଳା ଜୁନିୟର ମହାବିଦ୍ୟାଳୟର କାଉନସିଲର ଅଧ୍ୟାପକ ସତ୍ୟରଂଜନ ମିଶ୍ର ଯୋଗଦେଇ ରେଡକ୍ରସର ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ । ସେହିପରି ଉଦ୍ଘାଟନୀ ଉତ୍ସବପରେ ତାଲିମ ଶିବିରର ପ୍ରଶିକ୍ଷକ ରୂପେ ମୟୂରଭଞ୍ଜ ମାଣିଦା ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟର ଦିଲ୍ଲୀପ କୁମାର ଭୋଇ, ବକ୍ସି ଜଗବନ୍ଧୁ ବିଦ୍ୟାଧର ଡିଗ୍ରୀ ମହାବିଦ୍ୟାଳୟର ଅଧିପିକା ଇତିଶ୍ରୀ ସୁନ୍ଦରା ଯୋଗଦେଇ ପ୍ରାଥମିକ ଉପଚାର ସମ୍ପର୍କିତ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏ ଅବସରରେ ମିତ୍ରପୁର ସ୍ଥିତ ସ୍ୱର୍ଣ୍ଣବୃତ୍ତ ମହାବିଦ୍ୟାଳୟ ନୀଳଗିରି ସଂସ୍କୃତ ମହାବିଦ୍ୟାଳୟ, ବରହମପୁର ଡିଗ୍ରୀ ମହାବିଦ୍ୟାଳୟ, ସନ୍ତରା ଗଡ଼ିଆର ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟ, ନୀଳଗିରି ଜୁନିୟର ମହିଳା ମହାବିଦ୍ୟାଳୟର ଯୁବ ରେଡକ୍ରସ ଛାତ୍ରଛାତ୍ରୀ ଓ କାଉସିଲରମାନେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶିବିର ପ୍ରାରମ୍ଭରେ ମହାବିଦ୍ୟାଳୟର କାଉନସିଲର ଡକ୍ଟର ପ୍ରଦୀପ୍ତ କୁମାର ମିଶ୍ର ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ମହାବିଦ୍ୟାଳୟର ଅଧାପିକା ସୁଷମା ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିବା ବେଳେ ଶେଷରେ ଏହି କାର୍ଯ୍ୟକ୍ରମକୁ ସମସ୍ତ ଅତିଥି ଓ ପ୍ରଶିକ୍ଷକମାନେ ଉଚ୍ଚ ପ୍ରଶଂସା କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଆଗରପଡ଼ା, (ସବ୍ୟୁ): ସ୍ଥାନୀୟ ପୁରୁଷଣ୍ଡ ଗ୍ରାମର ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ପ୍ରଧାନଶିକ୍ଷକ ଭାବେ ରବିନାରାୟଣ ଦାସଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ସେ ଦୀର୍ଘବର୍ଷ ଧରି ଜଡ଼ାବାଙ୍କ ମା ସୁନେଇ ରୂପେଇ ସ୍କୁଲରୁ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟକରି ଅବସର ନେଇଛନ୍ତି। ତାଙ୍କୁ ଏହି ଅବସରରେ ସ୍କୁଲ ପରିସରରେ ସମ୍ବର୍ଦ୍ଧନା ଦେବାପରେ ଶତାଧିକ ଗ୍ରାମବାସୀ ଏକ ବିରାଟ ପଟୁଆରରେ ଶ୍ରୀଦାସଙ୍କୁ ବାଜା, ଢୋଲ ବଜାଇ, ଆତସବାଜୀ ଫୁଟାଇ, ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରି ଘରେ ପହଂଚାଇଥିଲେ। ଏହି ଶୋଭାଯାତ୍ରା ଆଗରପଡ଼ାରେ ବାହାଘର ଶୋଭାଯାତ୍ରାର ଭ୍ରମ ସୃଷ୍ଟି କରିଥିଲା ଲୋକଙ୍କ ମନରେ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ




ସିମୁଳିଆ, (ସବ୍ୟୁ): ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅଭିଭାବକମାନଙ୍କୁ ନେଇ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ସମିତିର ପ୍ରାନ୍ତ ଶିଶୁବାଟିକା ଶୈକ୍ଷିକ ସଂଯୋଜକ ପ୍ରଦୀପ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ଉକ୍ତ କାର୍ଯ୍ୟକ୍ରମର ରୂପରେଖ ଓ ଶିଶୁମାନଙ୍କ ପ୍ରତି ଅଭିଭାବକମାନଙ୍କରର ଦାୟିତ୍ୱ ଓ କର୍ତ୍ତବ୍ୟ ସଂପର୍କରେ ନିଜର ଅଭିଭାଷଣ ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଇଥିଲେ । ବିଦ୍ୟାଳୟର ସଭାପତି ହୃଷିକେଶ ପଣ୍ଡା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନଆଚାର୍ଯ୍ୟ ପ୍ରଦୀପ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରି ଆଭିମୁଖ୍ୟ କଥନ କରିଥିଲେ । ପରେ ପ୍ରାୟୋଗିକ ଭାଷାଶିକ୍ଷା କାଳାଂଶରେ ଆଚାର୍ଯ୍ୟା ତୁଳସୀଲତା ବେହେରା ଏବଂ ଗଣିତ ଶିକ୍ଷା କାଳାଂଶରେ ଗୀତାଞ୍ଜଳି ମହାପାତ୍ର ଶିକ୍ଷାଦାନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ରାମଚନ୍ଦ୍ର ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ବାଚନରେ ଭୋଟ ହାର ବୃଦ୍ଧି ଲାଗି ବ୍ୟାପକ ଜନସଚେତନତା




ବାଲେଶ୍ୱର, (ସବ୍ୟୁ): ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏଥର ବହୁ ସଂଖ୍ୟକ ଭୋଟର ମାନେ ଯେପରି ନିଜ ମତଦାନ ସାବ୍ୟସ୍ତ କରିପାରିବେ ସେଥିଲାଗି ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯାଇଛି । ପ୍ରଭାବଶାଳୀ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟ ହାର ବୃଦ୍ଧି ପାଇଁ ବିଶେଷ କାର୍ଯ୍ୟକ୍ରମ ପରିକଳ୍ପନା କରାଯାଇ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯାଉଛି। ଭୋଟର ମାନଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣିତ କରିବା ଏବଂ ଗଣତାନ୍ତ୍ରୀକ ରାଷ୍ଟ୍ରରେ ଗୋଟିଏ ଭୋଟର ମହତ୍ତ୍ୱ ବାବଦରେ ବ୍ୟାପକ ଜନସଚେତନତା କରାଯାଇଛି । ଏହି ପରିପ୍ରେକ୍ଷୀରେ ରୁକ୍ମସ୍ଥିତ ନୀଳମଣି ଉଚ୍ଚ ବିଦ୍ୟାଳୟ ଠାରେ ଯୁବବର୍ଗଙ୍କୁ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ମତାଧିକାର ସାବ୍ୟସ୍ତ କରିବା ସମ୍ବନ୍ଧୀୟ ସଚେତନତା ପାଇଁ ଦସ୍ତଖତ ଅଭିଯାନ ଏବଂ ପାରମ୍ପରିକ ପାଲାର ଆୟୋଜନ କରାଯାଇଥିଲା । ଏଥି ସହିତ ପିଲାମାନଙ୍କ ମଧ୍ୟରେ ଗଣତନ୍ତ୍ରକୁ ସୁଦୃଢ କରିବା ନିମନ୍ତେ ସାମୁହିକ ଶପଥପାଠ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଂଜନ ନାୟକ, ବାଲେଶ୍ୱର ସଦର ବିଡ଼ିଓ ସମରଜିତ କର, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କୌଶିକ ପାତ୍ରଙ୍କ ସମେତ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ତଥା ଅନ୍ୟାନ୍ୟ ପଦାଧିକାରୀମାନେ ଯୋଗଦାନ କରିଥିଲେ।

## ବଜରଙ୍ଗବାଲୀଙ୍କ ବାର୍ଷିକୋତ୍ସବ

ବାସୁଦେବପୁର, (ସବ୍ୟୁ): ବାସୁଦେବପୁର ବ୍ଲକର ଆର୍ଡ୍ଡୁଂ ପଂଚାୟତର ବଜରଙ୍ଗବାଲିଙ୍କର ତିନିଦିନ ଧରି ଚାଲିବାକୁ ଥିବା ବାର୍ଷିକ ଉତ୍ସବ ଶୁଭାରମ୍ଭ ହୋଇଯାଇଛି । ହନୁମାନ ଜୟନ୍ତୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ ପୂର୍ବରୁ ଏକ ବିରାଟ କଳସ ଶୋଭାଯାତ୍ରା ବଜରଙ୍ଗବାଲି ମନ୍ଦିରରୁ ବାହାରି ଗାଁ ପରିକ୍ରମା କରିଥିଲା । ବହୁ ଭକ୍ତଙ୍କ ସମାଗମ ଓ ଭଜନ କିର୍ତ୍ତନର ପ୍ରକମ୍ପିତ ହୋଇ ଉଠିଥିଲା ଆର୍ଡ୍ଡୁଂ ଗାଁ ଗଣ୍ଡାର ସମଗ୍ର ପରିବେଶ । ଉପସ୍ଥିତ ପଣ୍ଡିତମାନଙ୍କର ବେଦ ମନ୍ତ୍ର ପାଠରେ ଯଜ୍ଞସ୍ଥଳୀ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ସନ୍ଧ୍ୟାରେ ପଣ୍ଡିତମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।

(ଶ୍ରୀମଭଗବଦ୍ ଗୀତା ୫/୦୫)
–କର୍ମ୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ)

ଯତ୍ ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍ ଯୋଗୈରପି ଗମ୍ୟତେ ।
ଏକଂ ସାଂଖ୍ୟଂ ଚ ଯୋଗଂ ଚ ଯଃ ପଶ୍ୟତି ସ ପଶ୍ୟତି ॥୫॥

ସାଂଖ୍ୟବାଦୀ (ଜ୍ଞାନନିଷ୍ଠ ସନ୍ୟାସୀମାନେ) ମୋକ୍ଷ ନାମକ ଯେଉଁ ଗତି ଲାଭ କରନ୍ତି କର୍ମଯୋଗୀମାନେ ( ଜ୍ଞାନଦ୍ୱାରା) ତାହା ହିଁ ପ୍ରାପ୍ତ ହୁଅନ୍ତି । କାରଣ ସେ ସାଂଖ୍ୟ ଓ କର୍ମଯୋଗ ଉଭୟକୁ ଏକ ବୋଲି ଜାଣନ୍ତି୯ଅର୍ଥାତ୍ ସେ ପ୍ରକୃତ ଜ୍ଞାନୀ ॥୫॥

# ଆଫଗାନିସ୍ତାନ ନେଇ ପୁନର୍ବିଚାର କରିବାର ସମୟ !

ସମ୍ପାଦକୀୟ

ତାଲିବାନ ଆଫଗାନିସ୍ତାନକୁ ନିୟନ୍ତ୍ରଣକୁ ନେବା ପରେ, ଆଫଗାନିସ୍ତାନ ନେଇ ଅନେକ ନକାରାତ୍ମକ ଚର୍ଚ୍ଚା ଚାଲିଛି ଏବଂ ଆଫଗାନ ନାଗରିକ ବହୁ କଷ୍ଟରେ ଜୀବନ ନିର୍ବାହ କରୁଛନ୍ତି । ସମୟ ସହ ତାଳ ଦେଇ ବିକାଶ ହେଇପାରୁନାହିଁ ଯଦିଓ ଆଗାନିସ୍ତାନରେ ସବୁକିଛି ଅଛି । ଏହା ଏକ ଖଣିଜ ସମୃଦ୍ଧ ଦେଶ ଏବଂ ଭୌଗଳିକ ଦୃଷ୍ଟିରୁ ଦକ୍ଷିଣକୁ ମଧ୍ୟ ଏବଂ ପଶ୍ଚିମ ଏସିଆ ସହିତ ସଂଯୋଗ କରେ । ଏକ ରିପୋର୍ଟ ଅନୁଯାୟୀ, ଦେଶରେ ୩ ଟ୍ରିଲିୟନ୍ ଡଲାର ମୂଲ୍ୟର ପ୍ରାକୃତିକ ସମ୍ପଦ ଅଛି । ଆଫଗାନିସ୍ତାନରେ ପ୍ରାୟ ୩୦ ନିୟୁତ ଟନ୍‌ର କପର ରହିଛି ଏବଂ ପ୍ରାୟ ୨.୨ ବିଲିୟନ ଟନ୍ ଲୁହାପଥର ଅଛି । ସବୁ ଥାଇ ମଧ୍ୟ ଆଫଗାନିସ୍ତାନ ରାଜରାସ୍ତାରେ ଏବଂ ଅନ୍ତର୍ଜାତୀୟ ସହାୟତା ବିନା ସାଧାରଣ ଜୀବନଯାତ୍ରା ସମ୍ଭବ ନୁହେଁ । ଚାରି ଦଶନ୍ଧି ଧରି ଦେଶରେ ହିଂସା, ଆତଙ୍କବାଦ ଏବଂ ଅସ୍ଥିରତା ଲାଗିରହିଛି । ଆଫଗାନିସ୍ତାନରେ ଦୀର୍ଘ ୨୦ ବର୍ଷର ଯୁଦ୍ଧ ସମାପ୍ତ ହେଇଥିଲା, ଯେତେବେଳେ ୨୦୨୧ ମସିହାରେ ଆମେରିକା ଆଫଗାନିସ୍ତାନରୁ ଚାଲି ଯାଇଥିଲା । ପ୍ରତ୍ୟେକ ଯୁଦ୍ଧ ଯୋଗୁଁ ଧନଜନ ଉଭୟ କ୍ଷତିଗ୍ରସ୍ତ ହେଇଥାଏ । ଗୋଟିଏ ରିପୋର୍ଟ ଅନୁସାରେ, ଏହି ଯୁଦ୍ଧରେ ପ୍ରାୟ ୨,୪୦୦ ଆମେରିକୀୟ ସୈନ୍ୟ ଏବଂ ୭୦,୦୦୦ ଆଫଗାନିସ୍ତାନ ସୈନିକ ଓ ପୋଲିସ କର୍ମଚାରୀ ପ୍ରାଣ ହରାଇଛନ୍ତି । ଯଦିଓ କୌଣସି ଠୋସ୍ ତଥ୍ୟ ବା ପ୍ରମାଣ ନାହିଁ, ସାଧାରଣ ନାଗରିକଙ୍କ ମୃତ୍ୟୁ ଅଧିକ ହେଇଛି ବୋଲି ଅନୁମାନ କରାଯାଏ । ତାଲିବାନ ସମେତ ପ୍ରାୟ ୧ ଲକ୍ଷରୁ ୧.୫ ଲକ୍ଷ ଲୋକଙ୍କ ମୃତ୍ୟୁ ହେଇଛି ବୋଲି ଆକଳନ କରାଯାଏ । କହିବା ବାହୁଲ୍ୟ ଯେ ସାଧାରଣ ଆଫଗାନିସ୍ତାନ ନାଗରିକଙ୍କ ପାଇଁ ଏହା ଏକ ଦୁଃଖଦ ଅନୁଭୂତି, ଯେଉଁମାନେ ପ୍ରାୟ ଚାରି ଦଶନ୍ଧି ଧରି ବହୁ କଷ୍ଟରେ ଏବଂ ଅଶାନ୍ତିରେ ଜୀବନ କାଟୁଛନ୍ତି । ତାଲିବାନର ପ୍ରତ୍ୟାବର୍ତ୍ତନ ଦ୍ୱାରା ଦେଶରେ ଦ୍ୱନ୍ଦ୍ୱ ଓ ବିବାଦ ସମାପ୍ତ ହେଲା ସତ୍ୟ, କିନ୍ତୁ ଦେଶ ଏବେ ଅନେକ ସମସ୍ୟା ମଧ୍ୟରେ ଏବଂ ସେଥିମଧ୍ୟରୁ ଗୋଟିଏ ମୁଖ୍ୟ କଥା ହେଇଛି, ମହିଳାମାନଙ୍କ ସ୍ୱାଧୀନତା । ମହିଳାଙ୍କ ପାଇଁ ପାଠପଢ଼ିବାର ଅଧିକାର ନାହିଁ କହିଲେ ଚଳେ । ଦୁର୍ଭାଗ୍ୟର ବିଷୟ ହେଉଛି, ଆମେରିକାର ପ୍ରସ୍ଥାନ ପରେ ଆମେରିକା ଏବଂ ଏହାର ପାଶ୍ଚାତ୍ୟ ସହଯୋଗୀମାନେ ଆଫଗାନିସ୍ତାନ ଉପରେ ପର୍ଯ୍ୟାପ୍ତ ଧ୍ୟାନ ଦେଇନାହାଁନ୍ତି । ତାଲିବାନ ସହିତ ସମ୍ପର୍କର ରୂପରେଖ କଣ ହେବ, ସେ ନେଇ ଦ୍ୱନ୍ଦ୍ୱ ରହିଛି । ବିଶ୍ୱ ତାଲିବାନ ଶାସନକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦେବ ବା ନାହିଁ ଏବଂ ଯଦି ଦେବ, କେବେ ? ୧୯୮୯ରେ, ସୋଭିଏତ ୟୁନିଅନ, ଆଫଗାନିସ୍ତାନରେ ୧୦ ବର୍ଷ ଯୁଦ୍ଧ କରିବା ପରେ ଫେରିଥିଲେ କିନ୍ତୁ ଦେଶକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ଛାଡ଼ିଦେଇ ଯାଇଥିଲେ । ଆଫଗାନିସ୍ତାନରେ ସୋଭିଏତ୍‌କୁ ପରାସ୍ତ କରିବାର ଉଦ୍ଦେଶ୍ୟ ପୂରଣ କରିବା ପରେ ଆମେରିକା ଫେରି ଯାଇଥିଲା ଏବଂ ଅଲ-କାଏଦା ଆକ୍ରମଣ ପରେ ୨୦୦୧ରେ ପୁଣି ଫେରିଲା, ଯାହାର ନେତା ଓସାମା ବିନ୍ ଲାଦେନ ଆଫଗାନିସ୍ତାନରେ ରହୁଥିଲା । ଆଫଗାନିସ୍ତାନରେ ଆମେରିକାର ସଶସ୍ତ୍ର ପୁନଃ ପ୍ରବେଶକୁ ଆତଙ୍କବାଦ ବିରୋଧରେ ଏକ ନିର୍ଣ୍ଣାୟକ ଯୁଦ୍ଧର ଅଂଶ ବୋଲି କୁହାଯାଉଥିଲା । ପରେ ପରେ କିନ୍ତୁ ଆମେରିକାର ଇରାକ ସହ ୨୦୦୩ରେ ଯୁଦ୍ଧ ଆରମ୍ଭ ହେଇଗଲା ଏବଂ ଆମେରିକା ଇରାକ ଯୁଦ୍ଧରେ ଅଧିକରୁ ଅଧିକ ମନୋନିବେଶ କରିବାକୁ ଲାଗିଲା ଏବଂ ଆଫଗାନିସ୍ତାନ ଅବହେଳାର ଶିକାର ହେଲା । ଲକ୍ଷ୍ୟ ପୂରଣ ସମ୍ଭବ ହେଲାନାହିଁ ଏବଂ ପରିଶେଷରେ, ସୋଭିଏତ୍ ପରି, ତାଲିବାନ ସହିତ ଶାନ୍ତି ଚୁକ୍ତିନାମାରେ ଆନୁଷ୍ଠାନିକ ଭାବେ ବୁଝାମଣା କରିବା ପରେ ଆମେରିକାକୁ ୨୦୨୧ ମସିହାରେ ଆଫଗାନିସ୍ତାନ ଛାଡିବାକୁ ପଡିଲା । ସେହି ତାଲିବାନ ଯାହାଙ୍କୁ ଆମେରିକା ଆଫଗାନିସ୍ତାନରୁ ଘଉଡ଼ାଇ ଦେଇଥିଲା, ତାଙ୍କ ସହିତ ଚୁକ୍ତି କରି ତାଙ୍କୁ ପୁଣି ଆଣିଲା । ଆଫଗାନିସ୍ତାନରୁ ଆମେରିକାର ହଠାତ୍ ବିଦାୟ ଅନେକଙ୍କୁ ଆଶ୍ଚର୍ଯ୍ୟ କଲା । ଯାହାବି ହେଉ, ଆଫଗାନିସ୍ତାନରେ ତାଲିବାନ ଶାସନ କରୁଛି, କିନ୍ତୁ ଅନ୍ତର୍ଜାତୀୟ ସମୁଦାୟ ତାଲିବାନ ଶାସନକୁ କୂଟନୈତିକ ସ୍ତରରେ ଗ୍ରହଣ କରିପାରୁନାହାନ୍ତି । ଅନୌପଚାରିକ ଭାବରେ ତାଲିବାନ ଆନ୍ତର୍ଜାତୀୟ ସ୍ତରରେ କେତେକ ସ୍ଥାନରେ ପହଞ୍ଚି ପାରିଛି ଏବଂ ଆନ୍ତର୍ଜାତୀୟ ସମୁଦାୟ ଦ୍ୱାରା ଆନୁଷ୍ଠାନିକ ମାନ୍ୟତା ପାଇବାକୁ ଆଶାବାଦୀ ରହିଛି । ତାଲିବାନର କେତେକ ଶାସନ ନୀତି ବିଶ୍ୱ ସମୁଦାୟ ଗ୍ରହଣ କରିପାରୁନାହାନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମହିଳାଙ୍କ ଅଧିକାର ଯାହା ଏଠାରେ ନାହିଁ ଏବଂ ତାଲିବାନ ସରକାର ଏହି ନୀତିରେ ପରିବର୍ତ୍ତନ ଆଣିବାକୁ ଚାହୁଁନାହାନ୍ତି ମଧ୍ୟ । ୧୨ ବର୍ଷରୁ ଅଧିକ ବୟସର ଝିଅମାନଙ୍କୁ ବିଦ୍ୟାଳୟରେ ଅଧ୍ୟୟନ ପାଇଁ ଦିଆଯାଉନାହିଁ । ଏହା ସବୁଠାରୁ ବଡ ଦୁଃଖର କଥା । ସାରା ବିଶ୍ୱ ନାରୀ ସଶକ୍ତିକରଣ କଥା ଚିନ୍ତା କରୁଥିବାବେଳେ, ତାଲିବାନ ଶାସନର ଏ ପ୍ରକାରର ମାନସିକତାକୁ ସାରା ବିଶ୍ୱ ଘୃଣା କରୁଛନ୍ତି ଏବଂ କରିବା ଉଚିତ ମଧ୍ୟ । ଆମେରିକାର ଆଫଗାନିସ୍ତାନ ରହଣି ସମୟରେ, ହମିଦ କରଜାଇ ଏବଂ ଆଶ୍ରାଫ ଘାନିଙ୍କ ସମର୍ଥିତ ସରକାରଙ୍କ କାର୍ଯ୍ୟକାଳ ସମୟରେ ଆଫଗାନିସ୍ତାନ ମହିଳାମାନେ ମୌଳିକ ଅଧିକାର ଉପଭୋଗ କରୁଥିଲେ । ଆଜି ସେଠାରେ ପ୍ରାୟ ୧ ନିୟୁତ ଆଫଗାନିସ୍ତାନ ଝିଅ ଅଛନ୍ତି ଯେଉଁମାନଙ୍କୁ ସ୍କୁଲ ଯିବା ନେଇ ଅନୁମତି ନାହିଁ । ତାଲିବାନର ଯୁକ୍ତି ଅନୁସାରେ,ଝିଅ ଶିକ୍ଷା ଉପରେ ବର୍ତ୍ତମାନର ନିଷେଧାଦେଶ ଏହାର ଶାରିଆର ବ୍ୟାଖ୍ୟା ଉପରେ ଆଧାରିତ । ଆନ୍ତର୍ଜାତୀୟ ସମାଲୋଚନାର ସମ୍ମୁଖୀନ ହୋଇ ତାଲିବାନ ଯୁକ୍ତି କରନ୍ତି ଯେ ସେମାନେ ଝିଅମାନଙ୍କ ପାଇଁ ଏକ ଉପଯୁକ୍ତ ଇସଲାମିକ ପାଠ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି । ଏହାର ବାସ୍ତବତା କେତେ, ତାହା ବିଚାରଯୋଗ୍ୟ । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ତାଲିବାନ ଏକ ସଂଗଠନ ଭାବରେ ନେତା ଏବଂ କ୍ୟାଡରଙ୍କୁ ନେଇ ଗଠିତ, ଯେଉଁମାନେ ଏକ ରକ୍ଷଣଶୀଳ ଭାବନାରେ ତାଲିମପ୍ରାପ୍ତ । ତେଣୁ ତାଲିବାନର ଶୀର୍ଷ ନେତୃତ୍ୱ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା କଷ୍ଟକର । ତେବେ, କେତେକ ତଥ୍ୟ ଅନୁସାରେ, ସେମାନେ ନିଜକୁ ବାହ୍ୟ ଜଗତ ସହିତ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଚାହାଁନ୍ତି ନାହିଁ । ହୁଏତ ଧୀରେ ଧୀରେ ସେମାନେ ତାଙ୍କର ଚିନ୍ତାଧାରାରେ ପରିବର୍ତ୍ତନ ଆଣି ପାରନ୍ତି । ଦୀର୍ଘ ବର୍ଷର ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ, ଉତ୍ତମ ଶାସନର ଅନୁପସ୍ଥିତି ଏବଂ ଅନେକ ଅବାଞ୍ଛିତ ସମସ୍ୟା ଆଫଗାନିସ୍ତାନକୁ ବିଶ୍ୱ ସମ୍ମୁଖରେ ନିନ୍ଦିତ କରିଛି ଏବଂ ସାମାଜିକ ଜୀବନଯାତ୍ରା ମଧ୍ୟ ବ୍ୟାହତ ହେଇଛି । ଆଫଗାନିସ୍ତାନରେ ପରିବର୍ତ୍ତନ ଆଣିବା, ସାମାଜିକ ବ୍ୟବସ୍ଥାକୁ ସଜାଡ଼ିବା ଏବଂ ଅର୍ଥନୀତିକୁ ଦୃଢ କରିବାକୁ ହେଲେ, ଅନ୍ତର୍ଜାତୀୟ ସମୁଦାୟଙ୍କ ସହଯୋଗ ଦରକାର । ତାଲିବାନକୁ ମଧ୍ୟ ଏହାର ଅଭିମୁଖ୍ୟର ପରିବର୍ତ୍ତନ ଆଣିବା ଦରକାର । ଆଫଗାନିସ୍ତାନର ଆର୍ଥିକ ସାମର୍ଥ୍ୟ ଅଛି, କିନ୍ତୁ ଅଭିବୃଦ୍ଧି ପାଇଁ ଏହା ବାହ୍ୟ ସହାୟତା ଆବଶ୍ୟକ କରେ । ବିଶ୍ୱ ବ୍ୟାଙ୍କର ତଥ୍ୟ ଅନୁଯାୟୀ, ଆଫଗାନିସ୍ତାନ ୨୦୧୧ ରେ ୬.୭୫ ବିଲିୟନ ଡ଼ଲାର ସହାୟତା ପାଇଥିଲା, ଯାହା ୨୦୨୧ ରେ ୪.୬୬ ବିଲିୟନ ଡ଼ଲାରକୁ ହ୍ରାସ ପାଇଥିଲା, ଯେଉଁ ବର୍ଷ ଆମେରିକା ଏହି ଦେଶରେ ହସ୍ତକ୍ଷେପ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା । ଏକ ଚିନ୍ତା ଥିଲା ଯେ ୨୦୨୧ ପରେ, ସହାୟତା ଆହୁରି ହ୍ରାସ ହୋଇପାରେ ୨୦୨୧ ମସିହାରେ, ଆଫଗାନିସ୍ତାନର ଦୁଇ ତୃତୀୟାଂଶରୁ ଅଧିକ ଲୋକ ଆନ୍ତର୍ଜାତୀୟ ସହାୟତା ଆବଶ୍ୟକ କରୁଥିଲେ । ଆଜି ବି ସମାନ ଅବସ୍ଥା ରହିଛି ଏବଂ ପ୍ରାୟ ୨୩ ନିୟୁତ ଲୋକ କୌଣସି ପ୍ରକାରର ସମର୍ଥନ ବିନା ଉପଯୁକ୍ତ ଜୀବନଯାପନ କରିପାରିବେ ନାହିଁ । ସୌଭାଗ୍ୟବଶତଃ ଆନ୍ତର୍ଜାତୀୟ ସହାୟତା ଏଜେନ୍ସିମାନେ ଆଫଗାନିସ୍ତାନକୁ ସହଯୋଗ କରିଚାଲିଛନ୍ତି ଅଗଷ୍ଟ ୨୦୨୧ ରୁ ସେପ୍ଟେମ୍ବର ୨୦୨୩ ପର୍ଯ୍ୟନ୍ତ ୬.୯ ବିଲିୟନ ଡ଼ଲାର୍ ସହାୟତା ପ୍ରଦାନ କରିଛନ୍ତି । ସହାୟତା ଉପରେ ସବୁବେଳେ ନିର୍ଭର କଲେ ହେବନାହିଁ, ଦେଶର ବିକାଶକୁ ତ୍ୱରାନ୍ୱିତ କରି, ଦ୍ୱନ୍ଦ୍ୱ, ବିବାଦ ଓ ହିଂସା ଠାରୁ ଦୂରରେ ରହି ଅନ୍ୟ ଦେଶ ସହ ସମ୍ପର୍କ ବଢାଇବାକୁ ପଡିବ ଏବଂ ଆଫଗାନିସ୍ତାନକୁ ଦୀର୍ଘସ୍ଥାୟୀ ଆର୍ଥିକ ସ୍ଥିରତା ପାଇଁ ନିଜର ଶିଳ୍ପ ଭିତ୍ତିଭୂମି ବିକାଶ କରିବାକୁ ପଡିବ, ଯେଉଁଥିପାଇଁ ଖଣିଜ ସମ୍ପଦର ଅଭାବ ନାହିଁ । କେବଳ ତାଲିବାନ ସରକାର ନିଜର ଅଭିମୁଖ୍ୟର ପରିବର୍ତ୍ତନ ଆଣିବା ଦରକାର ଏବଂ ବାହ୍ୟ ଦେଶର ସମର୍ଥନ ପାଇବା ପାଇଁ ଚେଷ୍ଟା କରିବା ଦରକାର । ଅନ୍ୟପକ୍ଷରେ ବିଶ୍ୱ ସମୂହ, ତାଲିବାନକୁ ଅସହଯୋଗ କରିବାର କିଛି ମାନେ ନାହିଁ । ମାନବିକତା ଦୃଷ୍ଟିକୋଣରୁ, ଏହାର ଶାସନକୁ ସରକାରୀ ସ୍ୱୀକୃତି ଦେବା ବିଷୟରେ ଚିନ୍ତା କରିବାର ସମୟ ଆସିଛି । ବିଶ୍ୱ ସମୁଦାୟ ତାଲିବାନ ଶାସନକୁ ଗ୍ରହଣ ନ କରିବା ଦ୍ୱାରା, ସାଧାରଣ ଜନତା କଷ୍ଟ ପାଉଛନ୍ତି । ଜଣେ ଆଫଗାନିସ୍ତାନ ନାଗରିକ ପାଇଁ ଭିସା ପାଇବା କଷ୍ଟକର ହେଇପଡୁଛି । ଏ ସମୟରେ, ମାନବିକତା ଦୃଷ୍ଟିକୋଣରୁ, ବିଶ୍ୱ ଆଫଗାନିସ୍ତାନର ବିକାଶ ପାଇଁ ଆଗେଇ ଆସିବା ଆବଶ୍ୟକ, ଯାହା ଆଫଗାନିସ୍ତାନର ନାଗରିକଙ୍କୁ ପୂର୍ଣ୍ଣ ବିକାଶ ପାଇଁ ସହଯୋଗ ଦେବା ସହ ଦେଶର ଆର୍ଥନୀତିକୁ ଗଢିବାରେ ସହାୟକ ହେବ । ବିଶେଷ ଭାବରେ, ଭାରତ ଆଫଗାନିସ୍ତାନର ପୁନର୍ଗଠନରେ ନେତୃତ୍ୱ ନେବାର ଆବଶ୍ୟକତା ରହିଛି । ସାଂସ୍କୃତିକ ଓ ଐତିହାସିକ ଦୃଷ୍ଟିକୋଣରୁ, ଦୁଇ ଦେଶର ସମ୍ପର୍କ ଖୁବ ଦୃଢ । ବିପଦ ସମୟରେ, ଭାରତ ସହାୟତାର ହାତ ବଢାଇବାର ଅନେକ ଉଦାହରଣ ରହିଛି । ତେଣୁ ଆଫଗାନିସ୍ତାନ ପୁନର୍ଗଠନରେ ଭାରତର ନେତୃତ୍ୱ ଆଫଗାନିସ୍ତାନ ନାଗରିକଙ୍କ ପାଇଁ ଗ୍ରହଣୀୟ ମଧ୍ୟ ହେବ । କିନ୍ତୁ, ତାଲିବାନ ଶାସନ ବାସ୍ତବିକତାକୁ ହୃଦୟଙ୍ଗମ କରି ନିଜର ଆଭିମୁଖ୍ୟ ଓ ନୀତିରେ ପରିବର୍ତ୍ତନ ଆଣିବା ଆବଶ୍ୟକ ।

# ଓଡ଼ିଆ ଅସ୍ମିତାର ପର୍ବ ‘ଓଡ଼ିଆ ନବବର୍ଷ’

## ଚିତ୍ତରଞ୍ଜନ ପୃଷ୍ଟି

ପୁଣ୍ୟଭୂମି ଭାରତରେ ଓଡ଼ିଶା ମହାନ ସଂସ୍କୃତି ଓ ପରମ୍ପରାର ଦେବଭୂମି ରୂପେ ପ୍ରସିଦ୍ଧ । ଜଗନ୍ନାଥ ସଂସ୍କୃତିକୁ ନେଇ ଓଡ଼ିଆମାନେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି । ବର୍ଷର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପର୍ବ ପାଳନ କରି ଓଡ଼ିଆମାନେ ନିଜର ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିଥାନ୍ତି । ମାନବ ଜୀବନ ସର୍ବଦା କର୍ମମୟ । ଏହି କର୍ମମୟ ଜୀବନ ଭିତରେ ମଣିଷ ଚାହେଁ କ୍ଳାନ୍ତିର ଲାଘବ ଓ ଶାନ୍ତି । ଏହି ଉଦ୍ଦେଶ୍ୟରେ ସୃଷ୍ଟି କରାଯାଇଛି ପର୍ବପର୍ବାଣି । ପର୍ବପର୍ବାଣିଗୁଡିକ ଆମପାଇଁ ଆଣିଦିଏ ଅବସର ଓ ଉପଭୋଗର ସୁଯୋଗ । ପର୍ବ ଓଡ଼ିଆ ସଂସ୍କୃତି,ପରମ୍ପରା ତଥା ଓଡ଼ିଆ ଅସ୍ମିତାର ପରିଚୟ ଅଟେ ।

ଉତ୍କଳୀୟ ପରମ୍ପରା ଅନୁସାରେ ଓଡ଼ିଆମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି । ତନ୍ମଧ୍ୟରୁ ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ଅନ୍ୟତମ । ପଣା ସଂକ୍ରାନ୍ତି (ମହାବିଷୁବ ସଂକ୍ରାନ୍ତି)କୁ ଓଡ଼ିଆ ନବ ବର୍ଷ ଭାବରେ ପାଳନ କରାଯାଏ । ପଣା ସଂକ୍ରାନ୍ତିରେ ଅନ୍ୟ ନୂତନ ବର୍ଷ ଭଳି ଏକ ପୁରୁଣା ବର୍ଷକୁ ବିଦାୟଦେଇ ନୂତନ ବର୍ଷକୁ ସ୍ୱାଗତ କରାଯାଇଥାଏ । ଏହା ସାଧାରଣତଃ ଅପ୍ରେଲ ୧୪ ତାରିଖ ବୈଶାଖ ମାସ ପ୍ରଥମ ଦିନରେ ପଡ଼ିଥାଏ । ଏହି ଦିନଠାରୁ ବସନ୍ତ ଋତୁ ଶେଷ ଓ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥାଏ । ବୈଶାଖ ମାସ (ଏପ୍ରିଲ-ମେ)ର ସଂକ୍ରାନ୍ତିକୁ ମେଷ ସଂକ୍ରାନ୍ତି କୁହାଯାଏ । ପୃଥିବୀର କ୍ରାନ୍ତି ପଥକୁ ୧୨ ଭାଗ ବା ୧୨ ମାସ କିମ୍ବା ୧୨ ରାଶିରେ ବିଭକ୍ତ କରାଯାଇଥାଏ । ଏଣୁ ବୈଶାଖ ମାସ ବା ମେଷ ସଂକ୍ରାନ୍ତିଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ । ଏହିଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଥିବାରୁ ଏହାକୁ ବିଷୁବ ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ । ଓଡ଼ିଆମାନେ ଏହିଦିନଟିକୁ ନବବର୍ଷ ଭାବେ ମଧ୍ୟ ପାଳନ କରିଥାଆନ୍ତି । ସୂର୍ଯ୍ୟଙ୍କର ଏକ ରାଶିରୁ ଅନ୍ୟରାଶି ଗମନକୁ ସଂକ୍ରାନ୍ତି କହନ୍ତି । ପ୍ରତି ଇଂରାଜୀ ମାସର ପ୍ରାୟ ୧୩ ତାରିଖଠାରୁ ୧୫ ତାରିଖ ମଧ୍ୟରେ ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ଏକ ରାଶିକୁ ଗମନ କରିବା ଯୋଗୁଁ ସୂର୍ଯ୍ୟଙ୍କର ସଂକ୍ରମଣ କ୍ରିୟା ବା ସଂକ୍ରାନ୍ତି ହୁଏ । ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଏ । ମହାବିଷୁବ ସଂକ୍ରାନ୍ତିର ପବିତ୍ର ଅବସର ଓଡ଼ିଆମାନଙ୍କ ଲାଗି ବର୍ଷର ପ୍ରଥମ ଦିନ । ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିର ମହତ୍ୱ ସ୍ୱତନ୍ତ୍ର । କାରଣ ଏହା ସହିତ ଯୋଡିହୋଇ ରହିଛି କଳା ,ସଂସ୍କୃତି ,ପରମ୍ପରା, ଚଳଣି ଓ ଆଞ୍ଚଳିକ ଧର୍ମ ଧାରଣା । ପୁରାଣ ଅନୁସାରେ ମହାବୀର ହନୁମାନ ବିଷୁବ ସଂକ୍ରାନ୍ତିରେ ଜନ୍ମଗ୍ରହଣ କରିଥିଲେ । ସେ ଦେବଦେବ ମହାଦେବଙ୍କ ପରମ ଭକ୍ତ । ତେଣୁ ହିନ୍ଦୁମାନଙ୍କ ପାଇଁ ଏହା ଏକ ଅତ୍ୟନ୍ତ ପବିତ୍ର ଦିବସ ଅଟେ । ଏହି ଦିବସକୁ ଓଡ଼ିଆମାନେ ହନୁମାନ ଜୟନ୍ତୀ ଭାବେ ମଧ୍ୟ ପାଳିଥାନ୍ତି । ଓଡ଼ିଆ ସଂସ୍କୃତି ଓ କାଳ ଗଣନାରେ ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ । ସେହିଭଳି ଜ୍ୟୋତିଷ ଗଣନା ଅନୁଯାୟୀ ଏହି ଦିନକୁ ମେଷ ସଂକ୍ରାନ୍ତି ବୋଲି କୁହାଯାଏ । ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ପଣାସଂକ୍ରାନ୍ତି । ଏହିଦିନଠାରୁ ୧ ମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି । ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ପଣାସଂକ୍ରାନ୍ତିରୁ ପ୍ରଚଳନ ହୋଇଥାଏ ।

ପୁରାଣ ଅନୁଯାୟୀ, ମହାବିଷୁବ ସଂକ୍ରାନ୍ତି ବେଶ ଗୁରୁତ୍ୱପୂର୍ଣ୍ଣ । ଏହିଦିନ ଜଳବାୟୁରେ ଏକ ପରିବର୍ତ୍ତନ ହୋଇଥାଏ । ସୂର୍ଯ୍ୟ ମଧ୍ୟଭାଗକୁ ଚାଲି ଆସିଥାନ୍ତି । ଏହିଦିନ ସୂର୍ଯ୍ୟ ବିଷୁବରେଖାରେ ଅବସ୍ଥାନ କରିଥାନ୍ତି । ସୂର୍ଯ୍ୟଙ୍କ ପ୍ରବଳ ତାପମାତ୍ରା ଯୋଗୁ ପ୍ରଭୁ ବିଷ୍ଣୁଙ୍କ ପ୍ରିୟ ତୁଳସୀ ମୂଳରେ ପଣା ଅର୍ପଣ କରାଯାଇଥାଏ । ଘରେ ଏଥିପାଇଁ ଛତୁଆ, କଦଳୀ, ନଡ଼ିଆ, ଛେନା, ଆମ୍ବ ଆଦିରେ ସ୍ୱତନ୍ତ୍ର ପଣା ପ୍ରସ୍ତୁତ କରାଯାଇଥାଏ । ଏହି ଦିନରେ ଓଡ଼ିଆଣୀମାନେ ଅଗଣାରେ ଥିବା ତୁଳସୀ ଚଉରା ଉପରେ ଏକ ଛାମୁଣ୍ଡିଆ କରି ଏକ ପଣାଭର୍ତ୍ତି ଛୋଟ ଠେକି ରଖିଥାନ୍ତି । ଏହା ତଳେ ଏକ ଛୋଟ ଛିଦ୍ର ଥାଏ । ଉକ୍ତ ଛିଦ୍ର ଦେଇ ପାଣି ତୁଳସୀ ଗଛରେ ପଡ଼ିଥାଏ । ମାନ୍ୟତା ରହିଛିକି ଗ୍ରୀଷ୍ମ ଦାଉରୁ ତୁଳସୀଙ୍କୁ ରକ୍ଷା କରିବା ପାଇଁ ଏହି ଛୋଟ ଟୋପା ଟୋପା ଜଳ ବର୍ଷାର ଅନୁଭୂତି ଆଣିଦେଇଥାଏ । ଏହି ଦିନଟିକୁ ମଧ୍ୟ ଓଡ଼ିଆ ନବବର୍ଷ ଭାବରେ ପାଳନ କରାଯାଏ । ଏହି ଦିନଠାରୁ ସୂର୍ଯ୍ୟ କିରଣ ବୃଦ୍ଧି ପାଇବା ସହ ଶରୀରରେ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । ଦେହର ଅତ୍ୟଧିକ ତାପ ଶକ୍ତି ସମ ଅବସ୍ଥାକୁ ଆଣିବା ପାଇଁ ପଣା ପାନର ବ୍ୟବସ୍ଥା ମଧ୍ୟ କରାଯାଏ । ଏହି ଦିନ ପେଟକୁ ଥଣ୍ଡା ରଖିବା ପାଇଁ ପାରମ୍ପରିକ ଭାବେ ଥଣ୍ଡା ପାନୀୟର ଶୁଭାରମ୍ଭ ହୋଇଥାଏ । ସେଥିପାଇଁ ଏହାକୁ ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ । ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବାଦେବୀ ମନ୍ଦିରମାନଙ୍କରେ ପଣା ଭୋଗର ବିଧି ରହିଛି । ଏହି ଦିନ ସାହିପଡ଼ିଶା, ବନ୍ଧୁବାନ୍ଧବମାନଙ୍କୁ ପଣା ଦିଆଯାଏ । ତେଣୁ ଏହି ଦିନକୁ ପଣାସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ । କ୍ଷୀର,ଦହି ,ନଡ଼ିଆ, ବେଲ, ମିଶ୍ରି ପ୍ରଭୃତିରେ ପ୍ରସ୍ତୁତ ସ୍ୱାଦିଷ୍ଟ ପଣା ପ୍ରସାଦ ରୂପେ ଦେବାଦେବୀଙ୍କ ନିକଟରେ ସମର୍ପଣ କରାଯାଏ । ପଣା ସଂକ୍ରାନ୍ତିଠାରୁ ରାସ୍ତାକଡ଼ରେ ପଥିକମାନଙ୍କର ତୃଷ୍ଣା ନିବାରଣ ପାଇଁ ଜଳଛତ୍ରମାନ ଖୋଲାଯାଏ । ଏହା ସହିତ ବୃକ୍ଷମୂଳରେ ଜଳଦାନର ପ୍ରଥା ଆମ ସମାଜରେ ପ୍ରଚଳିତ । ଏହି ସଂକ୍ରାନ୍ତି ପରଠାରୁ ବୃକ୍ଷ ଜଗତ ଏବଂ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳ ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ ।

ପଣା ସଂକ୍ରାନ୍ତି ପରଠାରୁ ବାୟୁର ଗତି ମଧ୍ୟ ପ୍ରଖର ହୁଏ । ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷାପାଇବା ପାଇଁ ଏହି ସମୟରେ ହନୁମାନ ଜୟନ୍ତୀ ପାଳନ କରାଯାଏ । ଏହିଦିନ ପବିତ୍ର ଝାମୁ ବ୍ରତର ଉଦ୍ୟାପନ କରାଯାଏ । ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯା । ବ୍ରତ ଉଦ୍ୟାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି । ଓଡ଼ିଶାର ଅନେକ ଅଞ୍ଚଳରେ ଏହି ବ୍ରତ ଉପଲକ୍ଷେ ଯାତ୍ରା ହୁଏ । ଦଣ୍ଡନାଚ ଏକ ପ୍ରାଚୀନ ଓ ପାରମ୍ପରିକ ନାଚ । ମାନସିକ ପୂରଣ ପାଇଁ ସାଧାରଣତଃ ଏହା କରାଯାଏ । ରୋଗବଇରାଗ ନିବାରଣ, ପାରିବାରିକ କଷ୍ଟ ଦୂରୀକରଣ, କୃଷିର ଉନ୍ନତି ବା ମନୋକାମନା ପୂର୍ତ୍ତିର ଫଳ ସ୍ୱରୂପ ଶରୀରକୁ କଷ୍ଟ ଦେଇ ମା’ ଦଣ୍ଡକାଳୀ ଓ ରୁଦ୍ର ମହାଦେବଙ୍କୁ ଧ୍ୟାନ କରି ଚୈତ୍ରମାସ ପୂର୍ଣ୍ଣିମା ପରଠାରୁ ଭକ୍ତମାନେ ରହିଥାନ୍ତି । ପୌରାଣିକ, କୃଷିଭିତ୍ତିକ ଏବଂ ସାଧାରଣ ଜୀବନ ଦର୍ଶନର ପ୍ରଭାବ ଦଣ୍ଡନାଚରେ ଦେଖିବାକୁ ମିଳିଥାଏ । ବିଷୁବ ସଂକ୍ରାନ୍ତି ଦିନ ଦଣ୍ଡନାଚ ଶେଷ ହୁଏ । ଓଡ଼ିଶାରେ ଗଞ୍ଜାମ ଜିଲ୍ଲାରେ ଦଣ୍ଡଯାତ୍ରା ଖୁବ୍ ପ୍ରସିଦ୍ଧ । ନୂତନ ଆଶା, ସୁଯୋଗ ଏବଂ ସଂକଳ୍ପ ସହିତ ଓଡିଶାର ଲୋକମାନେ ଏହି ପର୍ବରେ ଅଂଶଗ୍ରହଣ କରନ୍ତି, ପାଳନ କରନ୍ତି ଏବଂ ନୂତନ ବର୍ଷର ଆଗମନକୁ ଉପଭୋଗ କରନ୍ତି ।

ବର୍ତ୍ତମାନ ଯୁଗ ବଦଳିବା ସହ ଆଜିର ପିଢ଼ି ଇଂରାଜୀ ନବବର୍ଷ ପାଳନ କରୁଛନ୍ତି । ଫଳରେ ଆମେ ଆମ ଓଡ଼ିଆ ନବ ବର୍ଷକୁ ଭୁଲିଯାଉଛେ । ତେଣୁ ଆମ ଭିତରେ ଥିବା ଏହି ରୁଗଣ ମାନସିକତାକୁ ବଦଳାଇ ସଂସ୍କୃତିର ଯେଉଁ ମହାନ କିମ୍ବଦନ୍ତୀ ରହିଛି, ତାହାକୁ ମାନି ଓଡ଼ିଆ ନବବର୍ଷ ପାଳନ କରିବା ଦରକାର । ପ୍ରଥମେ ନିଜକୁ ଓଡ଼ିଆ ବୋଲି ଗର୍ବ କରିବା ଉଚିତ । ଆମ ସଂସ୍କୃତିକୁ ଭୁଲିଯିବା ନାହିଁ । ଓଡ଼ିଆ ଯେ ଆମ ଆତ୍ମା ଓ ମାଟିର ଭାଷା ଏହା ସବୁବେଳେ ଧ୍ୟାନ ରଖିବା ଉଚିତ । ଜାତିର ଅସ୍ତିତ୍ୱକୁ ବଜାୟ ରଖିଲେ, ନୂତନ ପିଢ଼ି ମଧ୍ୟ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ମାନ ରଖିପାରିବେ ।

ଓଡ଼ିଆ ନବବର୍ଷ ଆମ ଅସ୍ମିତା ଓ ସ୍ୱାଭିମାନର ପର୍ବ । ପର୍ବପର୍ବାଣି ମଣିଷ ଜୀବନରେ ଶ୍ରଦ୍ଧା,ସ୍ନେହ ଓ ପ୍ରେମର ଆବେଗ ସୃଷ୍ଟି କରିଥାଏ । ସମାଜ ସହିତ ପର୍ବପର୍ବାଣି ସଂଶ୍ଲିଷ୍ଟ ଥିବାରୁ ସାମାଜିକ ଜୀବନକୁ ଏହା ବହୁ ଭାବରେ ପ୍ରଭାବିତ କରିଥାଏ । ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ପର୍ବପର୍ବାଣିର ଅବଦାନ ଯଥେଷ୍ଟ । ପର୍ବ ଓଡ଼ିଶାର ଗର୍ବ । ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ପରିଚୟ ତା’ର ପର୍ବପର୍ବାଣିରେ ନିହିତ । ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା ଓ ବନ୍ଧୁତାର ବିକାଶ ତଥା ସଂସ୍କୃତି ଓ ପରମ୍ପରାର ସୁରକ୍ଷା କରିବା ସହିତ ଓଡ଼ିଆ ଭାଷା ଓ ଜାତିର ସ୍ୱାଭିମାନକୁ ବଜାୟ ରଖିବା ଏହି ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେବା ବାଞ୍ଛନୀୟ ।

ନିମାପଡା,ପୁରୀ
ମୋ-୯୭୭୮୧୭୭୫୦୧

# ଜଙ୍ଗଲ ଓ ଜଳବାୟୁ ସମସ୍ୟା

## ଇଂ ସତ୍ୟନାରାୟଣ ମାଝୀ

ବନ ହେଉଛି ଏକ ପ୍ରକାର ଧନ,ବନରୁ ଜଙ୍ଗଲ । ପ୍ରକୃତିର ତିନିଗୋଟି ପ୍ରମୁଖ ଉପାଦାନ ଜଳ,ଜମି ଓ ଜଙ୍ଗଲ ମଧ୍ୟରୁ ଜଙ୍ଗଲର ଭୂମିକା ପୃଥିବୀ ପୃଷ୍ଠରେ ଶତ ପ୍ରତିଶତ ରହିଛି । ଯଦି ପୃଥିବୀର ସବୁ ଜଙ୍ଗଲକୁ ଧ୍ୱଂସ କରିଦିଆଯାଏ, ତେବେ ଧ୍ୱଂସ ହେବାର କିଛି ଘଣ୍ଟା ମଧ୍ୟରେ ଜୀବଜଗତ ଠପ୍ ହୋଇଯିବ ବୋଲି ଅନୁମାନ କରାଯାଇଛି । ବିଶ୍ୱର ଭାରସାମ୍ୟ ରକ୍ଷା ଲାଗି ସୃଷ୍ଟିର କର୍ତ୍ତା ସଜେଇଛନ୍ତି ସବୁଜ ପର୍ବତମାଳା,ନଦୀ,ହ୍ରଦ ଇତ୍ୟାଦି । ଆମେ ଶରୀର ଭିତରକୁ ଗ୍ରହଣ କରୁଥିବା ଅମ୍ଳଜାନର ଗନ୍ତାଘର ଜଙ୍ଗଲ । ଅମ୍ଳଜାନ ଅଛି ବୋଲି ଜୀବନ ସମ୍ଭବ ହୋଇଛି । ସେଇ ଅମ୍ଳଜାନ ଲାଗି ଘନ ବନାନୀର ଆବଶ୍ୟକତା ନିତାନ୍ତ ଜରୁରୀ । ଆମ ଭାରତ ବର୍ଷର ସଂସ୍କୃତି ଓ ପରମ୍ପରା ସରଂକ୍ଷଣକୁ ପଛକୁ ଠେଲି ଦେଉଛୁ । ପୂର୍ବ ପୁରୁଷମାନେ ମାଟି, ବୃକ୍ଷଲତା, ଜଳ ଓ ପର୍ବତ ଆଦିକୁ ପୂଜା କରୁଥିଲେ ।

ପୃଥିବୀର ଜଙ୍ଗଲ ଆମ ଗ୍ରହରେ ଜୀବନର ପ୍ରାୟ ପ୍ରତ୍ୟେକ ଦିଗର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଗଠନ କରିଥାଏ ।

ଜଙ୍ଗଲ ହେଉଛି ଏମିତି ଏକ ପରିସଂସ୍ଥା ଯେଉଁଠାରେ ସମୃଦ୍ଧ ଜୈବ ବିବିଧତା ବୃଦ୍ଧି ପାଇ ୬୦୦୦୦ ବିଭିନ୍ନ ବୃକ୍ଷ ପ୍ରଜାତି, ୮୦ ପ୍ରତିଶତ ଉଭୟଚର ପ୍ରଜାତି, ୭୫ ପ୍ରତିଶତ ପକ୍ଷୀ ପ୍ରଜାତି ଏବଂ ବିଶ୍ୱର ସ୍ତନ୍ୟପାୟୀ ପ୍ରଜାତିର ୬୮ ପ୍ରତିଶତ ବାସ କରନ୍ତି । ଯେପରିକି ବିଶ୍ୱର ବୃଷ୍ଟିପାତର ଢାଞ୍ଚାଗୁଡ଼ିକୁ ନିୟନ୍ତ୍ରଣ କରିବା, ଜଳ ଉତ୍ସକୁ ସୁରକ୍ଷିତ ରଖିବା, ବନ୍ୟା ଏବଂ ମୃତ୍ତିକା କ୍ଷୟକୁ ରୋକିବାରେ ସାହାଯ୍ୟ କରିଥାଏ । ଏଥିସହ ଜଙ୍ଗଲ ସମଗ୍ର ବିଶ୍ୱର ଅନେକ ସମ୍ପ୍ରଦାୟ ପାଇଁ ଅର୍ଥନୈତିକ, ପରିବେଶ ଏବଂ ସାମାଜିକ ସଂସ୍କୃତିର କଲ୍ୟାଣକାରୀ ହୋଇ ରହିଆସିଛି । ପ୍ରାୟ ଶହେ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ଲାଗି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଙ୍ଗଲ ଆଜି ବି ଜୀବିକା ପ୍ରଦାନ କରିଚାଲିଛି । ଜଙ୍ଗଲ ବିଶୁଦ୍ଧ ଜଳ, ଖାଦ୍ୟ ଏବଂ ଔଷଧର ସୁବିଧା ଯୋଗାଇଥାଏ । ଜଳବାୟୁ ବିପର୍ଯ୍ୟୟର ଆଶଙ୍କା ହ୍ରାସ କରିଥାଏ । ଅଧିକନ୍ତୁ ସୁସ୍ଥ ଜଙ୍ଗଲ ମଣିଷ ଏବଂ ବନ୍ୟଜନ୍ତୁ ମଧ୍ୟରେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରେ ଏବଂ ଜୁନୋଟିକ୍ ସଂକ୍ରାମକ ରୋଗର ବିସ୍ତାରକୁ ସୀମିତ କରେ ।

ଏଥି ସହିତ ପ୍ରାୟ ୭୦ ନିୟୁତ ଆଦିବାସୀ ଜଙ୍ଗଲକୁ ନିଜ ଘର ବୋଲି ମନେ କରି ଏବେ ବି ଜଙ୍ଗଲରେ ବାସ କରନ୍ତି । ସେମାନଙ୍କର ପ୍ରାଥମିକ ତଦାରଖକାରୀ ତଥା ଅଭିଭାବକ ଭାବରେ କାର୍ଯ୍ୟ କରନ୍ତି । ସେମାନଙ୍କ ପାଇଁ ଜଙ୍ଗଲର ସ୍ୱାସ୍ଥ୍ୟ ହେଉଛି ବଞ୍ଚିବାର ରାହା ହୋଇ ଆସିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜଙ୍ଗଲର ସଂରକ୍ଷଣ, ନିରନ୍ତର ପରିଚାଳନା ଏବଂ ପୁନରୁଦ୍ଧାରକୁ ସୁନିଶ୍ଚିତ କରିବା ମନୁଷ୍ୟ ତଥା ଧରିତ୍ରୀ ପାଇଁ ବହୁତ ଲାଭଦାୟକ ଅଟେ ।

ସୁସ୍ଥ ଜଙ୍ଗଲ ଅଙ୍ଗାରକାମ୍ଳକୁ ଶୋଷଣ କରିଥାଏ ଏବଂ ସଂରକ୍ଷଣ କରନ୍ତି । ଆକଳନରୁ ଜଣାପଡିଛି ଯେ ୨୦୦୧ରୁ ୨୦୧୯ମଧ୍ୟରେ ସର୍ବଭାରତୀୟ ସ୍ତରରେ ଜଙ୍ଗଲ ବର୍ଷକୁ ୭.୬ ବିଲିୟନ ମେଟ୍ରିକ୍ ଟନ୍ ଅଙ୍ଗାରକାମ୍ଳ ଗ୍ରହଣ କରିଥାଏ । ଜଳବାୟୁ ସଙ୍କଟର ଖରାପ ପ୍ରଭାବକୁ ଏଡାଇବାରେ ସାହାଯ୍ୟ କରିଥାଏ ।

ପ୍ରକୃତି-ଭିତ୍ତିକ ସମାଧାନ ମଧ୍ୟରୁ ଜଙ୍ଗଲ ହେଉଛି ଅନ୍ୟତମ ସମାଧାନ । ପ୍ରାକୃତିକ, ପୁନରୁଦ୍ଧାର ଏବଂ ସରଂକ୍ଷଣର ମୁଖ୍ୟ ଉଦାହରଣ ହେଉଛି ଜଙ୍ଗଲ ।

ଜଙ୍ଗଲ ନଷ୍ଟ ଏବଂ ଜଙ୍ଗଲର ଅବନତି ବର୍ତ୍ତମାନ ପରିସ୍ଥିତିକୁ ଅଧିକ ଖରାପ କରୁଥିବାରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଉଛି, ବନ୍ୟପ୍ରାଣୀ ଲୋପ ପାଇଗଲାଣି । ଜଙ୍ଗଲ ଅଦୃଶ୍ୟ ହେବା ସହିତ ଅଙ୍ଗାରକାମ୍ଳ ସଂରକ୍ଷଣ କ୍ଷମତା ନଷ୍ଟ ହୋଇଗଲାଣି । ଯାହାଫଳରେ ପୃଥିବୀପୃଷ୍ଠ ପ୍ରଭାବିତ ହେଉଛି ।

ଆମର ଜଙ୍ଗଲକୁ ସ୍ଥାୟୀ ଭାବରେ ପରିଚାଳନା କରିବା ପାଇଁ ଏକ ସାମଗ୍ରିକ ଉପାୟ ଅବଲମ୍ବନ କରିବା ଜଳବାୟୁ ପରିବର୍ତ୍ତନକୁ ପ୍ରଭାବଶାଳୀ ଭାବରେ ମୁକାବିଲା କରିବା ପାଇଁ ଏକ ପ୍ରମୁଖ ବିଷୟ ପାଲଟିଛି ।

ଯଦି ଆମେ ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ତାପନ ସୀମାକୁ ଭାଙ୍ଗିବାକୁ ଚାହୁଁଛୁ, ତେବେ ଜଙ୍ଗଲକୁ ସଂରକ୍ଷଣ, ପୁନରୁଦ୍ଧାର ଏବଂ ସ୍ଥାୟୀ ଭାବରେ ପରିଚାଳନା କରିବା ଆବଶ୍ୟକ । ପ୍ରକୃତିକୁ ସଜାଉଥିବା ଜଙ୍ଗଲ ଅବସ୍ଥା ବହୁ ସ୍ଥାନରେ ଆଜି ବି ଅବହେଳିତ ।

ଏକତାଲୀ,ଯଶିପୁର,ମୟୂରଭଞ୍ଜ
ମୋ-୯୪୩୮୫୩୭୦୧୩

# ଭକ୍ତକୁଳତିଳକ ଶ୍ରୀହନୁମାନ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ବିଭିନ୍ନ ଯୁଗର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋଚନା ଛଳରେ ପରମ ପ୍ରେମମୟ ଭଗବାନ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ସତ୍ୟଯୁଗର ଆଉ ଏକ ନାମ କୃତଯୁଗ ବା କ୍ରିୟାନ୍ୱିତ ଯୁଗ । ସକ୍ରିୟ ନ ହେଲେ ଅସ୍ତିତ୍ୱ ଦୀପ୍ତ ହୋଇଉଠେ ନାହିଁ । ସତ୍ୟଯୁଗ ମୋର ମନେହୁଏ ବଞ୍ଚିବା ଓ ବଢ଼ିବାର ଯୁଗ । ସତ୍ୟଯୁଗରେ ଧର୍ମ ଚାରିପାଦ ଅର୍ଥାତ୍ ଷୋଳଅଣା । ସତ୍ତା ସେତେବେଳେ ପୂର୍ଣ୍ଣତମ ତେଜରେ ଆଗେଇ ଚାଲେ । ବଞ୍ଚିବା ଓ ବଢ଼ିବାର ଅନ୍ତରାୟୀ ପ୍ରବୃତ୍ତିପରାୟଣତା ସେତେବେଳେ ସଂଯତ ଓ ସୁନିୟନ୍ତ୍ରିତ ।

ତ୍ରେତୟାରେ ଧର୍ମ ତିନିପାଦ ଓ ଅଧର୍ମ ଏକ ପାଦ । ସେତେବେଳେ ମଧ୍ୟ ବଞ୍ଚିବା ଓ ବଢ଼ିବାମୁଖୀ ଚଳନର ପ୍ରାଧାନ୍ୟ ରହିଛି । ଦ୍ୱାପରରେ ଧର୍ମ ଦୁଇପାଦ ଓ ଅଧର୍ମ ମଧ୍ୟ ଦୁଇପାଦ । ସତ୍ତା ଓ ପ୍ରବୃତ୍ତି ଦୁଇ ଦିଗରେ ମନୁଷ୍ୟର ସମାନ ଝୋଁକ୍ । ପ୍ରବୃତ୍ତିପରାମୃଷ୍ଟତା ଯୋଗୁଁ ସତ୍ତାର ଜ୍ୟୋତି କ୍ଷୀଣ ହୋଇଉଠେ । ଆଉ କଳିରେ ଅଧର୍ମ ତିନିପାଦ ଓ ଧର୍ମ ଏକପାଦ । ସତ୍ତାକୁ କ୍ଷୁର୍ଣ୍ଣ କରି ପ୍ରବୃତ୍ତି ଚରିତାର୍ଥତାର ଚାହିଦା ପ୍ରବଳ, ବିହିତ କରଣୀୟ ନକରି ମଧ୍ୟ ପାଇବା ଓ ଉପଭୋଗର ଦୁରନ୍ତ ଲାଳସା । ଯାହାର ନମୁନା ଚର୍ତୁଦିଗରେ ଦେଖାଯାଏ ।

ତ୍ରେତୟାରେ ନୟନାଭିରାମ ଶ୍ରୀରାମଚନ୍ଦ୍ରଙ୍କର ବେଷ୍ଟନୀ ଥିଲା ଅତ୍ୟନ୍ତ ସୁଦୃଢ଼ । ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି– ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପାଖରେ ପରମବୀର ହନୁମାନ, ଜାମ୍ବବାନ, ସୁଗ୍ରୀବ, ଅଙ୍ଗଦ, ନଳ, ନୀଳ ଓ ବିଭୀଷଣ ସମସ୍ତେ ମିଶି ଏକ ଶକ୍ତିଗୁଚ୍ଛ ହିସାବରେ ପ୍ରଭୁଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ । ହଜରତ୍ ରସୁଲଙ୍କର ମଧ୍ୟ ଏକ ଶକ୍ତିମାନ ଗୁଚ୍ଛ ଥିଲା ।

ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ସ୍ୱସ୍ତି ନିମିତ୍ତ ସମସ୍ତ କାର୍ଯ୍ୟ କରିଛନ୍ତି । ଏହା ହିଁ ତାଙ୍କର ଆତ୍ମପ୍ରସାଦ ଥିଲା ଓ ଏହା କରିବାକୁ ଯାଇ ତାଙ୍କର ଶକ୍ତି ଦିନକୁ ଦିନ ବଢ଼ି ଉଠିଥିଲା । ତାଙ୍କର ଇତର ଅହଂକାର ନଥିଲା । ଚାହିଁବା ଓ ପାଇବାର ପ୍ରଶ୍ନ ମଧ୍ୟ ନଥିଲା । ଏକମାତ୍ର ଚାହିଦା ଥିଲା ପ୍ରଭୁଙ୍କର ପରିପୂରଣ ଓ ଶାନ୍ତି । ଏଥିପାଇଁ ତାଙ୍କର ଶକ୍ତିର ପରିସର ଦିନକୁ ଦିନ ବଢ଼ି ଉଠିଥିଲା । ଧର୍ମ ଯେଉଁଠାରେ ସେଠାରେ ବୀର୍ଯ୍ୟ, ଯଶ ଓ ଐଶ୍ୱର୍ଯ୍ୟ । ଭକ୍ତି କେତେବେଳେ ହେଲେ ମନୁଷ୍ୟକୁ ଦୁର୍ବଳ କରେନାହିଁ ବରଂ ମନୁଷ୍ୟକୁ ଚିରପରାକ୍ରମଶୀଳ ଉର୍ଜୀ ଅନୁରାଗ ସଂପନ୍ନ ଭକ୍ତ କରି ଉଠାଏ ।

ଭକ୍ତ କେତେବେଳେ ହେଲେ ଇଷ୍ଟଙ୍କର ବୋଝ ହୋଇ ଉଠେନାହିଁ, ଗଳଗ୍ରହ ହୋଇ ଉଠେନାହିଁ ବରଂ ନିଜର ସମସ୍ତ ବଳ ଓ ପରାକ୍ରମ ଦେଇ ପ୍ରଭୁଙ୍କର ସେବା କରେ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପରମବୀର ହନୁମାନ । ଆମ୍ଭମାନଙ୍କୁ ପ୍ରଭୁ ରାମଚନ୍ଦ୍ରଙ୍କୁ ଅନୁସରଣ କରିବାକୁ ହେବ ହନୁମାନ ଭଳି ଭାବ ଓ ଭକ୍ତି ନେଇ । ହନୁମାନ ହେଉଛନ୍ତି ଭକ୍ତମାନଙ୍କର ରାଜା ।

ଦୈତ୍ୟରାଜ ରାବଣକୁ ଭଗବାନ ରାମ କ୍ଷମା କରିଦେଇଥିଲେ କିନ୍ତୁ ହନୁମାନ କ୍ଷମା କରିନାହାନ୍ତି । ଭକ୍ତି ସହକାରେ କହିଥିଲେ – ଆପଣଙ୍କ ଶତ୍ରୁକୁ ଆପଣ କ୍ଷମା କରିପାରନ୍ତି କିନ୍ତୁ ମୁଁ କ୍ଷମା କରିପାରିବି ନାହିଁ । ଏହା ହିଁ ହେଉଛି ସଚ୍ଚା ଅନୁରାଗର ନିଶାଣ । କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀଶ୍ରୀଠାକୁର କହିଲେ – ଆତ୍ମପ୍ରତିଷ୍ଠାର ନିର୍ବାଧ ପନ୍ଥା ହେଲା ଇଷ୍ଟ ପ୍ରତିଷ୍ଠା । ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ହେଲେ ଓ ନିଜେ ମଧ୍ୟ ଅମର ହେଲେ ।

ଭକ୍ତ ହନୁମାନ ଯୁଦ୍ଧ କରିଛନ୍ତି, ରାଜନୀତି କରିଛନ୍ତି, ଲଙ୍କାପୁରୀ ଜଳାଇ ଦେଇଛନ୍ତି କିନ୍ତୁ ସବୁକିଛି ପ୍ରଭୁ ରାମଚନ୍ଦ୍ରଙ୍କ ସେବା ଓ ପ୍ରୀତି ନିମିତ୍ତ ଉଦ୍ଦିଷ୍ଟ, ଆଉ ଏହା ପାଇଁ ତାଙ୍କ ମନରେ ଅହଂକାର ନାହିଁ ଏବଂ ପ୍ରଭୁଙ୍କର ଶକ୍ତିରେ ଶକ୍ତିମାନ ବୋଲି ତାଙ୍କର ହୃଦ୍‌ବୋଧ ଥିଲା । କୁଳମାଲିକ ପରବ୍ରହ୍ମ ଶ୍ରୀଶ୍ରୀଠାକୁର ପୁଣି କହିଛନ୍ତି – ଭକ୍ତବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କ ପାଖକୁ ଆସିଥିଲେ ତାଙ୍କର ବ୍ୟକ୍ତିଗତ କାମନା, ବାସନା ଓ ମନ୍ତ୍ରୀ ହେବା ପାଇଁ । କିନ୍ତୁ ପ୍ରଭୁଙ୍କର ଅପାର କୃପା ଓ ହନୁମାନଙ୍କର ଅହେତୁକ ଭକ୍ତି ଯୋଗୁଁ ସମସ୍ତ କାମନା ବାସନା ଭକ୍ତି ଅଗ୍ନିରେ ନିର୍ବାପିତ ହେଲା ଓ ଭକ୍ତକୁଳତିଳକ ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ ହିସାବରେ ପରିଗଣିତ ହେଲେ ।

ପ୍ରଭୁ ରାମଚନ୍ଦ୍ରଙ୍କୁ ସୁଖୀ କରିବା, ତାଙ୍କର ମୁହଁରେ ହସ ଫୁଟାଇବା, ତାଙ୍କ ଇଚ୍ଛା ପରିପୂରଣ କରିବା ଛଡ଼ା ଅନ୍ୟ କୌଣସି ଚାହିଦା ଭକ୍ତ ହନୁମାନଙ୍କର ନଥିଲା । ଏହି ପଥରେ ଆତ୍ମ ନିୟନ୍ତ୍ରଣ, ଭଗବାନ ଲାଭ, ସୁଖ ଓ ଶାନ୍ତି, ଆନନ୍ଦ, ଜୟ, ଯଶ, ଐଶ୍ୱର୍ଯ୍ୟ, ସାଫଲ୍ୟ ଓ ସାର୍ଥକତା ସବୁକିଛି ହନୁମାନଙ୍କ କରତଳଗତ ହୋଇଉଠିଥିଲା ଓ ସେ ଅଷ୍ଟସିଦ୍ଧି ଓ ନବନିଧିର ଦାତା ହୋଇଉଠିଥିଲେ । କୁରୁକ୍ଷେତ୍ର ସମରରେ ଭଗବାନ କୃଷ୍ଣ ଭକ୍ତବୀର ଅର୍ଜୁନଙ୍କୁ ଗୀତାର ମାହାତ୍ମ୍ୟ ବୁଝାଇଥିବା ସମୟରେ ଭକ୍ତକୁଳତିଳକ ହନୁମାନ ସେହି ରଥର ଶିଖରରେ ବସିଥିଲେ ଓ ସେହିରଥକୁ କପିଧ୍ୱଜ କୁହାଯାଏ ।

ସହପ୍ରତିରଦ୍ଧିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ-୯୩୩୮୧୦୦୮୩୭

# ବିଜେଡ଼ିରେ ଯୋଗଦେଲେ କଂଗ୍ରେସ ନେତା ପ୍ରମୋଦ ହରିଚନ୍ଦନ




ଭୁବନେଶ୍ୱର (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଜଟଣୀ ନିର୍ବାଚନମଣ୍ଡଳୀର ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ପ୍ରମୋଦ ହରିଚନ୍ଦନଙ୍କ ସମେତ ଶତାଧିକ କଂଗ୍ରେସ ଓ ବିଜେପି କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ଲୋକସଭାର ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ବିଜେଡି ସମ୍ପାଦକ ପ୍ରଦୀପ ସାହୁ ଓ ବିଜେଡି ଜିଲ୍ଲା ଉପସଭାପତି ବିପିନ ଜୟସିଂହଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା କଂଗ୍ରେସ ନେତା ପ୍ରମୋଦ ହରିଚନ୍ଦନ ଏବଂ ଶତାଧିକ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ମଙ୍ଗରାଜ, ଶ୍ରୀ ବଳବନ୍ତରାୟ, ଶ୍ରୀ ରାଉତରାୟ, ଶ୍ରୀ ସାହୁ ଓ ଶ୍ରୀ ଜୟସିଂହ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । କଂଗ୍ରେସ ଓ ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ଜଟଣୀ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବବୋଲି ଶ୍ରୀ ମଙ୍ଗରାଜ, ଶ୍ରୀ ବଳବନ୍ତରାୟ, ଶ୍ରୀ ରାଉତରାୟ, ଶ୍ରୀ ସାହୁ ଓ ଶ୍ରୀ ଜୟସିଂହ କହିଥିଲେ।

ଏହି ମିଶ୍ରଣ ସାମାଜିକ କର୍ମୀ ସରୋଜ କୁମାର ବଳିୟାରସିଂହ, ଜଟଣୀ ମ୍ୟୁନିସପାଲଟିର କଂଗ୍ରେସ କାଉନ ସିଲର ଇତିଶ୍ରୀ ଦାସ, ଅନୀତା ମହାପାତ୍ର, କୃଷ୍ଣଚନ୍ଦ୍ର ନାୟକ, ସରପଞ୍ଚ କୌଶଲ୍ୟା ବଳିୟାର ସିଂହ, ପୂର୍ବତନ କାଉନସିଲର ସୌମେନ୍ଦ୍ର ପଟ୍ଟନାୟକ, ସାଂସଦଙ୍କ ଜଟଣୀ ବ୍ଲକ ପ୍ରତିନିଧି ରବି ନାରାୟଣ ସ୍ୱାଇଁ, ବିଜେପି ନେତା ପ୍ରଶାନ୍ତ କୁମାର ଦାସ, ଯୁବ କଂଗ୍ରେସ ନେତା ବିଜୟ କେତନ ମଙ୍ଗରାଜ, ପୂର୍ବତନ ସରପଞ୍ଚ ବାବାଜୀ ମଙ୍ଗରାଜ, ବିଜେପି ଯୁବନେତା ମନେଶ ସେଠୀ, ଲକ୍ଷ୍ମୀଧର ସାହୁ, ଦ୍ୱାରିକା ଛୋଟରାୟ, ମହମ୍ମଦ ଇସକ୍, ଏସ୍‌କେକୋରବାର, ବିଟୁମହେଶ, ସୁଶାନ୍ତ କୁମାର ନାଏକ, ଭାରତୀ ଭୂଷଣ ମିଶ୍ର, ଏନ୍.ଜଗନ୍ନାଥ ରାଓ, ଦିଲ୍ଲୀପ ବିଶ୍ୱାଳ, ମହେଶ୍ୱର ଦାସ ଓ ମୁନ୍ନା ବାରିକଙ୍କ ସହ ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାରେ ବିଜେଡି ନେତୃତ୍ୱ ନେବାକୁ ବଳ କଷାକଷି

ନୀଳଗିରି(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ନେତୃତ୍ୱ କିଏ ନେବ ସେ ନେଇ ବଳ କଷାକଷି ଆରମ୍ଭ ହୋଇଛି । ନୀଳଗିରି ବଣସୀମା ଆରବନ୍ଧ ପଞ୍ଚାୟତରେ ଶୁକ୍ରବାର ଦିନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଏକ ମାରାଥନ ସମ୍ମିଳନୀ କରିଛନ୍ତି । ଏହି ଅବସରକେର ହଜାର ହଜାର ମହିଳାଙ୍କ ସମେତ ପଞ୍ଚାୟତବାସୀ ସୁକାନ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ବେଳେ ନେତୃତ୍ୱ ନେବାକୁ ଯେଉଁ ବିରୋଧି ପ୍ରଶ୍ନ ଉଠାଇଛନ୍ତି ଆଜିର ଏତେ ସଂଖ୍ୟକ ଜନତା ପ୍ରମାଣ କରିଦେଇଛନ୍ତି ଯେ କିଏ ଆଗକୁ ବିଜେଡ଼ିର ଦାୟିତ୍ୱ ନେବ । ଆଜିର ସମ୍ମିଳନୀରେ ବିଧାୟକ ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ଅଞ୍ଚଳର ବିକାଶ କଥା ପ୍ରକାଶ କରିଥିଲେ । ସେ କହିଥିଲେ ଯେ ଆଗକୁ ମୋତେ ଆଶିର୍ବାଦ କଲେ ବିକାଶ ଦ୍ୱିଗୁଣିତ ହେବ ଏହି କାର୍ଯ୍ୟକ୍ରମରେ ଆରବନ୍ଧ ସରପଞ୍ଚ କୁଳମଣି ନାୟକ ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ ସମିତି ସଭ୍ୟା ବିନୀତା ମଢେଇ , ପୂର୍ବତନ ସରପଞ୍ଚ ତନୁଜା ନାୟକ ପ୍ରମୁଖ ମଂଚାସୀନ ଥିଲେ ।

# ନବମ ଗୋରାଚାନ୍ଦ ପଟ୍ଟନାୟକ ଆଇନ ଆଲୋଚନାଚକ୍ର




ଭୁବନେଶ୍ୱର(ସବ୍ୟୁ): ଗୋରାଚାନ୍ଦ ପଟ୍ଟନାୟକ ସ୍ମୃତି ପରିଷଦ ପକ୍ଷରୁ ନବମ ବାର୍ଷିକ ଆଇନ ଆଲୋଚନାଚକ୍ର ଶୁକ୍ରବାର ସନ୍ଧ୍ୟାରେ ଭଞ୍ଜକଳାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ 'ଓକିଲ ସଂଘ' ଏବଂ ନ୍ୟାୟାଧିଶ-ନ୍ୟାୟପାଳିକା' ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧିଶ ଡ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଅଭିଭାଷଣ ରଖିଥିଲେ । 'ଓକିଲ ସଂଘ' ଏବଂ ନ୍ୟାୟାଧିଶ-ନ୍ୟାୟପାଳିକା' ଦୁଇଟି ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଡ. ଷଡ଼ଙ୍ଗୀ ମତ ରଖିଥିଲେ । ଏହି ଆଇନ୍ ଆଲୋଚନାଚକ୍ରକୁ ଓଡ଼ିଶା ଓକିଲ ସଂଘର ଅଧ୍ୟକ୍ଷ ଶିତାଂଶୁ ମୋହନ ଦ୍ୱିବେଦୀ ଉଦଘାଟନ କରିଥିଲେ ।

ପରିଷଦର ଅଧ୍ୟକ୍ଷ ଜଗନ୍ନାଥ ଦାଶ ଗୋରାଚାନ୍ଦ ପଟ୍ଟନାୟକ ବାର୍ଷିକ ସ୍ମୃତି ପାଠ କରିଥିଲେ । ଏହି ଅବସରରେ ପରିଷଦ ପକ୍ଷରୁ ବିଶିଷ୍ଟ ଓକିଲଙ୍କୁ ସମ୍ମାନିତ କରାଯାଇଥିଲା । ଓକିଲ ଜାହିଦୁର ରହେମାନ, ସଂଗ୍ରାମ କେଶରୀ ପ୍ରଧାନ ଏବଂ ଜ୍ୟୋସ୍ନାମୟୀ ମହାନ୍ତିଙ୍କୁ ସମ୍ମାନୀତ କରାଯାଇଥିଲା । ଓକିଲ ସଂଘର ସଦସ୍ୟ ଭାବେ ସମାଜ ପ୍ରତି ନିଃସ୍ୱାର୍ଥପର ସେବା ଏବଂ ନ୍ୟାୟ ବ୍ୟବସ୍ଥାର ସଚ୍ଚୋଟତା ପରିପ୍ରେକ୍ଷୀରେ ଗୋରାଚାନ୍ଦ ପଟ୍ଟନାୟକ ସ୍ମୃତି ପରିଷଦ ପକ୍ଷରୁ ଉପସ୍ଥିତି ଅତିଥିଙ୍କୁ କୃତଜ୍ଞତା ଜଣାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ଦୌରାଜଜ ଅଦାଲତର ବିଚାରପତି, କର୍ମଚାରୀ ଓ ଭୁବନେଶ୍ୱର ଓକିଲ ସଂଘର ବରିଷ୍ଠ ଆଇନଜୀବୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପିଏନ୍‌ବି ସମ୍ବଲପୁର ମଣ୍ଡଳ ପକ୍ଷରୁ ୧୩୦ତମ ପ୍ରତିଷ୍ଠା ଦିବସ

ଭୁବନଶ୍ୱର (ସବ୍ୟୁ) : ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ୧୩୦ତମ ପ୍ରତିଷ୍ଠା ଦିବସ ଚଳିତ ମାସ ୧୨ ତାରିଖ ଦିନ ପାଳିତ ହୋଇଯାଇଛି। ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ମଣ୍ଡଳ କାର୍ଯ୍ୟାଳୟର ଗ୍ରାହକ ଓ ବ୍ୟାଙ୍କରୁ ଅବସର ନେଇଥିବା କର୍ମଚାରୀଙ୍କ ଗହଣରେ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ସ୍ୱାଧିନତା ସଂଗ୍ରାମୀ ସ୍ୱ ଲାଲା ଲାଜପତ ରାଏଙ୍କ ଉଦ୍ୟମରେ ୧୮୯୫ ମସିହାରେ ପ୍ରଥମ ସ୍ୱଦେଶୀ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା। ବ୍ୟାଙ୍କର ସିଏସ୍ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ କୁଶଲି ପ୍ରାଥମିକ ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ଡିଜିଟାଲ ଶିକ୍ଷାକୁ ବଢାଇବା ପାଇଁ ଏକ କମ୍ପ୍ୟୁଟର ପ୍ରଦାନ କରାଯାଇଥିବା ସହ ସିବିଏସ୍ ଜିଲ୍ଲା ସ୍କୁଲର ପିଲାମାନଙ୍କୁ ଏକ ୱାଟର କୁଲର ପ୍ରଦାନ କରାଯାଇଥିଲା। ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ପୃଥ୍ୱୀରାଜ ମିଶ୍ର, ସନ୍ତୋଷ ଦାଶ, ଲମ୍ବୋଦର ମିଶ୍ର ଓ ଅନ୍ୟମାନେ ବ୍ୟାଙ୍କର ୧୩୦ ବର୍ଷର ଯାତ୍ରା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବ୍ୟାଙ୍କର ଗ୍ରାହକ ଶୁଭମ ଶର୍ମା, ଗୌତମ ଶଂଖୋଲିଆ ଓ ଅନ୍ୟ ଗ୍ରାହକମାନେ ବ୍ୟାଙ୍କ ସହ ସେମାନଙ୍କର ଦୀର୍ଘ ଦିନର ସୁ-ଅଭିଜ୍ଞତାକୁ ପ୍ରକାଶ କରିଥିଲେ। ଶେଷରେ ପାର୍ଥ ସାରଥୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ



ଧର୍ମଶାଳା,( ସ ବ୍ୟୁ): ଧର୍ମଶାଳା ବିଜେଡି ପକ୍ଷରୁ ଜାରକାସ୍ଥିତ କାର୍ଯ୍ୟାଳୟରେ ଆଜି ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ୩୪ନଂ ଜୋନ୍ ର ବାରବାଟି ଗ୍ରାମ ପଂଚାୟତର ଅନ୍ୟଦଳର ବହୁ କର୍ମୀ ବିଧିବଦ୍ଧ ଭାବେ ଆଜି ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବାରବାଟି ଗ୍ରାମ ପଂଚାୟତ ର ବିଜେପି କର୍ମୀ ସଞ୍ଜୟ କୁମାର ରାଉତ, ପ୍ରଶନ୍ନ ଦେବତା, ପ୍ରକାଶ ରାଉତ, ବାଦଲ ମଳିକ, ଟୁକୁନା ମଳିକ, ଅନନ୍ତ ମଳିକ, ଲୋକନାଥ ମଳିକ, ରଞ୍ଜନ ମଳିକ, ହରିହର ମଳିକ, କୁନେର ସାମଲ, ରଶିଆ ମଳିକ ଓ ମିଞ୍ଚା ମଳିକ ପ୍ରମୁଖ ବହୁ କର୍ମୀ ଆଜି ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ । ଦଳରେ ସାମିଲ ହୋଇଥିବା ଅନ୍ୟଦଳର କର୍ମୀମାନଙ୍କୁ ବିଧାୟକ ଶ୍ରୀ ବଳବନ୍ତରାୟ ଉତରୀୟ ଦେଇ ସ୍ୱାଗତ କରିଥିଲେ ।

# ମତଦାନ ବୃଦ୍ଧି ନିମନ୍ତେ ସ୍ୱିପ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା (ସବ୍ୟୁ): ଜିଲ୍ଲାରେ ଏକକ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଜିଲ୍ଲାରେ ଅଧିକରୁ ଅଧିକ ମତଦାତା ଯେଭଳି ଏହି ନିର୍ବାଚନରେ ଭାଗନେଇ ମତଦାନ କରିବେ ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ୱିପ (ସିଷ୍ଟମେଟିକ ଭୋଟର୍ସ ଏଜୁକେଶନ ଆଣ୍ଡ ଇଲୋକ୍ଟରାଲ ପାର୍ଟିସିପେଶନ) କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଅଭିଯାନକୁବ୍ୟାପକ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଏନେଇ ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଓସୱାନ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ ଯୋଗଦେଇ ଏଥିନିମନ୍ତେ ବିଏମସି ପକ୍ଷରୁ ସମସ୍ତ ସହଯୋଗ କରାଯିବା ସହ ସ୍ୱିପ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ବିଏମସି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ଲୋକସଭା ମଣ୍ଡଳୀ ଅନ୍ତର୍ଗତ ସହରାଂଚଳର ୩ଟି ବିଧାନସଭା କ୍ଷେତ୍ର ଭୁବନେଶ୍ୱର ଉତର, ଭୁବନେଶ୍ୱର ମଧ୍ୟ ଏବଂ ଭୁବନେଶ୍ୱର ଏକାମ୍ରରେ ମତଦାନ ହାର ୫୦ ପ୍ରତିଶତରୁ କମ ରହିଥିବାରୁ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବର ଲକ୍ଷ୍ୟ ରଖାଯାଇଛି । ପ୍ରତ୍ୟେକସ୍ତରରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ଦାୟିତ୍ୱ ବଂଟନ କରିଛନ୍ତି । ବୁଥସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ମତଦାନ କରିବାକୁ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷ କରି ଯୁବ ମତଦାତାମାନଙ୍କୁ ବିଏଲଓ ସଚେତନ କରିବା ଉପରେ ଗୁରୁତ୍ୱ ଦେବେ । ଏହାଦ୍ୱାରା ଅନ୍ୟମାନେ ଉତ୍ସାହିତ ହୋଇପାରିବେ । ସେହିଭଳି ରଙ୍ଗୋଲି, ନିର୍ବାଚନର ପର୍ବ ଆମଦେଶର ଗର୍ବ ଉପରେ ବିଭିନ୍ନ ପ୍ରତିଯୋଗିତା, ଭିଡିଓ ଓ ରେଡ଼ିଓ ବାର୍ତା, ହୋର୍ଡିଂ, ୱାଲ ପେଟିଂ, ମାରାଥନ, ଦସ୍ତଖତ ଅଭିଯାନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ ।

## ଜେଏସପି ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱରରେ

# ଦୃଷ୍ଟିହୀନଙ୍କ ପାଇଁ ଅତ୍ୟାଧୁନିକ ସହାୟକ ଉପକରଣ ଲାଇବ୍ରେରୀ ସ୍ଥାପନ

ଭୁବନେଶ୍ୱର (ସବ୍ୟୁ): ଦୃଷ୍ଟିବାଧିତ ବ୍ୟକ୍ତିମାନଙ୍କ ଜୀବନଧାରଣ ମାନଙ୍କୁ ଉନ୍ନତ କରିବା ନିମନ୍ତେ ସହାୟତା ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ଅନୁଷ୍ଠାନ ଜେଏସପି ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱରରେ ଏକ ଏକ ଅତ୍ୟାଧୁନିକ ସହାୟକ ଉପକରଣ ଲାଇବ୍ରେରୀ 'ଜିନ୍ଦଲ ଜ୍ଞାନ' ସ୍ଥାପନ କରାଯାଇଛି । ଗୁରୁବାର ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, (ଆଇଏଏସ୍) ଏହି ଲାଇବ୍ରେରୀକୁ ଉଦଘାଟନ କରିଥିଲେ । ଏହି ଅବସରରେ ଜେଏସପିର ପ୍ରେସିଡେଣ୍ଟ ତଥା ଗ୍ରୁପ ସିଏସ୍ଆର୍ ମୁଖ୍ୟ ପ୍ରଶାନ୍ତ ହୋତା, ଏସଭିନିରତାରର ପ୍ରୋସ୍ଥେଟିକ୍ସ ଓ ଅର୍ଥୋଟିକ୍ସ ବିଭାଗ ମୁଖ୍ୟ ପ୍ରଫେସର ଶ୍ରୀକାନ୍ତ ମହାରଣା, ଓଡ଼ିଶା ଆସୋସିଏସନ୍ ଅଫ୍ ଦି ବ୍ଲାଇଣ୍ଡର ସଭାପତି ସନ୍ୟାସୀ ବେହେରା ଏବଂ ୱିଫରୟୁର ସମ୍ପାଦକ ଅଭୟ ମହାନ୍ତ ଉପସ୍ଥିତ ଥିଲେ । ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରି ଦୃଷ୍ଟିହୀନ ଦିବ୍ୟାଙ୍ଗମାନଙ୍କୁ ଅତ୍ୟାଧୁନିକ ସହାୟକ ଉପକରଣ ଉପଲବ୍ଧ କରାଇ ସେମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିବା ଏହି ଲାଇବ୍ରେରୀ ଭୁବନେଶ୍ୱରର ଖଣ୍ଡଗିରିବାଡ଼ିଠାରେ ଅବସ୍ଥିତ । ସାମାଜିକ ଅନୁଷ୍ଠାନ ୱିଫରୟୁ ଚାରିଟେବଲ୍ ଟ୍ରଷ୍ଟ ଦ୍ୱାରା ଏହାର ପରିଚାଳନା କରାଯିବ । ଦୃଷ୍ଟିହୀନ ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ପାଇଁ ଜେଏସ୍ ପି ଫାଉଣ୍ଡେସନ୍ ଓ ୱିଫରୟୁର ଅଭିନବ ପ୍ରୟାସକୁ ବିଷ୍ଣୁପଦ ସେଠୀ ପ୍ରଶଂସା କରିଥିଲେ । ଦୃଷ୍ଟିହୀନ ବ୍ୟକ୍ତିମାନଙ୍କ ଦୈନନ୍ଦିନ କାର୍ଯ୍ୟରେ ସହାୟତା କରିବା ସହିତ ସେମାନଙ୍କ ଜୀବନରେ ବହୁତ ଉନ୍ନତି ଆଣିବାରେ ଏହି ଲାଇବ୍ରେରୀ ସାହାଯ୍ୟ କରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ ।




ଏହି ଅବସରରେ ପ୍ରଶାନ୍ତ ହୋତା କହିଥିଲେ, ଜେଏସପି ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ଦର୍ଶନ ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ସର୍ବଦା ଏକ ଅନ୍ତର୍ଭୁକ୍ତ ଭାରତ ଗଠନ ନିମନ୍ତେ ପ୍ରୟାସରତ । ଏହି ଲାଇବ୍ରେରୀ ଏ ଦିଗରେ ଆମର ଅନ୍ୟତମ ପ୍ରୟାସ । ଏହି ପାଠାଗାର ଭୁବନେଶ୍ୱରର ଦୃଷ୍ଟିହୀନ ବ୍ୟକ୍ତିଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଏକ ମଡେଲ ଭାବେ କାର୍ଯ୍ୟ କରିବ ବୋଲି ଆମେ ଆଶା କରୁଛୁ । ଉନ୍ନତ ଜ୍ଞାନକୌଶଳବ୍ୟବହାର କରି ଦୃଷ୍ଟିହୀନମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରୁଥିବା ଏହି ଲାଇବ୍ରେରୀରେ ୧୦୦ରୁ ଅଧିକ ଅତ୍ୟାଧୁନିକ ସହାୟକ ଉପକରଣ ରହିଛି । ସ୍ୱିଚ୍ ରେକଗ୍ନିସନ୍ ଡିଭାଇସ୍, ମୋବିଲିଟି ଏଡସ ଏବଂ ଯୋଗାଯୋଗ ଉପକରଣ ବିଭିନ୍ନ ଅତ୍ୟାଧୁନିକ ଉପକରଣଗୁଡିକୁ ଭାରତ ଏବଂ ବିଦେଶର ବିଭିନ୍ନ ଅଞ୍ଚଳରୁ ଅଣାଯାଇଛି । ଦୃଷ୍ଟିହୀନ ବ୍ୟକ୍ତିମାନେ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଦୈନନ୍ଦିନ ଆବଶ୍ୟକତା କ୍ଷେତ୍ରରେ ସହାୟତା ପାଇଁ ଏହି ଅତ୍ୟାଧୁନିକ ଉପକରଣ ଗୁଡିକୁ ବ୍ୟବହାର କରିପାରିବେ ।

## ବିଜେପିର ବୁଥ ବିଜୟ ଅଭିଯାନ

ନିମାପଡା(ସବ୍ୟୁ) ଭାରତୀୟ ଜନତା ପାର୍ଟିର ରାଜ୍ୟ ନେତୃତ୍ୱଙ୍କ ଆହ୍ୱାନ କ୍ରମେ ଆଜି ସ୍ଥାନୀୟ ରବିନ୍ଦ୍ର ମଣ୍ଡପରେ ଦଳର ବୁଥ ବିଜୟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟବକ୍ତା ଭାବେ ଜଗତସିଂହପୁର ଲୋକସଭା ପ୍ରାର୍ଥୀ ବିଭୁପ୍ରସାଦ ତରାଇ,ନିମାପଡା ବିଜେପି ବିଧାୟକ ପ୍ରାର୍ଥିନୀ ପ୍ରଭାତୀ ପରିଡା ଯୋଗଦେଇ ତୃଣମୂଳ ସ୍ତରରେ ଦଳର ସଂଗଠନକୁ ସୁଦୃଢ କରିବା ପରେ ବୁଥର୍ମକର୍ତ୍ତା ମାନଙ୍କୁ ଉପଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରାୟ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା,ବିଧାନସଭା ସଂଯୋଜକ ସୁଶାନ୍ତ କୁମାର ସ୍ୱାଇଁ,ଜଗତସିଂହପୁର ଲୋକସଭା ପ୍ରଭାରୀ ପବିତ୍ର ଦାସ,ବରିଷ୍ଠ ନେତା ବିଜୟ ପଣ୍ଡା,ନାରୀ ନେତ୍ରୀ ମୀନଳତା ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ । ଏଥିରେ ବିଜେପିର ସମସ୍ତ ନିର୍ବାଚିତ ସରପଂଚ, ସମିତିସଭ୍ୟ, ମଣ୍ଡଳସଭାପତି, ବୁଥ ଗୁଡିକର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ଭୁବନେଶ୍ୱରରେ ଡାଇକିନ ସେଣ୍ଟର ଅଫ ଏକ୍ସଲେନ୍ସ

# ଓଡ଼ିଶାରେ ୫୦% ଅଭିବୃଦ୍ଧି, ୨୦୦କୋଟି ରାଜସ୍ୱ ଆୟ ଲକ୍ଷ୍ୟ

ଭୁବନେଶ୍ୱର(ସବ୍ୟୁ) : ଡାଇକିନ ଏୟାରକଣ୍ଡିସନିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଡିଏଆଇପିଏଲ) ବହୁ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଓଡ଼ିଶା ବଜାର ପାଇଁ ଏକାଧିକ ନୂତନ ଏୟାର କଣ୍ଡିସନିଂ(ଏସି) ଉତ୍ପାଦର ବଜାର ପ୍ରବେଶ କରାଇଛି। ଡାଇକିନ ଓଡ଼ିଶାକୁ ଏକ ସମର୍ଥ ବଜାର ଭାବରେ ବିବେଚନା କରୁଛି, ତେଣୁ ଏହା ଏସି ବଜାରରେ ଆଧିପତ୍ୟ ବିସ୍ତାର କରିବା ଲକ୍ଷ୍ୟରେ ନିବେଶ ଜାରି ରଖିବ।

ଏହି ଅବସରରେ ଡାଇକିନ ଇଣ୍ଡିଆର ବରିଷ୍ଠ ଉପସଭାପତି ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୁଲଦୀପକ ବିରମଣି କହିଥିଲେ, ପୂର୍ବାଞ୍ଚଳ ବଜାର ଗତବର୍ଷ ୫୦%ରୁ ଅଧିକ ହାରରେ ଅଭିବୃଦ୍ଧି ହାସଲ କରିଛି । ଭାରତରେ ଡାଇକିନ ୨୦୨୫ ସୁଦ୍ଧା ୨୦୦୦ କୋଟି ଟଙ୍କାରେ ପହଞ୍ଚିବା ଅନୁମାନ କରୁଛି । ଯାହା ଆମକୁ ଏକାଧିକ ନୂତନ ଉତ୍ପାଦର ବଜାର ପ୍ରବେଶ କରାଇବା ଏବଂ ଆମ ଡିଲର ନେଟୱାର୍କ ବ୍ୟାପକ ଭାବରେ ସମ୍ପ୍ରସାରିତ କରିବାକୁ ପ୍ରେରିତ କରିଛି। ମଜଭୁତ ଭିତ୍ତିଭୂମି ଓ ବାସଗୃହ କ୍ଷେତ୍ରର ବିକାଶ ସହିତ ଆମେ ସ୍ମାର୍ଟ ଓ ଶକ୍ତି ସଞ୍ଚୟକାରୀ ଏୟାର କଣ୍ଡିସନିଂ ସମାଧାନର ବିପୁଳ ଚାହିଦା ଲକ୍ଷ୍ୟ କରୁଛୁ। ୨୦୨୪-୨୫ ଆର୍ଥିକ ବର୍ଷ ଶେଷସୁଦ୍ଧା ଓଡ଼ିଶାରେ ୨୦% ବଜାର ଅଂଶ ଦଖଲ କରିବାକୁ ସମଗ୍ର ଓଡ଼ିଶାରେ ଜୋରଦାର ମାର୍କେଟିଂ ଏବଂ ପ୍ରମୋସନ କ୍ଷେତ୍ରରେ ଆମେ ନିବେଶ ଯୋଜନା କରିଛୁ। ଶ୍ରୀସିଟି ଠାରେ ନୂତନ କାରଖାନାରୁ ବ୍ୟବସାୟିକ ଉତ୍ପାଦନ ଡାଇକିନ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇଛି । ଏହି କାରଖାନା କେବଳ ଆମର ଉତ୍ପାଦନ କ୍ଷମତା ବୃଦ୍ଧି କରିବ ନାହିଁ, ବରଂ ଏହି ଅଞ୍ଚଳରେ ଶକ୍ତି ସଞ୍ଚୟକାରୀ ଏବଂ ଦୀର୍ଘସ୍ଥାୟୀ ଏଚଭିଏସି ସମାଧାନର ଏକ ଅଗ୍ରଣୀ ଯୋଗାଣକାରୀ ଭାବରେ ଆମର ସ୍ଥିତି ସୁଦୃଢ଼ କରିବ। ଆମର ଡିଲରଙ୍କ ନେଟୱାର୍କ ଏବଂ କର୍ମଚାରୀଙ୍କର ଉଚ୍ଚମାନର ତାଲିମପ୍ରାପ୍ତ ସେବା ଏବଂ ରକ୍ଷଣାବେକ୍ଷଣକୁ ନେଇ ଗ୍ରାହକମାନଙ୍କୁ ସେବା ପ୍ରଦାନ ଲାଗି ଆମେ ପ୍ରତିବଦ୍ଧ । ବିଶ୍ୱର ୧ ନମ୍ବର ଏୟାର କଣ୍ଡିସନିଂ କମ୍ପାନୀ ଡାଇକିନ ସ୍କିଲ ଇଣ୍ଡିଆ ପ୍ରୟାସର ଅଂଶସ୍ୱରୂପ ଭୁବନେଶ୍ୱର ଇନଷ୍ଟିଚୁଟ ଅଫ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜିଏକ ଏୟାର-କଣ୍ଡିସନିଂ/ ଏଚଭିଏସି ଲ୍ୟାବ ସ୍ଥାପନ କରିଛି। ଡାଇକିନ ସେଣ୍ଟର ଅଫ ଏକ୍ସଲେନ୍ସ (ସିଓଇ) ନାମରେ ପରିଚିତ । ଏହି କେନ୍ଦ୍ରଗୁଡିକୁ ଅନ୍ୟ ପ୍ରତିଷ୍ଠାନଗୁଡିକୁ ସମ୍ପ୍ରସାରିତ କରାଯିବ । ଏୟାର କଣ୍ଡିସନିଂ




ତାଲିମକୁ ଆନ୍ତର୍ଜାତିକ ମାନକୁ ଉନ୍ନୀତ କରିବାକୁ ଏହି ସହଭାଗୀତା ଲକ୍ଷ୍ୟ ରଖୁଛି। ଏହି ପ୍ରୟାସ ଛାତ୍ରଛାତ୍ରୀଙ୍କ ସେମାନଙ୍କର କୁଶଳତାରେ ବୃଦ୍ଧି ଘଟାଇବା ଏବଂ ଏୟାର କଣ୍ଡିସନିଂ କ୍ଷେତ୍ରରେ ବିଶ୍ୱମାନର ତାଲିମ ହାସଲର ସୁଯୋଗ ନେବା ନିମନ୍ତେ ଏକ ମଞ୍ଚ ଯୋଗାଇ ଦେବ। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଶାଖାର ମ୍ୟାନେଜର(ପରିଚାଳନା) ସତ୍ୟକେତନ ମିଶ୍ର ଉପସ୍ଥିତ ଥିଲେ ।

## ଆମାଜନ୍ ଫ୍ୟାସନର ନୂଆ କ୍ୟାମ୍ପେନ୍ 'ଫ୍ୟାସନ୍ ଅନ୍ ଆମାଜନ, ହର ପଲ୍ ଫେଶନେବଲ୍'

ଭୁବନେଶ୍ୱର (ସବ୍ୟୁ) : ବଲିଉଡ୍ ତାରକା ଅନନ୍ୟା ପାଣ୍ଡେ ଏବଂ ଆଦିତ୍ୟ ରୟ କପୁରଙ୍କୁ ନେଇ ଆମାଜନ୍ ଫ୍ୟାସନ୍ ନିଜର ନୂଆ କ୍ୟାମ୍ପେନ୍ 'ଫ୍ୟାସନ୍ ଅନ୍ ଆମାଜନ, ହର ପଲ୍ ଫେଶନେବଲ୍'ର ଶୁଭାରମ୍ଭ କରିଛି । ଏହି ଅଭିଯାନରେ ଆମାଜନକୁ ପୋଷାକ, ଜୋତା, ଘଡ଼ି, ଆକ୍ସେସରିଜ୍ ଇତ୍ୟାଦିରେ ୱାନ-ଷ୍ଟପ୍ ଅନଲାଇନ୍ ଗନ୍ତବ୍ୟ ସ୍ଥଳ ଭାବରେ ଦର୍ଶାଯାଇଛି ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଲୁକ୍ କୁ ଉନ୍ନତ କରିବାରେ ସକ୍ଷମ କରେ, ଯେଉଁଥିରେ ଶୀର୍ଷ ବ୍ରାଣ୍ଡ୍ ର ପରାମର୍ଶ ସହିତ 'ଏହାକୁ ପିନ୍ଧିବା' ଏବଂ 'ସହଜ ରିଟର୍ଣ୍ଣ', 'ଫାଷ୍ଟ ଡେଲିଭରି', 'ନୋ ବେନିଫିନେଟ୍ ଫି' ଇତ୍ୟାଦି ସୁବିଧା ସୁବିଧା ରହିଛି। ଏହି ଅଭିଯାନ ମାଧ୍ୟମରେ ଆମାଜନ ଫ୍ୟାଶନ ଫ୍ୟାଶନ ଉତ୍ସାହୀମାନଙ୍କ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି, ଯାହାର ଲକ୍ଷ୍ୟ ଫ୍ୟାଶନକୁ ସହଜ କରିବା, ଫ୍ୟାସନକୁ ପୁନଃସଂକଳ୍ପିତ କରିବା ଏବଂ ସେମାନଙ୍କ ସପିଂ ଅନୁଭୂତିକୁ ଉନ୍ନତ କରିବା । ନିକଟରେ ଟିଭି, ଆଉଟଡୋର, ଡିଜିଟାଲ ଭିଡିଓ ଓ ସୋସିଆଲ ମିଡିଆରେ ଏହି ଅଭିଯାନ ଲାଇଭ୍ ହୋଇଥିଲା।

ଏହି ଅଭିଯାନ ଏକ ଷ୍ଟାଇଲିସ୍ ପୋଷାକକୁ ଏକାଠି କରିବା ଏବଂ ସମ୍ପୂର୍ଣ୍ଣ ଲୁକ୍ ପାଇଁ ସଠିକ୍ ମିଶ୍ରଣ ଖୋଜିବା ଉପରେ କେନ୍ଦ୍ରିତ। ଯେପରିକି ସନଗ୍ଲାସ, ଘଂଟା, ଜୋତା ଇତ୍ୟାଦି। ମହିଳାମାନେ ପ୍ରାୟତଃ ଦୈନନ୍ଦିନ ପୋଷାକକୁ ଆକସେସ୍ କରିବା ଏବଂ ସମନ୍ୱୟ କରିବା ଅଧିକ ଚ୍ୟାଲେଂ ମନେ କରନ୍ତି, ଯେତେବେଳେ ପୁରୁଷମାନେ ସମାନ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ବିଶେଷକରି ବାହାରକୁ ପୋଷାକ ପିନ୍ଧିବା ସମୟରେ କିମ୍ବା କାମ ପାଇଁ ଘରୁ ବାହାରିବା ସମୟରେ। ପ୍ରଥମ ଆଡ୍ ଫିଲ୍ମରେ ଅନନ୍ୟା ପାଣ୍ଡେ ସହଜରେ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଫ୍ୟାଶନେବଲ୍ ଲୁକ୍ ପ୍ରସ୍ତୁତ କରୁଥିବା ବେଳେ ଆଦିତ୍ୟ ରୟ କପୁର ଏହାକୁ ଏକ ସମୟସାପେକ୍ଷ କାର୍ଯ୍ୟ ଭାବରେ ଗ୍ରହଣ କରିଛନ୍ତି। ଦ୍ୱିତୀୟ ଆଡ୍ ଫିଲ୍ମରେ ଆଦିତ୍ୟ ରୟ କପୁର ବାହାରକୁ ଯିବାକୁ ପ୍ରସ୍ତୁତ ଥିବା ବେଳେ ଅନନ୍ୟା ଦର୍ଶାଇଛନ୍ତି ଯେ ସେ କେବଳ ଅଧାରେ ଅଛନ୍ତି ଏବଂ ତାଙ୍କୁ 'ୱେୟାର ଇଟ୍ ୱିଥ୍' ଫିଚର ମାଧ୍ୟମରେ ଘଡ଼ି ଏବଂ ଲୋଫର ଭଳି ପରିପୂରକ ଆକ୍ସେସରିଜ୍ ଖୋଜିବାରେ ସାହାଯ୍ୟ କରନ୍ତି ଯାହା ତାଙ୍କ ପୋଷାକକୁ ଏକ ଫ୍ୟାଶନେବଲ୍ ଲୁକରେ ପରିଣତ କରିଥାଏ । ଉଭୟ ଚଳଚ୍ଚିତ୍ରରେ ଆମାଜନ ଫ୍ୟାସନର ଠିକ୍ ସମୟରେ ଡେଲିଭରି, ସହଜ ରିଟର୍ଣ୍ଣ ଏବଂ କୌଣସି ସୁବିଧା ଶୁଳ୍କ ନଥିବା ଏବଂ ବ୍ୟାପକ ଚୟନ ଉପରେ ଆଲୋକପାତ କରାଯାଇଛି ଯାହା ତାଙ୍କ ପାଇଁ 'ହର ପଲ୍ ଫେଶନେବଲ୍' ହେବା ସମ୍ପୂର୍ଣ୍ଣ ସହଜ କରିଥାଏ । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଆମାଜନ ଫ୍ୟାସନକୁ ଫ୍ୟାଶନ ଉତ୍ସାହୀମାନଙ୍କ ପାଇଁ ୱାନ-ଷ୍ଟପ୍ ଅନଲାଇନ୍ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠା କରିବା।

## ୪୭ତମ ପ୍ରାଦେଶିକ ଚାରଣ ସମ୍ମିଳନୀ ଉଦ୍‌ଯାପିତ

# ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ କଥାମୃତ ଗୁରୁକୁଳମ୍

ଭୁବନେଶ୍ୱର, (ସବ୍ୟୁ): ଶ୍ରୀକ୍ଷେତ୍ର ବଡ଼ଦାଣ୍ଡ ସ୍ଥିତ ଝୁଡୁୱାଲା ଧର୍ମଶାଳାଠାରେ ମା ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ରଙ୍କ ମାର୍ଗଦର୍ଶନରେ ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଦ୍ୱାରା ତ୍ରିଦିବସୀୟ ଶ୍ରୀଜଗନ୍ନାଥ କଥାମୃତ ଗୁରୁକୁଳମ୍ - ୪୭ତମ ପ୍ରାଦେଶିକ ଚାରଣ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ଶ୍ରୀମନ୍ଦିର ସମ୍ମୁଖରେ ପ୍ରାତଃ ସମୟରେ ଉପଦଳପତି ଡକ୍ଟର ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ପ୍ରାୟ ଏକହଜାରରୁ ଉର୍ଦ୍ଧ୍ୱ ଚାରଣ ବିଷ୍ଣୁ ସହସ୍ରନାମ, ପଞ୍ଚଦଶ ଅଧ୍ୟାୟ ଶ୍ରୀମଦ୍ ଭଗବତ ଗୀତା, ହନୁମାନ ଚାଳିଶା ପାଠ କରିଥିଲେ । ଧ୍ୱଜାଧାରଣ ସହିତ ବିଭିନ୍ନ ଜିଲ୍ଲାରୁ ଆସିଥିବା ଚାରଣମାନେ ସଂକୀର୍ତ୍ତନ ସହିତ ଶ୍ରୀମନ୍ଦିର ପରିକ୍ରମା ସହିତ ବିଷ୍ଣୁ ସହସ୍ରନାମରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁଦର୍ଶନ ପୂଜାପଣ୍ଡା ସାମନ୍ତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମହାପ୍ରଭୁଙ୍କ ନିତିକାନ୍ତି ବିଷୟରେ ଆଲୋଚନା କରିଥିଲେ । ବରିଷ୍ଠ ଚାରଣ ପଣ୍ଡିତ ଗଣେଶ୍ୱର ପରିଡ଼ା, ବଂଶୀଧର ପରିଡ଼ା ଚାରଣର କର୍ତ୍ତବ୍ୟ ଓ ଶୃଙ୍ଖଳିତ ଜୀବନ କିପରି ମହାପ୍ରଭୁଙ୍କ ମାନବୀୟ ଲୀଳାରୁ ଶିକ୍ଷା କରିହେବ ସେ ବିଷୟରେ ଉପସ୍ଥିତ ଚାରଣମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲେ । ସନ୍ଧ୍ୟା ଉଦ୍‌ଯାପନୀ ମଞ୍ଚରେ ଭାଗବତ ପାଠ ପରେ ଅତିଥିମାନେ ମହାପ୍ରଭୁଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିରର ମା ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଚୈତନ୍ୟ ଆଇତୋଟା ମଠର ମଠାଧୀଶ ସ୍ୱାମୀ ଭକ୍ତିବିଜ୍ଞାନ ଅକିଞ୍ଚନ ମହାରାଜ, ଶ୍ରୀମନ୍ଦିରର ସେବାୟତ ରଘୁନାଥ ଦାସମହାପାତ୍ର, ଗଣେଶ




ଚନ୍ଦ୍ର ଦାସମହାପାତ୍ର, ବଳଭଦ୍ର ମହାପାତ୍ର, ମାଧବ ଚନ୍ଦ୍ର ପଣ୍ଡା, ଗଙ୍ଗାଧର ପ୍ରତିହାରୀ, ଗୋପବନ୍ଧୁ ଆଚାର୍ଯ୍ୟ, ଅମିତ ଦାସମହାପାତ୍ର ଆଦି ମଂଚରେ ଆଶୀର୍ବଚନ ପ୍ରଦାନ କରିଥିଲେ । ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ ଜୀବନ ଓ ଜଗନ୍ନାଥ ପ୍ରସଙ୍ଗରେ ଏବଂ ବିଶିଷ୍ଟ ଗବେଷକ ତଥା ପୌରୁଷର ସଂପାଦକ ଅସିତ ମହାନ୍ତି ଜଗନ୍ନାଥ ହିଁ କେବଳ ଆମ ମହାପ୍ରଭୁ ପ୍ରସଙ୍ଗରେ ଆଲୋଚନା କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତି ପ୍ରତିଭାମାନଙ୍କୁ ଶ୍ରୀ ଜଗନ୍ନାଥ ସେବା ସମ୍ମାନ ସ୍ୱରୂପ ଅଙ୍ଗବସ୍ତ୍ର ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ, ପ୍ରସନ୍ନ ନାୟକ, ବିଶିଷ୍ଟ ଚିକିତ୍ସକ ଡକ୍ଟର ପ୍ରଦୀପ କୁମାର ମହାନ୍ତି, ବସନ୍ତ ସେଠୀ, ବିଭୂତି ଭୂଷଣ ମଲ୍ଲିକ, ରାମଚନ୍ଦ୍ର ପ୍ରାଧାନୀ ଦେବବର୍ମା, ନିରଞ୍ଜନ ସାହୁ ଆଦିଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ରାଜ୍ୟ ଚାରଣ ସଂଗୋଷ୍ଠୀର ସାଂସ୍କୃତିକ ସଂପାଦକ ଡକ୍ଟର ଶୁଭେନ୍ଦୁ ସ୍ୱାଇଁ ପରିଚାଳନା କରିଥିବା ବେଳେ ବରିଷ୍ଠ ଚାରଣ ପଣ୍ଡିତ ବିଚିତ୍ରାନନ୍ଦ ଦାଶ, ଲିଙ୍ଗରାଜ ପତି, ଭଗବାନ ଶତପଥୀ, ବାସୁଦେବ ବେହେରା, ରବୀନ୍ଦ୍ର ରଣା, ନରହରି ସାହୁ, ସଞ୍ଜୟ କୁମାର ରାଉତ ଓ ଅରବିନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ୧୯ ଏପ୍ରିଲ୍‌ରେ ପ୍ରଥମ ପର୍ଯ୍ୟାୟ ଭୋଟ୍



**ନୂଆଦିଲ୍ଲୀ:** ଆସନ୍ତା ୧୯ ତାରିଖରେ ସାଧାରଣ ନିର୍ବାଚନ ଲାଗି ପ୍ରଥମ ମତଦାନ ଅନୁଷ୍ଠିତ ହେବ । ୨୧ ରାଜ୍ୟର ୧୦୨ ଲୋକସଭା ଆସନ ଲାଗି ଏହି ମତଦାନ ହେବ ଏବଂ ଏହା ସହ ଅରୁଣାଚଳ ଓ ସିକିମ୍‌ର ୯୨ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଭୋଟଗ୍ରହଣ କରାଯିବ । ଭୋଟ କାର୍ଯ୍ୟକୁ ସୁରୁଖୁରୁରେ ସମାପନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ୧୨୭ଜଣ ସାଧାରଣ ପର୍ଯ୍ୟବେକ୍ଷକ, ୬୭ ପୋଲିସ ପର୍ଯ୍ୟବେକ୍ଷକ ଓ ୧୬୭ଜଣ ବ୍ୟୟ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି ।

ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର, ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ସୁଖବୀର ସିଂ ସାନ୍ଧୁ ସମସ୍ତ ପର୍ଯ୍ୟବେକ୍ଷକଙ୍କୁ ମତଦାନ କେନ୍ଦ୍ରଗୁଡିକରେ ଭୋଟରଙ୍କ ଲାଗି ସମସ୍ତ ସୁବିଧା ସୁଯୋଗ କଡାକଡି ଭାବେ ସୁନିଶ୍ଚିତ କରିବାକୁ କହିଛନ୍ତି । ଖରା ଓ ଗରମର ମୁକାବିଲା ଉପରେ ଧ୍ୟାନ ଦେବାକୁ କୁହାଯାଇଛି । ମତଦାତାଙ୍କୁ କୌଣସି ପ୍ରଲୋଭନ ଦେବା ଉପରେ ଦୃଷ୍ଟି ରଖିବାକୁ କୁହାଯାଇଥିବା ବେଳେ ସୁରକ୍ଷା ବାହିନୀର ସର୍ବୋତ୍ତମ ବ୍ୟବହାର ଓ ଆଇନଶୃଙ୍ଖଳା ଉପରେ କଡା ନଜର ରଖିବାକୁ କୁହାଯାଇଛି । ସେହିଭଳି ରାଜନୈତିକ ଦଳଗୁଡିକୁ ସମାନ ସୁଯୋଗ ଦେବା, ଯଥା ସ୍ଥାନରେ ଫୋର୍ସ ମୁତୟନ, ଇଭିଏମ୍ ଓ ଭିଭିପାଟ ଏବଂ ପୋଲିଂ କର୍ମଚାରୀ ଯଥା ସ୍ଥାନରେ ନିୟୋଜନ, ୮୫ରୁ ଅଧିକ ବୟସ୍କ ଓ ଭିନ୍ନକ୍ଷମଙ୍କ ପାଇଁ ଘରେ ସୁଗମ ମତଦାନ ସୁବିଧା, ପ୍ରାର୍ଥୀମାନଙ୍କୁ ଭୋଟର ତାଲିକା ଦେବା, ମାଇକ୍ରୋ ପର୍ଯ୍ୟବେକ୍ଷକ ନିୟୋଜିତ କରିବା, ସମସ୍ତ ପ୍ରାର୍ଥୀ ବା ସେମାନଙ୍କ ପ୍ରତିନିଧି ସମ୍ମୁଖରେ ଇଭିଏମ୍ ଓ ଭିଭିପାଟକୁ କାର୍ଯ୍ୟକ୍ଷମ କରିବା, ନିଶାଦ୍ରବ୍ୟ ପରିବହନ, ନଗଦ ଟଙ୍କା, ମଦ ଆଦି ଯାଞ୍ଚ କରିବା, ରାଜନୈତିକ ବିଜ୍ଞାପନ ଓ ପେଡ୍ ନ୍ୟୁଜ୍‌ର ପ୍ରାକ୍ ପ୍ରମାଣିକରଣ ପାଇଁ ମନିଟରିଂ କମିଟିର କାର୍ଯ୍ୟ କରିବା, ମିଥ୍ୟା ଖବର ବା ଭୁଲ୍ ସୂଚନାକୁ ସଠିକ୍ ସମୟରେ ରୋକିବା ଆଦି ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି ।

# ରାଜ୍ୟ ମାନ୍ୟତା ପାଇବ ଜମ୍ମୁ-କଶ୍ମୀର

## ହେବ ବିଧାନସଭା ନିର୍ବାଚନ: ପ୍ରଧାନମନ୍ତ୍ରୀ

**ଉଧମପୁର:** ଖୁବ୍‌ଶୀଘ୍ର ଜମ୍ମୁ ଓ କଶ୍ମୀର ରାଜ୍ୟ ମାନ୍ୟତା ଫେରି ପାଇବ । ତା'ପରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ।' ଜମ୍ମୁ ଓ କଶ୍ମୀରର ଉଧମପୁରରେ ଏକ ନିର୍ବାଚନୀ ସଭାରେ ଯୋଗ ଦେବା ଅବସରରେ ଏହି କଥା କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।ସେ କହିଥିଲେ, ମୋଦି ଟିକେ ଦୂର ଚିନ୍ତା କରନ୍ତ । ତେଣୁ ବର୍ତ୍ତମାନ ସୁଦ୍ଧା ଯାହା ସବୁ ହୋଇଛି, ତାହା କେବଳ ଟ୍ରେଲର । ମୋତେ ନୂଆ ଜମ୍ମୁ ଓ କଶ୍ମୀର ଏକ ନୂତନ ଓ ଚମତ୍କାର ଚିତ୍ର ସୃଷ୍ଟି କରିବାରେ ନିମଗ୍ନ ହେବାକୁ ପଡ଼ିବ । ସେ ଦିନ ଆଉ ବେଶୀ ଦୂର ନୁହେଁ ଯେବେ ଜମ୍ମୁ ଓ କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଜମ୍ମୁ ଓ କଶ୍ମୀର ରାଜ୍ୟ ମାନ୍ୟତା ପାଇବ । ଆପଣମାନେ ଆପଣମାନଙ୍କ ସ୍ୱପ୍ନକୁ ନେଇ ଆପଣମାନଙ୍କ ବିଧାୟକ ଓ ମନ୍ତ୍ରୀଙ୍କ ସହିତ ଆଲୋଚନା କରିପାରିବେ ।



ମୋଦି ଆହୁରି କହିଥିଲେ, ଜମ୍ମୁ ଓ କଶ୍ମୀରରେ ଏଥର ଲୋକସଭା ନିର୍ବାଚନ ଆତଙ୍କବାଦ, ବିକ୍ଷୋଭ, ପଥରମାଡ଼ ଓ ସୀମା ସେପଟରୁ ଗୁଳିମାଡ଼ର ଭୟ ବିନା ହେବ । ମୋତେ ବିଶ୍ୱାସ କରନ୍ତୁ, ଗତ ୬୦ ବର୍ଷ ଧରି ଜମ୍ମୁ ଓ କଶ୍ମୀର ଯେଉଁ ସମସ୍ୟାଗୁଡ଼ିକ ଭିତରେ ରହିଛି, ମୁଁ ସେଗୁଡ଼ିକର ସମାଧାନ କରିବି । ମୁଁ ଯେଉଁ ପ୍ରତିଶ୍ରୁତି ଦେଇଥିଲି, ତାହା ଗତ ୧୦ ବର୍ଷରେ ପାଳନ କରାଯାଇଛି ଓ ରାଜ୍ୟରେ ପରିବର୍ତ୍ତନ ଆସିଛି ।ଏହି ଅବସରରେ ସେ ଜମ୍ମୁ ଓ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କଥା କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ, କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ମୁଁ ଚ୍ୟାଲେଞ୍ଜ ଦେଉଛି ଯେ ସେମାନେ ପୁଣି ଥରେ ଜମ୍ମୁ ଓ କଶ୍ମୀରରେ ଧାରା ୩୭୦ ଲାଗୁ କରି ଦେଖାନ୍ତୁ ।ଏହା ସହିତ ପ୍ରଧାନମନ୍ତ୍ରୀ ଏଥର ଲୋକସଭା ନିର୍ବାଚନ ପାଇଁ ଉଧମପୁର ଓ ଜମ୍ମୁରୁ ଯଥାକ୍ରମେ ପ୍ରାର୍ଥୀ ହୋଇଥିବା ଦଳୀୟ ନେତା ଜିତେନ୍ଦ୍ର ସିଂହ ଏବଂ ଯୁଗଳ କିଶୋର ଶର୍ମାଙ୍କୁ ବିଜୟୀ କରାଇବା ପାଇଁ ସଭାରେ ଉପସ୍ଥିତ ଲୋକଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ, କେନ୍ଦ୍ରରେ ଏକ ଦୃ ସରକାର ଗଠନ କରିବାକୁ ପଡ଼ିବ । ତା'ହେଲେ ଦେଶ ସମ୍ମୁଖୀନ ହେଉଥିବା ସମସ୍ତ ସମସ୍ୟାର ସମାଧାନ ହୋଇପାରିବ । ସୂଚନାଯୋଗ୍ୟ, ଉଧମପୁର ଲୋକସଭା ଆସନ ପାଇଁ ଏପ୍ରିଲ ୧୯ ତାରିଖରେ ଭୋଟ୍ ଗ୍ରହଣ ହେବ ।

## ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ପାଇଁ ଷଡଯନ୍ତ୍ର

**ନୂଆଦିଲ୍ଲୀ:** ଦିଲ୍ଲୀର ଆପ୍ ସରକାରଙ୍କୁ ଭାଙ୍ଗିବା ପାଇଁ ବିଜେପି ଷଡଯନ୍ତ୍ର କରୁଛି । ଏଠାରେ ନିର୍ବାଚିତ ସରକାରଙ୍କୁ ଭାଙ୍ଗି ରାଷ୍ଟ୍ରପତି ଶାସନ ଜାରି ପାଇଁ ରାଜନୈତିକ ଷଡଯନ୍ତ୍ର ଆରମ୍ଭ ହୋଇଛି ବୋଲି ଦିଲ୍ଲୀର ମନ୍ତ୍ରୀ ଅତୀଶ କହିଛନ୍ତି ।



ସେ କହିଛନ୍ତି ଯେ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ତାଙ୍କୁ ସୂଚନା ମିଳିଛି, ଅରବିନ୍ଦ କେଜ୍ରିୱାଲଙ୍କ ସରକାରକୁ ଅସ୍ଥିର କରିବା ଲାଗି ଷଡଯନ୍ତ୍ର ଆରମ୍ଭ ହୋଇଛି । କିଛି ବରିଷ୍ଠ ଆଇଏଏସ୍ ଅଧିକାରୀମାନଙ୍କୁ ଦିଲ୍ଲୀରେ ଖାଲିଥିଲେ ବି ନିଯୁକ୍ତି ଦିଆଯାଉନାହିଁ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଛ ମାମଲାରେ ଗିରଫ କରାଯାଇଛି । ତାଙ୍କ ନାମରେ କୌଣସି ପ୍ରମାଣ ନାହିଁ । ଏବେ ନିର୍ବାଚିତ ସରକାରକୁ ଭାଙ୍ଗିବା ଲାଗି ଷଡଯନ୍ତ୍ର ହେଉଛି । କିଛିଦିନ ହେବ ଆମେ ଏହା ଦେଖୁଛୁ । ଶ୍ରୀ କେଜ୍ରିୱାଲଙ୍କ ବ୍ୟକ୍ତିଗତ ସଚିବଙ୍କୁ ହଟାଇ ଦିଆଯାଇଛି । ଏହା ମଧ୍ୟ ଷଡଯନ୍ତ୍ରର ଏକ ଅଂଶବିଶେଷ । ତେବେ ବିଜେପି ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି । ବିଜେପି କହିଛି ଯେ ଦୈନନ୍ଦିନ ଆପ୍ ନୂଆ ଗପ ଶୁଣାଉଛି । ସେପ୍ଟେମ୍ବର ମାସରୁ ମୁଖ୍ୟମନ୍ତ୍ରୀ ଏଲ୍‌ଜିଙ୍କୁ ଭେଟିନାହାନ୍ତି । ଦିଲ୍ଲୀ ହାଇକୋର୍ଟ ମଧ୍ୟ କେଜ୍ରିୱାଲଙ୍କ ଆବେଦନକୁ ଖାରଜ କରିଛନ୍ତି ।

## ବେଙ୍ଗାଲୁରୁ କାଫେ ବିସ୍ଫୋରଣ

## ଦୁଇ ସନ୍ଦିଗ୍ଧଙ୍କୁ ଉଠାଇ ନେଲା ପୋଲିସ୍

**ବେଙ୍ଗାଲୁରୁ:** ଅଭିଯୁକ୍ତମାନେ ଅବଦୁଲ ମଟୀନ ତାହା ଏବଂ ମୁସାବୀର ହୁସେନ ଶାଜିବ ବୋଲି ଜଣାପଡିଛି । ଶାଜିବର ଘର ଶିବାମୋଗଗା ଜିଲ୍ଲାର ତିର୍ଥହାଲୀ ଅଞ୍ଚଳରେ । ସେ ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ହୋଇଥିବା ସନ୍ଦେହ କରୁଛି ତଦନ୍ତକାରୀ ସଂସ୍ଥା । ମାର୍ଚ୍ଚ ୧ରେ କାଫେରେ ଆଇଇଡି ବିସ୍ଫୋରଣ ଘଟିଥିଲା । ଏଥିରେ ୧୦ ଜଣ ଆହତ ହୋଇଥିଲେ । କିଏ ଏବଂ କେଉଁ କାରଣରୁ କାଫେରେ ବିସ୍ଫୋରଣ ଘଟାଇଥିଲା, ତାର ପର୍ଦ୍ଦାଫାସ ପାଇଁ ଏନଆଇକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି । ମାର୍ଚ୍ଚ ୩ରୁ ଏନଆଇଏ ଘଟଣାର ତଦନ୍ତ କରୁଛି । ମାମଲାରେ ଏନଆଇଏ ଏକାଧିକ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଫଟୋ ଜାରି କରିବା ସହ ୨୦ ଲକ୍ଷ ଟଙ୍କାର ପୁରସ୍କାର ର । ଶି ଘୋଷଣା କରିଥିଲା ।



## ସିବିଆଇ ରିମାଣ୍ଡରେ କବିତା: କେଜରିୱାଲଙ୍କୁ ଭେଟିଥିଲେ ମଦ ବ୍ୟବସାୟୀ



**ନୂଆଦିଲ୍ଲୀ:** ବିଆରଏସ୍ ନେତ୍ରୀ କେ କବିତାଙ୍କୁ ସିବିଆଇ ଗତକାଲି ବିଧିବଦ୍ଧ ଭାବେ ଗିରଫ କରିଛି । ଏବେ ସିବିଆଇ କବିତାଙ୍କୁ ରିମାଣ୍ଡରେ ନେଇଛ । ଏପ୍ରିଲ ୧୫ ଯାଏ ସିବିଆଇ ତାଙ୍କୁ ରିମାଣ୍ଡରେ ନେବାକୁ ଅନୁମତି ପାଇଛି । ଦିଲ୍ଲୀର ଗୋଟିଏ କୋର୍ଟରେ ରିମାଣ୍ଡ ପାଇଁ ଆବେଦନ କରିବା ବେଳେ ସିବିଆଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ କବିତାଙ୍କ ସମ୍ପର୍କରେ ବଡ଼ ଦାବି କରିଛି । ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ୧୦୦ କୋଟିର ଲାଞ୍ଚ କାରବାର ପାଇଁ ହୋଇଥିବା ଷଡ଼ଯନ୍ତ୍ରରେ କବିତାଙ୍କ ଭୂମିକା ଥିବା ତଦନ୍ତରୁ ଜଣାପଡ଼ିଛି । ସିବିଆଇ ଅଭିଯୋଗ କରିଛି ଯେ ଦକ୍ଷିଣ ଭାରତର ଜଣେ ବଡ଼ ମଦ ବ୍ୟବସାୟୀ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ତାଙ୍କ ଅଫିସରେ ଭେଟି ସମର୍ଥନ ମାଗିଥିଲେ । ଏହାପରେ କେଜରିୱାଲ ତାଙ୍କୁ କେ କବିତା ଯୋଗାଯୋଗ କରିବେ ବୋଲି କହିଥିଲେ । ସିବିଆଇର କହିବା କଥା ୨୦୨୨ ମାର୍ଚ୍ଚ ୧୬ରେ କେଜରିୱାଲ ଓ ମଦ ବ୍ୟବସାୟୀଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା । ମଦ ବ୍ୟବସାୟୀ ସହାୟତା ମାଗିବାରୁ ଏହା ବଦଳରେ କେଜରିୱାଲ ଟଙ୍କା ମାଗିଥିଲେ । ଏଥିସହ କେ କବିତା ପୂରା ଘଟଣାରେ ତାଙ୍କୁ ଯୋଗାଯୋଗ କରିବେ ବୋଲି କହିଥିଲେ । ଏକଥା ଶୁଣିବା ପରେ କୋର୍ଟ କେ କବିତାଙ୍କୁ ଏପ୍ରିଲ ୧୫ ଯାଏ ସିବିଆଇ ହେପାଜତକୁ ପଠାଇ ଦେଇଛନ୍ତି । ପୂର୍ବରୁ କବିତା ଇଡି ଦ୍ୱାରା ଗିରଫ ହୋଇ ତିହାର ଜେଲରେ ରହିଛନ୍ତି । ସିବିଆଇ ଆହୁରି ଦାବି କରିଛି ଯେ କେ କବିତା ଉକ୍ତ ମଦ ବ୍ୟବସାୟୀଙ୍କୁ ପରବର୍ତ୍ତୀ ଅବସ୍ଥାରେ ଯୋଗାଯୋଗ କରିବା ସହ ହାଇଦ୍ରାବାଦରେ ଦେଖା ହେବାକୁ ଡାକିଥିଲେ । ଏହି ସମୟରେ କବିତା ବ୍ୟବସାୟୀଙ୍କୁ କହିଥିଲେ ଯେ ୧୦୦ କୋଟି ଯୋଗାଡ଼ କରିବାକୁ ପଡ଼ିବ । ଏହା ମଧ୍ୟରୁ ୫୦ କୋଟି ବ୍ୟବସାୟୀ ଜଣଙ୍କ ଦେବେ । ସାଉଥ ଗ୍ରୁପ ଠାରୁ ଘଟଣାର ଅନ୍ୟତମ ଅଭିଯୁକ୍ତ ବିଜୟ ନାଏର ୧୦୦ କୋଟି ଟଙ୍କା ଗ୍ରହଣ କରିଥିଲେ । ସାଉଥ ଗ୍ରୁପରେ କବିତାଙ୍କ ବ୍ୟତୀତ ଶରତ ରେଡ୍ଡୀ, ମଗୁଣ୍ଟା ଶ୍ରୀନିବାସୁଲୁ ରେଡ୍ଡୀ ମଧ୍ୟ ରହିଛନ୍ତି ।

# ଇସ୍ରାଏଲ ଉପରେ ଇରାନ୍‌ର ଆକ୍ରମଣ ଯୋଜନା

**ଜେରୁଜୋଲମ୍:** ଇସ୍ରାଏଲ ଓ ଇରାନ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧ ଆଶଙ୍କା ଘନେଇବାରେ ଲାଗିଛି । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଇସ୍ରାଏଲ ଉପରେ ସିଧାସଳଖ ହମଲା କରିପାରେ ଇରାନ । ତେବେ ଇରାନ ହମଲାର ମୁକାବିଲା ପାଇଁ ଇସ୍ରାଏଲ ମଧ୍ୟ ପ୍ରସ୍ତୁତ ରହିଛି । ଦି ୱାଲ ଷ୍ଟ୍ରିଟ ଜର୍ଣ୍ଣାଲରେ ଶୁକ୍ରବାର ଏପରି ଖବର ପ୍ରକାଶ ପାଇବା ପରେ ମଧ୍ୟପ୍ରାଚ୍ୟରେ ସମସ୍ତଙ୍କ ଛାତି ଧଡ଼ଧଡ଼ ହେବାରେ ଲାଗିଛି ।

ଇସ୍ରାଏଲ ଏବେ ହମାସ ସହ ଗାଜାରେ ଯୁଦ୍ଧ କରୁଛି । ଏପରି ସ୍ଥିତିରେ ଇରାନ ଯଦି ଇସ୍ରାଏଲ ଉପରେ ହମଲା କରେ, ତା'ହେଲେ ସ୍ଥିତି ଆହୁରି ସାଂଘାତିକ ହେବ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି ।

ଇରାନ ସରକାରଙ୍କ ସହ ଜଡ଼ିତ ଜଣେ ଅଧିକାରୀଙ୍କ ବୟାନକୁ ଆଧାର କରି ଆକ୍ରମଣ ସମ୍ପର୍କରେ ୱାଲ ଷ୍ଟ୍ରିଟ ଜର୍ଣ୍ଣାଲରେ ରିପୋର୍ଟ ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଯେ ଆକ୍ରମଣର ବ୍ଲୁ ପ୍ରିଣ୍ଟ ଇରାନର ସୁପ୍ରିମ ଲିଡରଙ୍କ ଆଗରେ ଉପସ୍ଥାପନ କରାଯାଇଛି । ସେ ଆକ୍ରମଣ ସପକ୍ଷରେ ଥିଲେ ହେଁ ଏବେ ରାଜନୀତିକ ବିପଦ ଓ ସ୍ଥିତି କଥା ଆକଳନ କରୁଛନ୍ତି । ତଥାପି ୪୮ ଘଣ୍ଟା ମଧ୍ୟରେ ସେ ଇସ୍ରାଏଲ ଉପରେ ସିଧାସଳଖ ହମଲା ପାଇଁ ଗ୍ରୀନ ସିଗ୍ନାଲ ଦେଇ ପାରନ୍ତି ।



ଆମେରିକାର ଗୁଇନ୍ଦା ସଂସ୍ଥା ମଧ୍ୟ ଇରାନ ଆସନ୍ତା ୨୪ରୁ ଘଣ୍ଟା ମଧ୍ୟରେ ଇସ୍ରାଏଲ ଉପରେ ଆକ୍ରମଣ କରିପାରେ ବୋଲି ଆକଳନ କରିଛି । ସେପଟେ ଇରାନରେ ଇସ୍ରାଏଲ ବିରୋଧୀ ଆନ୍ଦୋଳନ ମଧ୍ୟ ତୀବ୍ର ହେବାରେ ଲାଗିଛି । ଲୋକମାନେ ବିଭିନ୍ନ ସ୍ଥାନରେ ଇସ୍ରାଏଲ ପତାକା ପୋଡ଼ିଛନ୍ତି । ସେହିପରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କୁଶପୁତ୍ତଳିକାକୁ ଫାଶୀ ଖୁଣ୍ଟରେ ଝୁଲାଇଛନ୍ତି । ଏପ୍ରିଲ ୧ରେ ସିରିଆର ଡାମସକସରେ ଥିବା ଇରାନ ଦୂତାବସ ଉପରେ ଇସ୍ରାଏଲ ଏୟାର ଷ୍ଟ୍ରାଇକ କରିଥିବା ଅଭିଯୋଗ ହୋଇଛି । ଏଥିରେ ୨ ଜଣ ଜେନେରାଲଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା । ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନି ଏଥିପାଇଁ ଇସ୍ରାଏଲ ଯେମିତି ହେଲେ ବି ଦଣ୍ଡ ପାଇବ ବୋଲି କହି ସାରିଛନ୍ତି ।

ସ୍ଥିତିକୁ ଦୃଷ୍ଟିରେ ରଖି ଗୁରୁବାର ଜର୍ମାନୀ ଏୟାରଲାଇନ୍ସ ଲୁଫଥାନାସା ଏପ୍ରିଲ ୧୩ ଯାଏ ତେହରାନରୁ ଓ ତେହରାନକୁ ଯାଉଥିବା ବିମାନର ଉଡ଼ାଣକୁ ବନ୍ଦ କରି ଦେଇଛି । ରୁଷ ପକ୍ଷରୁ ମଧ୍ୟ ନିଜର ନାଗରିକଙ୍କୁ ମଧ୍ୟପ୍ରାଚ୍ୟ ବିଶେଷ କରି ଇସ୍ରାଏଲ, ଲେବାନନ ଓ ପାଲେଷ୍ଟାଇନକୁ ନ ଯିବାକୁ କୁହାଯାଇଛି । ସେହିପରି ଉକ୍ତ ଅଞ୍ଚଳରେ ଥିବା ରୁଷ ନାଗରିକଙ୍କୁ କ୍ରେମଲିନ ଅତ୍ୟନ୍ତ ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦେଇଛି । ଆଜି ଆମେରିକା ମଧ୍ୟ ଇସ୍ରାଏଲରେ ରହୁଥିବା ଓ ଇସ୍ରାଏଲ ଯିବାକୁ ଚାହୁଁଥିବା ନିଜ ଦେଶର ଲୋକଙ୍କ ପାଇଁ ଟ୍ରାଭେଲ ଆଡଭାଇଜରୀ ଜାରି କରିଛି ।

## ଦିଲ୍ଲୀ ମୁଖ୍ୟ ଶାସନ ସଚିବଙ୍କ ନାଁରେ ମାମଲା ରୁଜୁ

**ନୂଆଦିଲ୍ଲୀ:** ଦିଲ୍ଲୀ ମୁଖ୍ୟ ଶାସନ ସଚିବ ନରେଶ କୁମାରଙ୍କ ନାଁରେ ରୁଜୁ ହେଲା ମାମଲା । ଏକ ସ୍କାମର ପ୍ରମାଣ ଚୋରି କରିବା ଅଭିଯୋଗରେ ଉତ୍ତରାଖଣ୍ଡର ଅଲମୋରାରେ ଥିବା ଏକ କୋର୍ଟରେ ତାଙ୍କ ନାଁରେ ରୁଜୁ ହୋଇଛି ମାମଲା । ଏହି ଘଟଣାରେ ନରେଶ କୁମାରଙ୍କ ଅଧସ୍ତନ ରାଜଶେଖରଙ୍କ ବିରୋଧରେ ବି ମାମଲା ରୁଜୁ ହୋଇଛି । ଗତ ମାସ ୨ ତାରିଖରେ ଦିଲ୍ଲୀ ମୁଖ୍ୟ ଶାସନ ସଚିବ ନରେଶ କୁମାରଙ୍କ ନାଁରେ ପ୍ଲିଜାଣ୍ଟ ଭାଲି ଫାଉଣ୍ଡେସନ୍ ନାମକ ଏନଜିଓ ତରଫରୁ ହୋଇଥିବା ମାମଲାକୁ କୋର୍ଟ ଗ୍ରହଣ କରିଥିଲେ । ଏନେଇ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରିବାକୁ ସ୍ଥାନୀୟ ରେଭିନ୍ୟୁ ପୁଲିସ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ତରଫରୁ ରୁଜୁ ହୋଇଥିବା ଅଭିଯୋଗ ଅନୁଯାୟୀ. ଡାଡାକାଡ଼ା ଜିଲ୍ଲାରେ ସେମାନଙ୍କ ଦ୍ୱାରା ଏକ ସ୍କୁଲ ପରିଚାଳିତ ହେଉଛି । ଗତ ଫେବୃୟାରୀ ୧୪ ତାରିଖରେ ୪ ଜଣ ଅଜଣା ଦୁର୍ବୃତ୍ତ ଉକ୍ତ ସ୍କୁଲରେ ପଶି ଭଙ୍ଗାରୁଜା କରିବା ସହ ସେଠାରୁ ବହୁ ଡକ୍ୟୁମେଣ୍ଟ, ଫାଇଲ,ପେନ୍ ଡ୍ରାଇଭ ଆଦି ଚୋରି କରି ନେଇଥିଲେ । ଏଥିସହ ଅଫିସ ଡ୍ରରେ ଥିବା ୬୩ ହଜାର ଟଙ୍କା ବି ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗରେ ଏନଜିଓ ପକ୍ଷରୁ କୁହାଯାଇଥିଲା, କାର୍ଯ୍ୟାଳୟରେ ପଶିଥିବା ବ୍ୟକ୍ତିମାନେ ଧମକ ଦେଇଥିଲେ ଯେ ସେମାନଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ପ୍ରତ୍ୟାହାର କରି ନିଆ ନ ଯାଏ ତା' ହେଲେ ସଙ୍ଗଠନ ଅଧିକାରୀଙ୍କୁ ମିଥ୍ୟା ମାମଲାରେ ଫସାଇ ଦେବେ । ଏଥିସହ ସେମାନେ ନିଜ ସହ ଟାଇପ ହୋଇଥିବା କିଛି ଡକ୍ୟୁମେଣ୍ଟ ଆଣିବା ସହ ସେଥିରେ ସାଇନ୍ କରିବାକୁ ବାଧ କରିଥିଲେ ବୋଲି ବି ଅଭିଯୋଗପତ୍ରରେ ଉଲ୍ଲେଖ ହୋଇଥିଲା ।

## ପାକିସ୍ତାନରେ ଆକାଶଛୁଆଁ ଦରଦାମ୍

# ଖାଇବାକୁ ଦେଇ ନପାରି ପତ୍ନୀ ଓ ୭ ପିଲାଙ୍କୁ ହାଣି ଦେଲେ

**ଇସ୍ଲାମବାଦ:** ଭୁଶୁଡ଼ି ପଡ଼ିଲାଣି ପାକିସ୍ତାନର ଆର୍ଥିକ ସ୍ଥିତି । ଆକାଶ ଛୁଆଁ ହେଲାଣି ଦରଦାମ । ଏପରି ସ୍ଥିତିରେ ଲୋକେ ରୋଜଗାର ହରାଉଥିବା ବେଳେ ପରିବାର ଚଳାଇବା କାଠିକର ପାଠ ହୋଇ ପଡୁଛି । ଏପରି ସ୍ଥିତିର ସମ୍ମୁଖିନ ହେଉଥିବା ଜଣେ ପାକିସ୍ତାନ ନାଗରିକ ଘଟାଇଛନ୍ତି ଲୋମ ହର୍ଷଣକାରୀ କାଣ୍ଡ । ବ୍ୟକ୍ତିଜଣକ ଖାଇବାକୁ ଦେବାକୁ ଅସମର୍ଥ ହେବାରୁ ନିଜ ପତ୍ନୀ ଓ ୭ ନାବାଳକ ଛୁଆଙ୍କୁ କୁରାରେ ହାଣି ହତ୍ୟା କରିଛନ୍ତି । ମୃତ ଛୁଆଙ୍କ ମଧ୍ୟରେ ୪ ପୁଅ ଓ ୩ ଝିଅ ଥିବା ଜଣାଯାଇଛି । ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏପରି ଅମାନବୀୟ ଘଟଣା ଘଟିଛି । ଏହି ଘଟଣାରେ ପୁଲିସ୍ ସଜ୍ଜାଦ ଖୋଖର ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିବା ବେଳେ ସେ ନିଜ ଦୋଷ ସ୍ୱୀକାର କରି ସାରିଛନ୍ତି । ସଜ୍ଜାଦଙ୍କ କହିବାନୁଯାୟୀ, ଗତ କିଛି ଦିନ ହେବ ସେ ଖୁବ୍ ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ । ସେ



ବେରୋଜଗାର ହୋଇ ଯାଇଥିବା ବେଳେ ପତ୍ନୀ ଓ ୭ ପିଲାଙ୍କ ମୁହଁରେ ଦାନା ଦେବା ତାଙ୍କ ପାଇଁ କଷ୍ଟକର ହୋଇ ପଡ଼ିଥିଲା । ଏପରିକି ସବୁ ଟଙ୍କା ସରି ଯାଇଥିବାରୁ ପରିବାର କିପରି ପୋଷିବେ, ପିଲାଙ୍କ ମୁହଁରେ କିପରି ଦାନା ଦେବେ ସେହି ଚିନ୍ତା ତାଙ୍କୁ ଘାରିଥିଲା । ଏଥିପାଇଁ ସେ ନିଜ ପରିବାରକୁ ସମୂଳେ ନାଶ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହାପରେ ଜଣ ଜଣ କରି କୁରାଢ଼ିରେ ହାଣି ପତ୍ନୀଙ୍କ ସମେତ ସବୁ ଛୁଆଙ୍କ ଜୀବନ ନେଇଥିବା ପୁଲିସ୍ ସମ୍ମୁଖରେ ସ୍ୱୀକାର କରି ସାରିଛନ୍ତି । ପାକିସ୍ତାନରେ ଅର୍ଥନୀତିକ ସଙ୍କଟ ଉତ୍କଟ ହୋଇ ଯାଇଥିବା ବେଳେ ସ୍ଥିତି ଅଣାୟତ୍ତ ହେବାକୁ ଲାଗିଲାଣି । ଏହାଦ୍ୱାରା ମୁଖ୍ୟତଃ ସାଧାରଣ ଲୋକେ ଅଧିକ ପ୍ରଭାବିତ ହେଉଛନ୍ତି । ଏପରିକି ଅର୍ଥନୀତିକ ସଙ୍କଟର ସମ୍ମୁଖିନ ହୋଇ ସେମାନେ ନିଜ ପରିବାରକୁ ପୋଛି ଦେବାକୁ ପଛାଉ ନାହାନ୍ତି ।

## ସୂଚକାଙ୍କ ୭୯୩ ପଏଣ୍ଟ କମିଲା



**ମୁମ୍ବାଇ :** ଦୁର୍ବଳ ଅନ୍ତର୍ଜାତୀୟ ବଜାର ପ୍ରଭାବରୁ ଭାରତୀୟ ଷ୍ଟକ ବଜାରରେ ଆଜି ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି । ଆଜିର କାରବାର ଶେଷରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସ ୭୯୩.୨୫ ପଏଣ୍ଟ ହ୍ରାସ ପାଇ ୭୪୨୪୪.୯୦ ସ୍ତରରେ ବନ୍ଦ ହୋଇଛି । ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ବେଞ୍ଚମାର୍କ ନିଫ୍ଟି ମଧ୍ୟ ୨୩୪.୪୦ ପଏଣ୍ଟ ହ୍ରାସ ପାଇ ୨୨୫୧୯.୪୦ ସ୍ତରରେ ବନ୍ଦ ହୋଇଛି । ବିଏସଇ ମିଡକ୍ୟାପ୍ ଏବଂ ସ୍ମଲକ୍ୟାପ୍ ସୂଚକାଙ୍କ କାରବାର ଅଧିବେଶନରେ ୦.୫ ପ୍ରତିଶତ ହ୍ରାସ ପାଇଛି । ନିଫ୍ଟି ବ୍ୟାଙ୍କ ୪୨୨ ପଏଣ୍ଟ ବା ୦.୮୬% ହ୍ରାସ ପାଇ ୪୮,୫୬୪.୫୫ରେ ବନ୍ଦ ହୋଇଛି । ଆଇଟି କମ୍ପାନୀ ଟିସିଏସର ମାର୍ଚ୍ଚ ତ୍ରୈମାସିକ ସଂଖ୍ୟା ମଧ୍ୟ ଭାରତୀୟ ଷ୍ଟକ ବଜାରରେ ହ୍ରାସ ଆଣିବାରେ ଏକ କାରଣ ସାଜିଛି ବୋଲି ମନେକରାଯାଉଛି । ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ତୈଳ, ଗ୍ୟାସ, ଏଫଏମସିଜି ଓ ଫାର୍ମା କମ୍ପାନୀର ସେୟାରରେ ବିକ୍ରି ଦେଖିବାକୁ ମିଳିଥିଲା । ଏହି କାରବାର ସମୟରେ ଡିଭିଜ୍ ଲ୍ୟାବ୍ସ, ବଜାଜ ଅଟୋ, ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ, ଟାଟା ମୋଟର୍ସ ଏବଂ ଟିସିଏସ୍ ପ୍ରମୁଖ ନିଫ୍ଟି ୫୦ କମ୍ପାନୀ ମଧ୍ୟରେ ଥିଲେ । ଅନ୍ୟପକ୍ଷରେ ନିଫ୍ଟି-୫୦ରେ ସନ୍ ଫାର୍ମା, ମାରୁତି ସୁଜୁକି, ପାୱାର ଗ୍ରିଡ୍, ଟାଇଟାନ୍ ଓ ଓଏନ୍‌ଜିସି ର ସେୟାର ବଡ଼ ଧରଣର ପଛରେ ପଡ଼ିଛି ।

## କିଙ୍ଗ୍ କପ୍

# ଦ.କୋରିଆକୁ ହରାଇଲା ଭାରତ



ନୂଆଦିଲ୍ଲୀ,୧୨।୪(ଏଜେନ୍ସି): ଚୀନ୍‌ର ବିଲି ଟାଙ୍ଗସାରେ ଚାଲିଥିବା ଏସିଆ ଓସେନିଆ ଗ୍ରୁପ୍ ଏ' ବିଲି ଜନ୍ କିଙ୍ଗ୍ସ କପ୍‌ରେ ଭାରତ ତୃତୀୟ ବିଜୟ ହାସଲ କରିଛି । ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍ ଟାଇରେ ଭାରତ ୨-୧ ବ୍ୟବଧାନରେ ଦ.କୋରିଆକୁ ହରାଇଥିଲା । ଏହି ବିଜୟ ସହ ଭାରତ ପୁଲ ଏ'ର ଦ୍ୱିତୀୟ ସ୍ଥାନରେ ରହିଛି । ପୁଲ ପର୍ଯ୍ୟାୟରେ ଭାରତ ୩ଟି ମ୍ୟାଚ ଜିତିଥିବା ବେଳେ ଗୋଟିଏ ମ୍ୟାଚ ହାରିଛି । ବିଶ୍ୱ ମାନ୍ୟତାର ୩୭୯ତମ ସ୍ଥାନରେ ଥିବା ଟେନିସ୍ ଖେଳାଳି ରୁତୁଜା ଭୋସଲେ ୬-୨, ୬-୨ ସେଟ୍‌ରେ କୋରିଆର ସୋୟୁନ ପାର୍କଙ୍କୁ ଧରାଶାୟୀ କରି ୧-୦ରେ ଭାରତକୁ ଆଗୁଆ କରିଥିଲେ । ପରବର୍ତ୍ତୀ ମ୍ୟାଚରେ ଅଙ୍କିତା ରାଇନା ୨-୬, ୩-୬ ସେଟ୍‌ରେ ସୁଜେଅଙ୍ଗ ଜାଙ୍ଗ'ଙ୍କ ନିକଟରୁ ପରାଜିତ ହେବାରୁ କୋରିଆ ମ୍ୟାଚକୁ ୧-୧ ସ୍ଥିତିକୁ ଆଣିଥିଲା । ଡବଲ୍ସ ମୁକାବିଲାରେ ଅଙ୍କିତା ଓ ପ୍ରାର୍ଥନା ଥୋମ୍ବରେଙ୍କ ଯୋଡି ୬-୪, ୬-୪ ସେଟ୍‌ରେ କୋରିଆର ପାର୍କ ଓ ଡବିନ କିମଙ୍କୁ ହରାଇଥିଲେ । ଏହି ମ୍ୟାଚ ଜିତିବା ପାଇଁ ଅଙ୍କିତା-ପ୍ରାର୍ଥନାଙ୍କୁ ୧ ଘଣ୍ଟା ୩୩ ମିନିଟ୍ ସମୟ ଲାଗିଥିଲା । ଏହି ବିଜୟ ସହ ଭାରତ ୨-୧ରେ ମ୍ୟାଚ ଜିତିଛି । ପୂର୍ବରୁ ପାସିଫିକ୍ ଓସେନିଆଙ୍କୁ ୩-୦ରେ ଓ ଚାଇନିଜ ତାଇପେଇକୁ ୨-୧ରେ ହରାଇଥିବା ବେଳେ ଚୀନ୍ ନିକଟରୁ ୩-୦ ବ୍ୟବଧାନରେ ଭାରତ ହାରିଯାଇଥିଲା । ଗ୍ରୁପ୍ ଏ'ର ଶ୍ରେଷ୍ଠ ୨ ଦଳ ପ୍ଲେଅଫ୍ସ ଯୋଗ୍ୟତା ଅର୍ଜନ କରିବେ । ଅନ୍ୟ ଦୁଇଟି ଦଳ ୨୦୨୫ ନିମନ୍ତେ ଗ୍ରୁପ ୨ରେ ସ୍ଥାନ ପାଇବେ । ଶନିବାର ଭାରତୀୟ ଖେଳାଳି ଶେଷ ଗ୍ରୁପ୍ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଭେଟିବେ ।

# ଲକ୍ଷ୍ନୌ ଧରାଶାୟୀ, କ୍ୟାପିଟାଲ୍ସର ୨ୟ ବିଜୟ

ଲକ୍ଷ୍ନୌ,୧୨।୪(ଏଜେନ୍ସି): ଆଇପିଏଲର ୨୬ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ସହଜବିଜୟ ହାସଲ କରିଛି । ଲକ୍ଷ୍ନୌ ସୁପରଜ୍ୟାଣ୍ଟସକୁ ତା'ର ଘରୋଇ ମାଟିରେ ୧୧ଟି ବଲ୍ ପୂର୍ବରୁ ୬ ୱିକେଟ୍‌ରେ ପରାଜିତ କରି ଚଳିତ ଆଇପିଏଲ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଛି କ୍ୟାପିଟାଲ୍ସ । ଏହି ମ୍ୟାଚରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ୨୦ ଓଭରରେ ୭ ୱିକେଟ୍ ହରାଇ ୧୬୭ ରନ୍ ସଂଗ୍ରହ କରିଥିଲା । ଜବାବରେ ଦିଲ୍ଲୀ

## ଆଇପିଏଲ୍ ମହାସମର



କ୍ୟାପିଟାଲ୍ସ ଟ୍ରିଷ୍ଟାନ ଷ୍ଟୁବସଙ୍କ ଛକା ସହାୟତାରେ ୧୮.୧ ଓଭରରେ ୪ ୱିକେଟ୍ ହରାଇ ୧୭୦ ରନ୍ କରିବା ସହ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ପରାଜୟ ସହ ଲକ୍ଷ୍ନୌ ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନକୁ ଖସିଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ନବମ ସ୍ଥାନକୁ ଉଠିଛି ।

ଅଟଳ ବିହାରୀ ବାଜପେୟୀ ଏକନା ଷ୍ଟାଡିୟମ୍‌ରେ ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । କ୍ୱିଣ୍ଟନ ଡିକକ୍‌ଙ୍କ ସହ ଲୋକେଶ ରାହୁଲ ପ୍ରଥମ ୱିକେଟ୍ ପାଇଁ ୨୮ ରନ୍ ସଂଗ୍ରହ କରିଥିବା ବେଳେ ଡିକକ୍‌ଙ୍କୁ ଆଉଟ୍ କରି ଖଲିଲ ଅହମ୍ମଦ ପ୍ରାରମ୍ଭିକ ସଫଳତା ଦେଇଥିଲେ । ଡିକକ୍ ୧୩ ବଲ୍‌ରୁ ୧୯ ରନ୍ ଓ ଲୋକେଶ ରାହୁଲ ୨୨ ବଲ୍‌ରୁ ୩୯ ରନ୍ କରି ଆଉଟ୍ ହେବା ପରେ ଆଉ ୩ ୱିକେଟ୍ ଶୀଘ୍ର ଝଡି ଯାଇଥିଲା । ଦେବଦୂତ ପଡ଼ିକାଲ ୩, ମାର୍କସ ଷ୍ଟୋଇନିସ୍ ୮, ନିକୋଲାସ ପୁରନ ୦ ଓ ଦୀପକ ହୁଡା ୧୦ ରନ୍ କରି ଆଉଟ୍ ହେବାରୁ ୮୯ ରନ୍ ମଧ୍ୟରେ ୬ ୱିକେଟ୍ ହରାଇଥିଲା ଲକ୍ଷ୍ନୌ । ପୁଣି କ୍ରୁନାଲ ପାଣ୍ଡ୍ୟା ୩ ରନ୍ କରି ପାଭିଲିୟନ୍ ଫେରିବାରୁ ଲକ୍ଷ୍ନୌ ବଡ଼ ସ୍କୋରରେ ପହଞ୍ଚିପାରିବ ନାହିଁ ବୋଲି ଆକଳନ କରାଯାଇଥିଲା । କିନ୍ତୁ ଶେଷ ଭାଗରେ ଆୟୁଷ ବଦୋନୀଙ୍କ ଦମଦାର ଇନିଂସ ଯୋଗୁଁ ଲକ୍ଷ୍ନୌ ୧୬୭ ରନ୍‌ରେ ପହଞ୍ଚିପାରିଥିଲା । ବଦୋନୀ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୩୫ ବଲ୍‌ରୁ ୫ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୫୫ ରନ୍ କରିଥିଲେ । ସେହିଭଳି ଅର୍ଶଦ ଖାନ୍ ୧୬ ବଲ୍‌ରୁ ୨୦ ରନ୍ କରିବାରୁ ଲକ୍ଷ୍ନୌ ସମ୍ମାନଜନକ ସ୍ଥିତିରେ ପହଞ୍ଚିପାରିଥିଲା । ବୋଲିଂରେ ଦିଲ୍ଲୀ କ୍ୟାପିଟାଲ୍ସର କୁଲଦୀପ ଯାଦବ ସର୍ବାଧିକ ୩ଟି, ଖଲିଲ ଅହମ୍ମଦ ୨ଟି, ଇଶାନ୍ତ ଶର୍ମା ଓ ମୁକେଶ କୁମାର ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୧୬୮ ରନର ବିଜୟଲକ୍ଷ୍ୟକୁ ପିଛା କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ । ଓପନର ପୃଥ୍ୱୀ ଶ'ଙ୍କ ସହ ଡେଭିଡ ୱାର୍ଣ୍ଣର ପାଳି ଆରମ୍ଭ କରିଥିଲେ । ୱାର୍ଣ୍ଣର ୯ ବଲ୍‌ରୁ ୮ ରନ୍ କରି ଯଶ ଠାକୁରଙ୍କ ଶିକାର ହୋଇଥିବା ବେଳେ ଭଲ ଲୟରେ ଥିବା ପୃଥ୍ୱୀ ଶ' ୨୨ ବଲ୍‌ରୁ ୬ଟି ଚୌକା ସହାୟତାରେ ୩୨ ରନ୍ କରିଥିଲେ । ମଧ୍ୟମକ୍ରମରେ ଜାକ୍ ଫ୍ରାସର ମ୍ୟାକଗର୍କ ଓ ଅଧିନାୟକ ରିଷଭ ପନ୍ତ ଉପଯୋଗୀ ଇନିଂସ ଖେଳି ଦଳ ବିଜୟକୁ ସହଜ କରିଥିଲେ । ଜ୍ୟାକ୍ ୩୫ ବଲ୍‌ରୁ ୨ ଚୌକା ଓ ୫ ଛକା ସହାୟତାରେ ୫୫ ରନ୍ କରିଥିବା ବେଳେ ରିଷଭ ପନ୍ତ ୨୪ ବଲରୁ ୪ଟି ଚୌକା ଓ ୨ଟି ଛକା ସହାୟତାରେ ୪୧ ରନ୍ କରିଥିଲେ । ପନ୍ତ ଆଉଟ୍ ହେବା ବେଳେକୁ ଦଳୀୟ ସ୍କୋର ୧୪୬ ରନ୍‌ରେ ପହଞ୍ଚିଥିଲା । ଟ୍ରିଷ୍ଟାନ ଷ୍ଟୁଭସ ୯ ବଲ୍‌ରୁ ୧୫ ଓ ସାଇ ହୋପ୍ ୧୦ ବଲ୍‌ରୁ ୧୧ ରନ୍ କରି ଦଳକୁ ଦ୍ୱିତୀୟ ବିଜୟ ଦେଇଥିଲେ । ବୋଲିଂରେ ଲକ୍ଷ୍ନୌର ରବି ବିଷ୍ଣୋଇଙ୍କ ସର୍ବାଧିକ ୨ ୱିକେଟ୍ ସଫଳତା ମିଳିଥିଲା ।

### ଆଜିର ମ୍ୟାଚ

ପଞ୍ଜାବ-ରାଜସ୍ଥାନ
ସମୟ: ରାତି ୭.୩୦
ସ୍ଥାନ: ମୁଲାନପୁର
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୫ | ୪ | ୧ | ୮ |
| କୋଲକାତା | ୪ | ୩ | ୧ | ୬ |
| ଚେନ୍ନାଇ | ୫ | ୩ | ୨ | ୬ |
| ଲକ୍ଷ୍ନୌ | ୫ | ୩ | ୨ | ୬ |
| ସନ୍‌ରାଇଜର୍ସ | ୫ | ୩ | ୨ | ୬ |
| ଗୁଜରାଟ | ୬ | ୩ | ୩ | ୬ |
| ମୁମ୍ବାଇ | ୫ | ୨ | ୩ | ୪ |
| ପଞ୍ଜାବ | ୫ | ୨ | ୩ | ୪ |
| ଦିଲ୍ଲୀ | ୬ | ୨ | ୪ | ୪ |
| ବେଙ୍ଗାଲୁରୁ | ୬ | ୧ | ୫ | ୨ |

# ୨୦୨୭ ବିଶ୍ୱକପ୍ ଖେଳିବେ ରୋହିତ !

ମୁମ୍ବାଇ,୧୨।୪(ଏଜେନ୍ସି): ୨୦୨୩ ଭାରତୀୟ କ୍ରିକେଟ୍ ପ୍ରେମୀଙ୍କ ପାଇଁ ଅଶୁଭ ଥିଲା । ଭଲ ପ୍ରଦର୍ଶନ ସତ୍ତ୍ୱେ ଭାରତ ଦିନିକିଆ ବିଶ୍ୱକପ୍ ଓ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ପରାଜିତ ହୋଇ ଉପବିଜେତାରେ ସନ୍ତୁଷ୍ଟ ହୋଇଥିଲା । ରୋହିତ ଶର୍ମା ଦଳର ନେତୃତ୍ୱ ନେଇଥିଲେ । ଏବେ ରୋହିତଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପ୍ ଖେଳିବାକୁ ଯାଉଛି । ଚଳିତ ଆଇପିଏଲ୍‌ରେ ରୋହିତ ତାଙ୍କ ଭବିଷ୍ୟତ ନେଇ ସୂଚନା ଦେଇଛନ୍ତି । ମୁଁ ଏବେ ଭଲ କ୍ରିକେଟ୍ ଖେଳୁଛି । ଯଦି ଫିଟ୍ ଥାଏ ତେବେ ୨୦୨୭ ବିଶ୍ୱକପ୍ ଓ ୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ଖେଳିବି ବୋଲି ଦୃଢ଼ତାର ସହ କହିଛନ୍ତି ରୋହିତ । ବିଶ୍ୱକପ୍ ପରାଜୟ ଏବେ ବି ମନରୁ ଯାଇ ନାହିଁ । ଅଳ୍ପକେ ଆମେ ବିଶ୍ୱବିଜେତା ଟାଇଟଲ ହାତଛଡା କରିଥିଲୁ । ଟି-୨୦ ଅପେକ୍ଷା ଦିନିକିଆ ବିଶ୍ୱକପ୍‌ର ମଜା ଅଲଗା । ଆଇପିଏଲ୍‌ର ଆରମ୍ଭରୁ ଯେଉଁ କେତେ ଜଣ ଖେଳାଳି କ୍ରମାଗତ ଖେଳିବା ଜାରି ରଖିଛନ୍ତି । ସେମାନଙ୍କ ମଧ୍ୟରେ ରୋହିତ ଶର୍ମା ଅନ୍ୟତମ । ଆଇପିଏଲ୍ ସମ୍ପର୍କରେ ରୋହିତ କହିଛନ୍ତି କୌଣସି ଟିମ୍‌କୁ ଅଣଦେଖା କରିହେବ ନାହିଁ । ଆଧୁନିକ କ୍ରିକେଟ୍‌ର ରୂପରେଖ ଆଇପିଏଲ୍ ବଦଳାଇ ଦେଇଛନ୍ତି ବୋଲି ରୋହିତ କହିଛନ୍ତି ।

# ଚିଫ୍ ଡି ମିଶନ ପଦରୁ ଓହରିଲେ ମେରିକମ୍

ନୂଆଦିଲ୍ଲୀ,୧୨।୪(ଏଜେନ୍ସି): କିମ୍ବଦନ୍ତୀ ମହିଳା ବକ୍ସର ଏମ୍‌ସି ମେରିକମ୍ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତର ଚିଫ୍ ଡି ମିଶନ ଦାୟିତ୍ୱ ପାଇଥିଲେ । କିନ୍ତୁ ଶୁକ୍ରବାର ଏହି ଦାୟିତ୍ୱରୁ ସେ ଓହରି ଯାଇଛନ୍ତି । ତାଙ୍କୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳର ସବୁ ଦାୟିତ୍ୱ ବୁଝିବାକୁ ଚିଫ୍ ଡି ମିଶନ ଭାବେ ନିଯୁକ୍ତି ମିଳିଥିଲା । ସେ ନିଜ ପ୍ରତିଶ୍ରୁତିରୁ ଓହରି ଯାଇଥିବାରୁ ଦୁଃଖ ପ୍ରକାଶ କରିଛନ୍ତି । କିନ୍ତୁ ତାଙ୍କ



ପାଖରେ ପଦ ଛାଡିବା ବ୍ୟତୀତ ଆଉ କିଛି ବିକଳ୍ପ ନଥିଲା ବୋଲି କହିଛନ୍ତି । ବ୍ୟକ୍ତିଗତ କାରଣ ପାଇଁ ସେ ପଦ ଛାଡିବା ସୂଚନା ଦେଇଛନ୍ତି ।

ଗତ ମାର୍ଚ୍ଚରେ ମେରିକମ୍‌କୁ ଭାରତୀୟ ଅଲିମ୍ପିକ୍ସ ଆସୋସିଏସନ୍ ଚିଫ୍ ଡି ମିଶନ ଭାବେ ନିଯୁକ୍ତି ଦେଇଥିଲା । ସେ ଅଲିମ୍ପିକ୍ସରେ ଭାଗ ନେବାକୁ ଥିବା ଆଥଲେଟ୍ସଙ୍କ ମେଣ୍ଟର ଭାବେ କାମ୍ କରିଥାନ୍ତି । ତାଙ୍କ ଡେପ୍ୟୁଟି ଭାବେ ଶିବା କେଶବଙ୍କୁ ଦାୟିତ୍ୱ ମିଳିଥିଲା । ଭାରତୀୟ ବକ୍ସିଂ ପ୍ରତି ମେରିକମ୍‌ଙ୍କ ଅବଦାନକୁ ଦୃଷ୍ଟିରେ ରଖି ଆଇଓଏ ତାଙ୍କୁ ଅଲିମ୍ପିକ୍ସର ଚିଫ୍ ଡି ମିଶନ ଭାବେ ଦାୟିତ୍ୱ ଦେଇଥିଲା । ସେ ଜାତୀୟ ଦଳର ମୁଖ୍ୟ ଭାବେ କାମ କରିଥାନ୍ତେ । ଟିମ୍‌କୁ ଆଗେଇ ନେବାଠୁ ଆରମ୍ଭ କରି ଖେଳାଳିଙ୍କ ଭଲ ମନ୍ଦ ସବୁ କିଛି ବୁଝିଥାନ୍ତେ । ସେ ହଠାତ ପଦ ଛାଡିବା ସମସ୍ତଙ୍କୁ ହତ ଚକିତ କରିଛି । ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ଟେବୁଲ ଟେନିସ୍ ଖେଳାଳି ଶରତ କମଲ ଭାରତର ଧ୍ୱଜାବାହକ ସାଜିବେ ।


SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606


# ନିରାଶ କରୁଛନ୍ତି ଦାମୀ ଖେଳାଳି

ମୁମ୍ବାଇ,୧୨।୪(ଏଜେନ୍ସି): ଚଳିତ ଆଇପିଏଲ୍‌ରେ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ୬ ଜଣ ଖେଳାଳି କିଣା ହୋଇଥିଲେ । ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ଚେନ୍ନାଇ ସୁପରକିଙ୍ଗ୍ସ ଓ ଗୁଜରାଟ ଟାଇଟନ୍ସ ଆବଶ୍ୟକତାଠାରୁ ଅଧିକ ଅର୍ଥ ଲଗାଇବା ମହଙ୍ଗା ସାବ୍ୟସ୍ତ ହୋଇଛି । କୋଲକାତା ନାଇଟ ରାଇଡର୍ସ ମିଚେଲ ଷ୍ଟାର୍କଙ୍କୁ ୨୪.୭୫ କୋଟି ଟଙ୍କାରେ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ପାର୍ଟ କୁମିନ୍ସଙ୍କୁ ୨୦.୫୦ କୋଟି ଟଙ୍କାରେ ନିଲାମରୁ କିଣି ଥିଲା । କୁମିନ୍ସଙ୍କ ପ୍ରଦର୍ଶନ ଠିକ୍‌ଠାକ୍ ଥିବା ବେଳେ ସବୁଠୁ ଅଧିକ ନିରାଶ କରିଛନ୍ତି କାମେରନ୍ ଗ୍ରୀନ୍ । ବେଙ୍ଗାଲୁରୁ ତାଙ୍କୁ ୧୭.୫୦ କୋଟି ଟଙ୍କାରେ କିଣି ଥିଲା । ଏହି ଦାମୀ ଖେଳାଳି ୫ ମ୍ୟାଚରେ ୬୮ ରନ୍ ଦେଇ କୌଣସି ୱିକେଟ୍ ନେଇନାହାନ୍ତି । ମୁମ୍ବାଇ ବିପକ୍ଷରେ ଦଳ ତାଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ଦେଇନଥିଲା । ୧୧ କୋଟି ଟଙ୍କାରେ କିଣା ହୋଇଥିବା ଅଲଜାରି ଜୋସେଫ ଓ ଗ୍ଲେନ୍ ମ୍ୟାକ୍ସୱେଲ ମଧ୍ୟ ଆର୍‌ସିବିକୁ ଅସୁବିଧାରେ ପକାଇଛନ୍ତି । ମ୍ୟାକ୍ସୱେଲ ୬ ମ୍ୟାଚରେ ୩୨ ରନ୍ କରିଥିବା ବେଳେ ଜୋଶେଫ ୩ଟି ମ୍ୟାଚ ଖେଳି ବେଶ ମହଙ୍ଗା ସାବ୍ୟସ୍ତ ହୋଇଥିଲେ । ତେଣୁ ଜୋଶେଫଙ୍କ ସ୍ଥାନରେ ଟପ୍‌ଲେଙ୍କୁ ଖେଳାଇଥିଲା ଆର୍‌ସିବି । ଚେନ୍ନାଇ ଡାରେଲ ମିଚେଲଙ୍କୁ ୧୪ କୋଟି ଟଙ୍କାରେ କିଣି ଥିଲା । ସେ ୫ଟି ମ୍ୟାଚରେ କେବଳ ୧୧୮ ରନ୍ କରିଛନ୍ତି । ଗୁଜରାଟ ଟାଇଟନ୍ସର ଜନସନ୍‌ର ୪ଟି ମ୍ୟାଚ ଖେଳି ୩ ୱିକେଟ୍ ନେଇଛନ୍ତି । ତାଙ୍କୁ ଦଳ ୧୦ କୋଟି ଟଙ୍କାରେ କିଣି ଥିଲା । ହର୍ସାଲ ପଟେଲ ୧୧.୭୫ କୋଟି, ସମୀର ରିଜଭି ୮.୪୦ କୋଟି ଓ ରିଲି ରୋସୋ ୮ କୋଟି ଟଙ୍କାରେ କିଣା ଯାଇଥିଲେ ମଧ୍ୟ ସେଭଳି ଆଖିଦୃଶିଆ ପ୍ରଦର୍ଶନ ଦେଖାଇ ପାରିନାହାନ୍ତି । ୨୦ ଲକ୍ଷ ଟଙ୍କାରେ କିଣା ଯାଇଥିବା ଖେଳାଳି ତାଙ୍କ ଦଳକୁ ପ୍ରଦର୍ଶନ ବଳରେ ବିଜୟୀ କରାଉଛନ୍ତି । ଗୁଜରାଟର ସାଇ ସୁଦର୍ଶନ, ପଞ୍ଜାବ କିଙ୍ଗ୍ସର ଶଶାଙ୍କ ସିଂ ଓ ଆଶୁତୋଷ ଶର୍ମା ଅନ୍ୟତମ । କିଛି ଯୁବ ଖେଳାଳିଙ୍କ ପ୍ରଦର୍ଶନ ଏଥର ଦାମୀ ଖେଳାଳିଙ୍କ ଉପରେ ମହଙ୍ଗା ପଡ଼ିଛି । ୨୦୨୪ ଶେଷ ଭାଗରେ ପରବର୍ତ୍ତୀ ସଂସ୍କରଣ ନିମନ୍ତେ ଖେଳାଳି ନିଲାମ ହେବ । ତେଣୁ ଏହି ସଂସ୍କରଣର ବହୁ ଖେଳାଳି ଆଇପିଏଲ୍‌ରୁ ଅଲୋଡା ହେବେ ବୋଲି ଆଶା କରାଯାଉଛି ।







Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


# ହକି ଶୃଙ୍ଖଳା ପୁଣି ହାରିଲା ଭାରତ

ନୂଆଦିଲ୍ଲୀ,୧୨।୪(ଏଜେନ୍ସି): ଅଷ୍ଟ୍ରେଲିଆଗସ୍ତରେ ଭାରତୀୟ ହକି ଦଳର ନିରାଶଜନକ ପ୍ରଦର୍ଶନ ଜାରି ରହିଛି । ଶୁକ୍ରବାର ପୁରୁଷ ହକି ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚରେ ଭାରତ ୧-୩ ଗୋଲ୍‌ରେ ଘରୋଇ ଅଷ୍ଟ୍ରେଲିଆ ନିକଟରୁ ହାରି ଯାଇଛି । ମ୍ୟାଚର ଦ୍ୱାଦଶ ମିନିଟ୍‌ରେ ଅଧିନାୟକ ହରମନପ୍ରୀତ ସିଂଙ୍କ ଗୋଲ୍ ଜରିଆରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଥିଲା । କିନ୍ତୁ ଦଳର ଏହି ଖୁସି ବେଶି ସମୟ ରହିନଥିଲା । ୧୯ତମ ମିନିଟ୍‌ରେ ଜେରମୀ ହେୱାର୍ଡ ଗୋଲ କରି ମ୍ୟାଚକୁ ୧-୧ ସ୍ଥିତିକୁ ଆଣିଥିଲେ । ପ୍ରଥମାର୍ଦ୍ଧ ଖେଳ ବରବରା ସ୍ଥିତିରେ ରହିଥିଲା । ମ୍ୟାଚର ୪୭ତମ ମିନିଟ୍‌ରେ ଜେରମୀ ହେୱାର୍ଡ ବ୍ୟକ୍ତିଗତ ଦ୍ୱିତୀୟ ତଥା ଜ୍ୟାକ ୱେଲଚ୍ ୫୪ ମିନିଟ୍‌ରେ ଗୋଲ୍ କରିବାରୁ ଅଷ୍ଟ୍ରେଲିଆ ୩-୧ ଗୋଲ୍ ବ୍ୟବଧାନରେ ମ୍ୟାଚ ଜିତିଛି । ପ୍ରଥମ ମ୍ୟାଚରେ ଭାରତ ୧-୫ ଗୋଲ୍‌ରେ ହାରିଥିଲା । ୨ୟ ମ୍ୟାଚରେ ୨-୪ ଏବଂ ତୃତୀୟ ମ୍ୟାଚରେ ୧-୨ ଗୋଲ୍‌ରେ ତଥା ଶୁକ୍ରବାର ୧-୩ ଗୋଲ୍‌ରେ ପରାଜିତ ହେବା ସହ ଏହି ଟେଷ୍ଟ ଶୃଙ୍ଖଳା ହାତଛଡା କରିଛି ଭାରତ । ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳା ଅତିବ ଗୁରୁତ୍ୱପୂର୍ଣ୍ଣ ଥିଲା । କିନ୍ତୁ ଭାରତୀୟ ଖେଳାଳି ଆଶାନୁରୂପ ପ୍ରଦର୍ଶନ ଦେଖାଇପାରିନାହାନ୍ତି । ଶନିବାର ଟେଷ୍ଟ ଶୃଙ୍ଖଳାର ଶେଷ ତଥା ପଞ୍ଚମ ମ୍ୟାଚ ଖେଳାଯିବ ।

# କଳାହାଣ୍ଡି କପ୍: ଭଦ୍ରକ, ଅନୁଗୁଳ, ପାରାଦୀପ ବିଜୟୀ

ଭୁବନେଶ୍ୱର,୧୨।୪(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଘରୋଇ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ୍ ପ୍ରିଲିମିନାରୀ ଲିଗ୍‌ର ଚତୁର୍ଥ ପର୍ଯ୍ୟାୟ ଗୋଲ୍ଡ ଏ' ବର୍ଗରେ ଶୁକ୍ରବାର ଭଦ୍ରକ, ଅନୁଗୁଳ ଓ ପାରାଦ୍ୱୀପ ବିଜୟୀ ହୋଇଛନ୍ତି ।

ରେଭେନ୍ସା ନଂ.୧ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୨ ୱିକେଟ୍‌ରେ ବୌଦ୍ଧକୁ ହରାଇଛି । ଏହି ମ୍ୟାଚରେ ବୌଦ୍ଧ ୫୦ ଓଭରରେ ୮ ୱିକେଟ୍ ହରାଇ ୨୧୬ ରନ୍ କରିଥିଲା । ଜବାବରେ ଭଦ୍ରକ ୪୪ ଓଭରରେ ୮ ୱିକେଟ୍ ହରାଇ ୨୧୭ ରନ୍ କରି ବିଜୟୀ ହୋଇଥିଲା । ଡ୍ରିମ୍ସ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ଅନୁଗୁଳ ୧ ୱିକେଟ୍‌ରେ କିଟ୍‌କୁ ହରାଇଛି । ପ୍ରଥମେ ବ୍ୟାଟିଂ କରି କିଟ୍ ୪୭ ଓଭରରେ ୮ ୱିକେଟ୍ ହରାଇ ୨୮୬ ରନ୍ କରିଥିଲା । ରାଜେଶ ସାହୁ ୧୦୩ ରନ୍ କରିଥିଲେ । ଜବାବରେ ଅନୁଗୁଳ ୪୬.୫ ଓଭରରେ ୨୮୭/୯ ରନ୍ କରି ଜିତିଥିଲା ।



ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚରେ ପାରାଦୀପ ୫ ୱିକେଟ୍‌ରେ ବରଗଡ଼କୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ବରଗଡ଼ ୩୮.୫ ଓଭରରେ ୧୫୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ପାରାଦୀପ ୨୮.୧ ଓଭରରେ ୧୫୮/୫ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା ।


ସୂଚନା
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି